ପୃଷ୍ଠା-୮+୮

48

ଧରିତ୍ରୀ

DHARITRI

୪୮

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Tuesday, December 7/2021 | ★★

୧୭ଶ ଭାଗ ୩୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

KP GROUP
Quality Since 1965

कमला पसन्द

ସିଲ୍‌ଭର କୋଟେଡ୍ ଇଲାଇଚି

KAMLA PASAND
Saffron Blended
SILVER COATED ELAICHI

KAMLA PASAND

Saffron Blended

KP GROUP
Quality Since 1965

SILVER COATED ELAICHI

Anokha Swad

THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.

Watch at: YouTube

KP GROUP
Quality Since 1965

Safal

PAN MASALA

କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ

ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

48

ଧରିତ୍ରୀ

DHARITRI

୪୮

ମଙ୍ଗଳବାର, ଡିସେମ୍ବର ୭/୨୦୨୧ | Tuesday, December 7/2021 | ପୃଷ୍ଠା-୧

୩ ଦିନରେ 'ତଡପ'ର ଆୟ ୧୩ କୋଟି

ଅଭିନେତା ସୁନୀଲ ଶେଟ୍ଟୀଙ୍କ ପୁଅ ଅହାନ ଶେଟ୍ଟୀ ଓ ତାରା ସୁତାରିଆଙ୍କ ଫିଲ୍ମ 'ତଡପ' ରିଲିଜ୍‌ର ପ୍ରଥମ ୩ ଦିନରେ ୧୩ କୋଟିରୁ ଅଧିକ ଟଙ୍କା ଆୟ କରିଛି।

୦୫ ୦୬

ଦେବାଶିଷଙ୍କୁ ଟାଇଟଲ

ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ନାଗପୁରରେ ଅନୁଷ୍ଠିତ ସର୍ବଭାରତୀୟ ଫିଡେ ବ୍ଲିଜ୍ ରେଟିଂ ଚେସ୍ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି।



ରୁଷିଆ ସହ ୨+୨ ବୈଠକ ବିରୋଧୀ ଅଟଳ, ଗୃହ ଅଚଳ

ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରସଙ୍ଗ ଉଠାଇଲା ଭାରତ

ନୂଆଦିଲ୍ଲୀ, ୬।୧୨(ପି.ଟି.)

ଭାରତ ଓ ରୁଷିଆର ପ୍ରତିରକ୍ଷା ଏବଂ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ସୋମବାର ୨+୨ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ଏହାର ଉତ୍ତରାଞ୍ଚଳ ସୀମାରେ ପଡୋଶୀ ଦେଶର ଅତ୍ୟଧିକ ସାମରିକୀକରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରସଙ୍ଗ ଉଠାଇଛି। ବୈଠକରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଭାରତ ଏହାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ଦେଶବାସୀଙ୍କ ଅନ୍ତର୍ନିହିତ ସାମର୍ଥ୍ୟ ବଳରେ ଯେକୌଣସି ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଦୃଢ଼ ନିଶ୍ଚିତ। ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତାଙ୍କ ରୁଷିଆ ☞ପୃଷ୍ଠା–୨

ଭାରତ-ରୁଷିଆ ଏକେ-୨୦୩ ରାଇଫଲ ଚୁକ୍ତି

୨୦୩୧ ଯାଏ ବଢ଼ିଲା ସାମରିକ ସହଯୋଗ

ନୂଆଦିଲ୍ଲୀ, ୬।୧୨

ଭାରତ ଓ ରୁଷିଆ ମଧ୍ୟରେ ସୋମବାର ୫,୦୦୦ କୋଟି ଟଙ୍କାର ଏକେ-୨୦୩ ରାଇଫଲ ଚୁକ୍ତି ସମେତ ବିଭିନ୍ନ ସାମରିକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଶୋୟଗୁଙ୍କ ମଧ୍ୟରେ ବୈଠକ ଅବସରରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଦୁଇ ଦେଶ ମଧ୍ୟରେ ସାମରିକ ସହଯୋଗ ୨୦୩୧ ପର୍ଯ୍ୟନ୍ତ ବଢ଼ାଇବାକୁ ଏହି ଅବସରରେ ☞ପୃଷ୍ଠା–୨

ବିରୋଧୀ ସର୍ବଦଳୀୟ ବୈଠକ ଫେଲ୍

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାକୁ ନେଇ ଗତ ୫ ଦିନ ହେବ ବିଧାନସଭା ଅଚଳ ହୋଇଛି। ବିରୋଧୀ ଭାଜପା ଏବଂ କଂଗ୍ରେସର ଗୋଟିଏ ଜିଦ୍ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇ ମାମଲାର ସିବିଆଇ ତଦନ୍ତ କରାଯାଉ। ଏହି ଦାବିକୁ ଶାସକ ଦଳ ଗ୍ରହଣ କରିବାକୁ ନାରାଜ। ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ମୁଖ୍ୟମନ୍ତ୍ରୀ ଡିସେମ୍ବର ୪ରେ ମମିତା ମେହେର ହତ୍ୟା ପ୍ରସଙ୍ଗ ଉପରେ ବିବୃତି ଦେଇଥିଲେ। ଏହା ବିରୋଧୀଙ୍କୁ ଶାନ୍ତ କରିପାରି

ମମିତା ମେହେର ହତ୍ୟା ପ୍ରସଙ୍ଗ

ନାହିଁ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରତିବାଦ କରି ଗୃହକାର୍ଯ୍ୟକୁ ଚଳାଇ ଦେଉନାହାନ୍ତି। ବିରୋଧୀଙ୍କୁ କାଉଣ୍ଟର କରିବାକୁ ଶାସକ ବିଜେଡି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କମ୍ ଯୋଗାଇବା, ଦରଦାମ୍ ବୃଦ୍ଧି ଏବଂ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ଦେବାକୁ ଦାବିକରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛି। ବିରୋଧୀ ଓ ଶାସକଙ୍କ ହଟ୍ଟଗୋଳ ଯୋଗୁ ସୋମବାର ମଧ୍ୟ ଗୃହ କାର୍ଯ୍ୟ ହୋଇପାରି ନ ଥିଲା।

୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଏହା ପୂର୍ବରୁ ପ୍ରସ୍ତୁତ ହୋଇଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିଯାଇ ବ୍ୟାନର ଓ ପୋଷ୍ଟର ଦେଖାଇ ପ୍ରତିବାଦ ଜଣାଇଥିଲେ। ମମିତାଙ୍କୁ ନ୍ୟାୟ ଆମର ଦାବି, ସରକାର ତୁମେ ମାନି ନିଅ... ମାନି ନିଅ ସ୍ଲୋଗାନ ଦେଇଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗରେ ପୋଷ୍ଟର ବ୍ୟାନର ଓ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ମୁଖା ପିନ୍ଧି ପ୍ରତିବାଦ କରିଥିଲେ। ପାଇକ ବିଦ୍ରୋହକୁ କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଦାବିକରି ପାଟି କରିଥିଲେ। ବାଚସ୍ପତି ବିରୋଧୀ ଓ ଶାସକ ଦଳର ସଦସ୍ୟଙ୍କୁ ସିଟ୍‌ରେ ବସିବାକୁ ନିବେଦନ କରି ବିଫଳ ହୋଇଥିଲେ। ଫଳରେ ମାତ୍ର ୩ ମିନିଟ୍ ପରେ ଅର୍ଥାତ ୧୦ଟା ୩୩ ମିନିଟ୍‌ରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ମୁଲତବୀ ଘୋଷଣା ପରେ କଂଗ୍ରେସ ଓ ଭାଜପା ବିଧାନସଭାର ଦୁଇ ଫାଟକ ନିକଟରେ ପ୍ରତିବାଦ କରିବା ବେଳେ ମୁଖା ପିନ୍ଧି ବିଜେଡି ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତି ନିକଟରେ ପ୍ରତିବାଦ ଜଣାଇଥିଲେ। ଅପରାହ୍ନ ୪ଟା ପରେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇ ନ ଥିଲା। ବିରୋଧୀ ସଦସ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ। ☞ପୃଷ୍ଠା–୨

ହିନ୍ଦୁଧର୍ମ ଗ୍ରହଣକଲେ ପୂର୍ବତନ ୱାକଫ୍ ବୋର୍ଡ ଅଧ୍ୟକ୍ଷ

ଗାଜିଆବାଦ, ୬।୧୨

ଉତ୍ତରପ୍ରଦେଶ ଶିହା ୱାକଫ୍ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ୱାସିମ୍ ରିଜ୍‌ଭି ସୋମବାର ସନାତନ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ଗାଜିଆବାଦର ଦସନା ଦେବୀ ମନ୍ଦିରରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ଧର୍ମାନ୍ତରୀକରଣ କରାଯାଇଥିଲା। ଦସନା ମନ୍ଦିରର ମୁଖ୍ୟ ପୂଜକ ଯତି ନରସିଂହାନନ୍ଦ ସରସ୍ୱତୀ ଉତ୍ସବରେ ପୌରୋହିତ୍ୟ କରିଥିଲେ ଓ ରିଜ୍‌ଭିଙ୍କୁ ନୂଆ ନାଁ ଦେଇଥିଲେ। ସେହି ଅନୁଯାୟୀ ରିଜ୍‌ଭି ସୋମବାରଠାରୁ ଜିତେନ୍ଦ୍ର ନାରାୟଣ ସିଂ ତ୍ୟାଗୀ ଭାବେ ପରିଚିତ ହୋଇଛନ୍ତି। ଗତ ମାସରେ ରିଜ୍‌ଭି ଇସ୍‌ଲାମ ଧର୍ମକୁ ସମାଲୋଚନା କରି 'ମହମ୍ମଦ' ନାମରେ ବିବାଦୀୟ ପୁସ୍ତକ ଉନ୍ମୋଚନ କରିବା ପରେ ବିବାଦ ଘେରକୁ ଆସିଥିଲେ। ସେ ଇସ୍‌ଲାମ ତ୍ୟାଗ କରିନାହାନ୍ତି, ବରଂ ତାଙ୍କୁ ଇସ୍‌ଲାମ ଧର୍ମରୁ ବାହାର କରିଦିଆଯାଇଛି ବୋଲି ରିଜ୍‌ଭି କହିଛନ୍ତି। ସେ ଇସ୍‌ଲାମ ଧର୍ମର କେତେକ ଧାରଣାରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ। ଧର୍ମରେ ଚାଲିଥିବା କେତେକ ଭୁଲ୍ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ବିରୋଧ କରାଗଲା। ସେଥିପାଇଁ ସେ ସନାତନ ଧର୍ମ ଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ ବୋଲି ଗଣମାଧ୍ୟମକୁ କହିଛନ୍ତି।

ମୋବାଇଲ ଖେଳ ନେଲା ଜୀବନ

ଟ୍ରେନ୍‌ରେ କଟି ନାବାଳକ ମୃତ

କେନ୍ଦୁଝର,୬।୧୨(ସ୍ୱ.ପ୍ର.): ରେଳଧାରଣାରେ ବସି ମୋବାଇଲରେ ଗେମ୍ ଖେଳୁଥିବାବେଳେ ଟ୍ରେନ୍‌ରେ କଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ କେନ୍ଦୁଝର ସଦର ଥାନା ରାଇସୁଆଁ ନିକଟ ଟାଙ୍ଗରତଳି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଅରୁଣ କୁମାର ବରୁଡିଆ (୧୫)। ଗ୍ରାମ ନିକଟ ଦେଇ ଯାଇଥିବା ରେଳ ଧାରଣାରୁ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିବା ପରେ ଶୋକର ଛାୟା ଖେଳିଯାଇଛି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ପରିବାର ଲୋକଙ୍କ କହିବାନୁଯାୟୀ, ଅରୁଣ ପାଖ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ତେବେ ସେ ରେଳ ଧାରଣା ଉପରେ ବସି ମୋବାଇଲରେ ଖେଳୁଥିଲେ। ଏହି ସମୟରେ ବିଶାଖାପାଟଣାରୁ ଟାଟାନଗର ଯାଉଥିବା ଏକ୍ସପ୍ରେସ ଟ୍ରେନ୍ ଆସିଥିଲା। କେତେକ ଲୋକ ତାଙ୍କୁ ଟ୍ରେନ ଆସୁଥିବା ନେଇ ପାଟି କରିଥିଲେ ମଧ୍ୟ ସେ ଇୟର ଫୋନ ଲଗାଇଥିବାରୁ ଶୁଣିପାରି ନ ଥିଲେ। ଫଳରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଦର ଏସ୍‌ଡିପିଓ ପି.ଜେ. ଟପୋ କହିଛନ୍ତି।

ଆଜିର ସମ୍ପାଦକୀୟ

ଏଥର ଶ୍ରୀକୃଷ୍ଣ

ଫସଲ କ୍ଷୟକ୍ଷତି ରିପୋର୍ଟ ମାଗିଲେ ସରକାର

ଆଜିଠୁ ପାଗ ଶୁଖିଲା

୭ ଦିନ ମଧ୍ୟରେ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ବାତ୍ୟା 'ଜୱାଦ' ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁ ଚାଷ କ୍ଷତିଗ୍ରସ୍ତ ହୋଇଛି। ଧାନ ସହିତ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି। ତେଣୁ ଫସଲ କ୍ଷୟକ୍ଷତି ରିପୋର୍ଟ ଜିଲାପାଳଙ୍କୁ ମଗାଯାଇଛି। ୭ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୂଚନା ଦେଇଛନ୍ତି। ଯେଉଁ ଚାଷୀମାନେ ପ୍ରଭାବିତ ହୋଇଥିବେ ରିଲିଫ କୋଡ୍ ଅନୁସାରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ 'ଜୱାଦ' ଆହୁରି ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହା ସହିତ ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନ ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ଉପକୂଳ ତଥା ସଂଲଗ୍ନ ଜିଲାଗୁଡ଼ିକରେ ପାଗ ମେଘୁଆ ରହିଛି। ମଙ୍ଗଳବାରଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏଥିସହ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇ ସ୍ୱାଭାବିକ ଶୀତ ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ତେବେ ରବିବାର ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିଲା। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଏହି ସମୟରେ ଏରସମାରେ ସର୍ବାଧିକ ୨୩୪ ମି.ମି. ବର୍ଷା ହୋଇଥିବାବେଳେ ପାରାଦୀପରେ ୨୦୦.୫, ବାଲିକୁଦରେ ୧୫୪, କୁଜଙ୍ଗ ୧୪୦, ନୁଆଗାଁ ୧୩୧, ମାର୍ଶାଘାଇ ୧୨୮, ଗରଦପୁର ୧୨୮, ରାଜନଗର ୧୧୮, କାକଟପୁର ୧୧୭.୨, ତିର୍ତ୍ତୋଲ ୧୧୫, ଅସ୍ତରଙ୍ଗ ୧୦୯, ମହାକାଳପଡ଼ା ୧୦୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ରାଜସ୍ୱ ବିଭାଗର ☞ପୃଷ୍ଠା–୨

ଜମି ଅନୁମୋଦନ ପ୍ରକ୍ରିୟା ଆଉ ପାଦେ ବଢ଼ିଲା

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ପ୍ରସଙ୍ଗ

ବଲାଙ୍ଗୀର ଅଫିସ, ୬।୧୨

- ବୋର୍ଡ ଅଫ୍ ରେଭିନ୍ୟୁ ଅନୁମୋଦନ ପରେ ସରକାରଙ୍କ ନିକଟକୁ ଫାଇଲ ଗଲା
- ଡିସେମ୍ବର ଶେଷସୁଦ୍ଧା ଜମିପଟ୍ଟା ମିଳିବା ନେଇ ଆଶା ଉଜ୍ଜୀବିତ

୭୭ ବର୍ଷ ପୁରୁଣା ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାମରେ ଇଞ୍ଚେ ଜମିର ମାଲିକାନା ସ୍ୱତ୍ୱ ନାହିଁ। ଏଭଳିକି ବିଶ୍ୱବିଦ୍ୟାଳୟର ଦଖଲଭୁକ୍ତ ଜମିର ମାଲିକାନା ସ୍ୱତ୍ୱ ମଧ୍ୟ ଏହି ଶିକ୍ଷାନୁଷ୍ଠାନ ନାଁରେ ନାହିଁ। ରାଜେନ୍ଦ୍ର କଲେଜକୁ ଅପ୍‌ଗ୍ରେଡ କରି ବିଶ୍ୱବିଦ୍ୟାଳୟ ଘୋଷଣା କରାଯିବା ପରେ ମଧ୍ୟ ଜମି ମାଲିକାନା ସ୍ୱତ୍ୱକୁ ନେଇ ଲାଗିରହିଥିବା ଅବ୍ୟବସ୍ଥାର କୌଣସି ସମାଧାନ ହୋଇ ନ ଥିଲା। ଏ ସଂକ୍ରାନ୍ତରେ ଧରିତ୍ରୀରେ କ୍ରମାଗତ ଖବର ପରିବେଷଣ ପରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ସମସ୍ୟାର ସମାଧାନ କରିବାକୁ ଆଗଭର ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ବିଶ୍ୱବିଦ୍ୟାଳୟର ଦଖଲଭୁକ୍ତ ଜମିର ମାଲିକାନା ସ୍ୱତ୍ୱ ବା ଜମିପଟ୍ଟା ବିଶ୍ୱବିଦ୍ୟାଳୟ ନାଁରେ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା ଯାହାକି ଏବେ ବୃତାନ୍ତସ୍ତରରେ ପହଞ୍ଚିଛି। ବୋର୍ଡ ଅଫ୍ ରେଭିନ୍ୟୁରୁ ଜମି ସଂକ୍ରାନ୍ତୀୟ ଫାଇଲ ରାଜ୍ୟ ସରକାରଙ୍କ ଅନୁମୋଦନ ☞ପୃଷ୍ଠା–୨

www.licindia.in

ଏଲ୍‌ଆଇସି ପଲିସୀଧାରକ, ଧ୍ୟାନ ଦିଅନ୍ତୁ:

ପ୍ରସ୍ତୁତ ହେବା ପାଇଁ ଏହା ଜୀବନର ସର୍ବୋତ୍ତମ ସମୟ ।

ଭାରତ ସରକାର ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ ଆକ୍ଟ, 1956 ରେ ସଂଶୋଧନ କରିଛନ୍ତି, ଯାହାକି କର୍ପୋରେସନ୍‌କୁ ଏହାର ପ୍ରସ୍ତାବିତ ସାର୍ବଜନିକ ପ୍ରସଙ୍ଗରେ ଅଂଶଧନ ସଂରକ୍ଷଣ କରିବାକୁ ଅନୁମତି ଦେଇଛି ।*

ଅଂଶଗ୍ରହଣ କରିବାକୁ ସକ୍ଷମ ହେବା ନିମନ୍ତେ, ପଲିସୀଧାରକମାନେ ଦୁଇଟି ପଦକ୍ଷେପ ନେବା ଜରୁରୀ:

1 ଏଲ୍‌ଆଇସି ସହିତ ଆପଣଙ୍କର ବ୍ୟକ୍ତିଗତ ରେକର୍ଡଗୁଡିକ ଅପଡେଟ୍ କରନ୍ତୁ

www.licindia.in ଭିଜଟ୍ କରନ୍ତୁ ଏବଂ ଅନଲାଇନ୍‌ରେ ଆପଣଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) ପଞ୍ଜିକରଣ କରିବା ପାଇଁ ଆଇକନ୍ ଉପରେ କ୍ଲିକ୍ କରନ୍ତୁ ।

ଆପଣଙ୍କର ଜନ୍ମ ତାରିଖ, ଲିଙ୍ଗ, ଇମେଲ୍ ID, PAN, ପୂରା ନାମ, ମୋବାଇଲ ନମ୍ବର ଏବଂ ଏଲ୍‌ଆଇସି ପଲିସୀ ନମ୍ବର ଦିଅନ୍ତୁ ।

ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ଆପଣଙ୍କର PAN ରେକର୍ଡଗୁଡିକ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ ।

କୌଣସି ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ ।

2 ଏକ DEMAT ଆକାଉଣ୍ଟ ଖୋଲନ୍ତୁ (ଯଦି ଆପଣ ପାଖରେ ନାହିଁ)

ଏକ DEMAT ଖାତା ଖୋଲିବାକୁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ପାଇଁ ଏହି ୱେବସାଇଟଗୁଡିକ ମଧ୍ୟରୁ କୌଣସିଟି ଭିଜିଟ୍ କରନ୍ତୁ:

NSDL:
https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=19

CDSL:
https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=18

DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦସ୍ତାବିଜ୍ କୁ ପ୍ରଦାନ କରିବା ଜରୁରୀ:
- ସାମ୍ପ୍ରତିକ ଫଟୋଗ୍ରାଫ
- PAN କାର୍ଡ
- ଠିକଣା ପ୍ରମାଣ
- କ୍ୟାନସେଲ୍ ଚେକ୍

DP ଅଧିକ ସୂଚନା ବି ଚାହିଁ ପାରନ୍ତି ।

କୌଣସି ସହାୟତା ପାଇଁ ଆପଣଙ୍କର ବ୍ୟାଙ୍କର କିମ୍ବା ବ୍ରୋକରଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଦୟାକରି ଧ୍ୟାନ ଦିଅନ୍ତୁ

ଏହି ବିଜ୍ଞପ୍ତି କିମ୍ବା ପଲିସୀଧାରକଙ୍କ ସହ ଶେୟାର କରାଯାଇଥିବା କୌଣସି ସୂଚନା ନିଗମର ଇକ୍ୱିଟୀ ଶେୟାରର ଅଫର୍ ନୁହେଁ । ପଲିସୀଧାରକମାନେ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ନିକଟକୁ ଯିବାକୁ ପଡିବ ଏବଂ DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପୂରା ଦାୟୀ ରହିବାକୁ ପଡିବ । ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ପଲିସୀଧାରକ ବହନ କରିବେ । କୌଣସି ନିଶ୍ଚିତତା ନାହିଁ ଯେ ପଲିସୀଧାରକ ଯେକୌଣସି ପ୍ରସ୍ତାବିତ ପ୍ରଚଳନରେ ପଲିସୀଧାରକଙ୍କ ପାଇଁ ଶେୟାର ସଂରକ୍ଷଣ ଘଟଣା ନିମନ୍ତେ ମଧ୍ୟ ସେମାନେ ଆବେଦନ କରୁଥିବା ଯେକୌଣସି ଜିନ୍ସ ସମସ୍ତ ଇକ୍ୱିଟୀ ଶେୟାର ବଣ୍ଟନ କରାଯିବ । କର୍ପୋରେସନ୍ ଏହାର ଇକ୍ୱିଟୀ ଶେୟାରଗୁଡିକର ପ୍ରଦର୍ଶନକୁ ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ଏକ ସାଧାରଣ ଅଫର୍‌ରେ କୌଣସି ବିନିଯୋଗ ସହିତ ଜଡିତ ବିପଦ ବିଷୟରେ ନିବେଶକମାନେ ସଚେତନ ହେବା ଆବଶ୍ୟକ ଅଟେ ।
ପଲିସୀଧାରକଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://licindia.in/ipo

*ପ୍ରସ୍ତାବିତ IPOର ସବିଶେଷ ତଥ୍ୟ ବୃତ୍ତାନ୍ତ ହେବା ପରେ ବୃତିତ କରାଯିବ ।

LIC
ଭାରତୀୟ ଜୀବନ ବୀମା ନିଗମ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/RKS/2021-22/39/ORI

ଆମକୁ ଅନୁସରଣ କରନ୍ତୁ: YouTube LIC India Forever | IRDAI Regn No.: 512

ଜନ୍ମଦିନର ଶୁଭେଚ୍ଛା

ଶୁଭମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଭୋକ ରଖି ଖା, ଭୋକ ରଖି ଆ।
ଚଉଷଠି ବ୍ୟାଧି ପାଖ ନ ଯା।

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଭଜି ଗାଁରେ ଜୁଜି,
ଯେଉଁ ଗାଁରେ ଦେବତା ନ ଥାନ୍ତି,
ଶିଳପୁଆଟାଏ ପୂଜି।

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିସର୍ସ ପ୍ରା:ଲିଃ:

୧ ହଜାର ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପ୍ରଦାନ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

■ ଏକାଦଶ ମେଧାବୃତ୍ତି ପାଇଁ ଅନ୍‌ଲାଇନ୍ ଆବେଦନ ଆରମ୍ଭ
■ କନିଷ୍ଠ ମେଧାବୃତ୍ତି ଆବେଦନ ତାରିଖ ଘୁଞ୍ଚିଲା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଦ୍ୱାଦଶ ଶ୍ରେଣୀର ୧୦୦୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦୨୦-୨୧ ଓ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ 'ପଠାଣି ସାମନ୍ତ ଗଣିତ ମେଧାବୃତ୍ତି' ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଲେଖାଏ ମୋଟ୍ ୧ କୋଟି ଟଙ୍କା ଦିଆଯାଇଛି। ଏହି ବୃତ୍ତି ମାଟ୍ରିକ ପରୀକ୍ଷାରେ ସାମଗ୍ରିକ ଭାବରେ ଓ ବିଶେଷକରି ଗଣିତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରଦାନ କରିଥାନ୍ତି। ମୋଟ ୧,୦୨୭ଜଣ ଛାତ୍ରୀଛାତ୍ର ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ https://scholarship.odisha.gov.inରେ ଆବେଦନ କରିଥିଲେ। ଅଧ୍ୟକ୍ଷଙ୍କ ସୁପାରିଶ ଆଧାରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ୧ ହଜାର ମେଧାବୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି।

ସେହିପରି ୨୦୨୧-୨୨ ଶିକ୍ଷା ବର୍ଷରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧ ହଜାର ମେଧାବୀ ଛାତ୍ରୀଛାତ୍ରଙ୍କୁ ୫ହଜାର ଲେଖାଏ 'ପଠାଣି ସାମନ୍ତ ଗଣିତ ମେଧାବୃତ୍ତି' ପ୍ରଦାନ ପାଇଁ ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ ମାଧ୍ୟମରେ ଆବେଦନ ପାଇଁ ସେମାବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧୦ହଜାର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୩ହଜାର ଟଙ୍କା ଲେଖାଏ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଆବେଦନ ପାଇଁ ଶେଷ ତାରିଖ ଡିସେମ୍ବର ୫ ରହିଥିଲା। କିନ୍ତୁ ଶେଷ ତାରିଖ ସୁଦ୍ଧା ମାତ୍ର ୧,୯୨୮ ଛାତ୍ରୀଛାତ୍ର ଆବେଦନ କରିଥିବାରୁ ଏହାକୁ ଆସନ୍ତା ୨୭ ତାରିଖକୁ ବୃଦ୍ଧି କରାଯାଇଛି। ଏହି ବୃତ୍ତି ପାଇଁ ସିବିଏସ୍ଇ, ଆଇସିଏସ୍ଇ, ସିଏଚ୍ଏସ୍ଇ ଆଦି ବୋର୍ଡ ଅଧୀନରେ ପଢୁଥିବା ଶତକଡ଼ା ୬୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଆବେଦନ କରିବା ପାଇଁ ଉତ୍ସାହିତ କରିବାକୁ ଅଧ୍ୟକ୍ଷମାନଙ୍କୁ ନିବେଦନ କରାଯାଇଛି। ଛାତ୍ରୀଛାତ୍ରମାନେ ଏହାର ସୁଯୋଗ ନେବା ସଙ୍ଗେ ସଙ୍ଗେ ଅଧ୍ୟୟନରେ ମନଯୋଗୀ ହୁଅନ୍ତୁ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆହ୍ୱାନ ଦେଇଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ ରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜିର କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

ବୃଷ

କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ବିନା କାରଣରେ ଅନ୍ୟମାନଙ୍କ ରୋଷର କାରଣ ବନିଯିବେ।

ମିଥୁନ

ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ସ୍ଥଗିତ କାମରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

କର୍କଟ

ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ହାତରୁ ଖାଇ ପର ପାଇଁ ଖଟିବେ, ସାମାନ୍ୟ ବାହାବା ବ୍ୟତୀତ ଆଉ କିଛି ପାଇବେ ନାହିଁ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ, ମାତ୍ର କିଛି ଅନିଷ୍ଟ କରିପାରିବେ ନାହିଁ।

ସିଂହ

ମନର କଥାଟିକୁ ଲୁଚାଇରଖି ହସଖୁସିରେ କଥାବାର୍ତ୍ତା କରିବାକୁ ବାଧ ହେବେ। ଆଜି ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମଝର କରିବ।

କନ୍ୟା

ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଯଥା ସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

ତୁଳା

କର୍ମକ୍ଷେତ୍ରରେ ଯାହା ଓ ଯେମିତି ମନଧରି କାମକଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

ବିଛା

ଆଜି ବନ୍ଧୁଙ୍କ ସହାୟତାରେ ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ।

ଧନୁ

ଛୋଟ ଛୋଟ କଥାକୁ ଧରିବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରି ରଖିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେ କରିପାରନ୍ତି। ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ।

ମକର

ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ଏବଂ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶତ୍ରୁପୀଡ଼ାଜନିତ ଟେନ୍ସନ ଲାଗି ରହିବାର ଆଶଙ୍କା ଉପୁଜିପାରେ।

କୁମ୍ଭ

ବିଭିନ୍ନ ପ୍ରକାରର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

ମୀନ

କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

ଗୋବିନ୍ଦଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

ବଲାଙ୍ଗୀର ଅଫିସ, ୬।୧୨

ବହୁଚର୍ଚ୍ଚିତ ମହାଲିଙ୍ଗି ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ତେବେ ପରବର୍ତ୍ତୀ ଶୁଣାଣି କେବେ ହେବ ସେନେଇ ଅଦାଲତ କିଛି ସ୍ପଷ୍ଟ କରିନାହାନ୍ତି। ପ୍ରକାଶ ଯେ, ମମିତା ହତ୍ୟା ଘଟଣାରେ ଗୋବିନ୍ଦ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ସେ ତାଙ୍କ ଓକିଲଙ୍କ ଜରିଆରେ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଜାମିନ ଆବେଦନ କରିଥିଲେ। ଜାମିନ ଆବେଦନ ଶୁଣାଣି ଡିସେମ୍ବର ୬ ତାରିଖକୁ ଏଡିଜେ ଧାର୍ଯ୍ୟ କରିଥିଲେ। ହେଲେ ସୋମବାର ଜାମିନ ଆବେଦନର ଶୁଣାଣି ହୋଇପାରି ନାହିଁ ବୋଲି ଗୋବିନ୍ଦଙ୍କ ଓକିଲ ସୂଚନା ଦେଇଛନ୍ତି।

'ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା'

ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ

ନୂଆଦିଲ୍ଲୀ, ୬।୧୨

ଶହୀଦ ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ ସୋମବାର ନୂଆଦିଲ୍ଲୀର ହଉଜ୍‌ଖାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଇଂରେଜଙ୍କ ବିରୋଧରେ ଶହୀଦ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ୧୮୦୪ରେ ସଙ୍ଗଠିତ ହୋଇଥିବା ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ସଂଗ୍ରାମ ୧୮୨୫ ମସିହା ପର୍ଯ୍ୟନ୍ତ ଚାଲିଥିଲା ବୋଲି ସେ କହିଛନ୍ତି।

ଶହୀଦ ଜୟୀ ରାଜଗୁରୁ ଫଉଣ୍ଡେଶନ ଦ୍ୱାରା ୨୦୦୨ ମସିହାରୁ ପ୍ରତିବର୍ଷ ବଳିଦାନ ଦିବସ ପାଳନ କରାଯାଉଛି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଆଗ୍ରହ୍ୟ କରିଥିବାରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସମସ୍ତେ ଏକଜୁଟ୍ ହୋଇ ଇତିହାସକୁ ସଂଶୋଧନ କରିବା ସହିତ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ଉପରେ ଠିକ୍ ତଥ୍ୟକୁ ନେଇ ଚାପ ପକାଇବା ପାଇଁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଟ୍ରଷ୍ଟର ସଦସ୍ୟ ରାମଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ପରିଚାଳକ ଶ୍ରୀଦେବନନ୍ଦ, ବିଶିଷ୍ଟ କବିକୁଳମଣି ବିଶ୍ୱାସ, ଓଡ଼ିଆ ଗବେଷଣା ପ୍ରତିଷ୍ଠାନ ସଚିବ ସୁବ୍ରତ କୁମାର ପୃଷ୍ଟି, ଜୟପ୍ରକାଶ ନାରାୟଣ ଫାଉଣ୍ଡେଶନର ଅଧ୍ୟକ୍ଷ ଅଭୟ ସିହ୍ନା, ଜୟୀ ରାଜଗୁରୁ ଟ୍ରଷ୍ଟର ସଦସ୍ୟ ନବଜ୍ୟୋତି ଦାସ ଶହୀଦଙ୍କ ସ୍ମୃତିଚାରଣ କରିଥିବାବେଳେ ବିଦ୍ୱିତ ନନ୍ଦ ଏବଂ ଦେବାଂଶୀ ଦାସ ଜୟୀରାଜଗୁରୁଙ୍କ ଉପରେ ବକୃତା ଦେଇଥିଲେ।

classifieds Everyday
0674-2580101, 2549302

automobile

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner-9090963952.** D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.-200/- (outright). 9348232008. D-22469

TO LET
to-let

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

healthcare

Newly open SPA Offer Price @ 599/-, positively health benefits. 8455987557. D-71445

Refreshing your mind and body with the best therapy. 7873794731. D-71913

ପାଠକଙ୍କ ପାଇଁ ସୂଚନା!
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି ଜିଛି ପାଠକ ଠକାମିର ଶିକାର ହେଇଥିବା ଆମଗ କୁଷ୍ଠିଗୋଚର ହେଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ ଜାରତାବାର ଜରିଆ ପୂର୍ଣ୍ଣରୁ ସତିରେଖ ତଥ୍ୟ ଓ ନିଜର ବିବେକ ଖଟାଇ ଜାରତାବାର ଜରୁରୁ। ଏଥିପାଇଁ ଧରିତ୍ରୀ ଜରୁରପକ୍ଷ ଦାୟୀ ରହିବେ ନାହିଁ।

Newly open SPA positively health benefit with expert. Contact: 7749976301. D-71914

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open SPA Offer Price @ 699/-, positively health benefits. 7846814019. D-71444

education

Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers -9337987055, 9861223512. D-22474

real estate

SALE

Bhubaneswar infocity-2 200ft. road side near Cancer Hospital ପାଖରେ **yellowzone** ପ୍ଲଟ୍ ମିଳୁଛି। **9337284117.** D-71741

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଚୁଷ୍ଟିଆ ସହ...

ପ୍ରଥମ ପୃଷ୍ଠାରୁ...

ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ସର୍ଗେଇ ଶୋଇଗୁ ଯୋଗ ଦେଇଥିଲେ। ମହାମାରୀ ସମୟରେ ପଡୋଶୀ ଦେଶ ଉତ୍ତର ସୀମାରେ ଅତ୍ୟଧିକ ସାମରିକୀକରଣ ଏବଂ ସୀମାରେ ଅସ୍ତ୍ରଶସ୍ତ୍ର ଠୁଳ କରିବା ଘଟଣା ଉତ୍ତେଜନା ସୃଷ୍ଟି କରୁଛି। ୨୦୨୦ ମେ'ରୁ ସୀମାରେ ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗି ରହିଛି ବୋଲି ରାଜନାଥ ଚାଇନା ନାଁ ନ ନେଇ କହିଥିଲେ। ଭାରତ ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିଲେ ହେଁ ସାମରିକ ଚ୍ୟାଲେଞ୍ଜକୁ ତଡ଼ାଳ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି। ଦେଶର ଆଶା ଆକାଂକ୍ଷା ଏବଂ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଓ ଦାୟିତ୍ୱସମ୍ପନ୍ନ ଦେଶ ସହ ଭାରତ ସମ୍ପର୍କ ବଢ଼ାଇବାକୁ ଚାହେଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଶିଖର ସମ୍ମିଳନୀ ହେଉଥିବାରୁ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ଏହା ଏକ ଐତିହାସିକ ଦିନ ବୋଲି ରାଜନାଥ କହିଥିଲେ। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର କହିଥିଲେ, ଭାରତ ଓ ରୁଷିଆ ମଧ୍ୟରେ ସମ୍ପର୍କ ଘନିଷ୍ଠ ଓ ସମୟ ସହ ପରୀକ୍ଷିତ। ଏହି ସମ୍ପର୍କ ଅସାଧାରଣ ଭାବେ ସୁଦୃଢ଼ ବୋଲି ସେ କହିଥିଲେ। ଏହି ଅଞ୍ଚଳ ଆତଙ୍କବାଦ, ହିଂସା, ଉଗ୍ରବାଦ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ଘନିଷ୍ଠ ବନ୍ଧୁ ଭାବେ ଭାରତ ଓ ରୁଷିଆ ଉଭୟର ସାଧାରଣ ସ୍ୱାର୍ଥର ସୁରକ୍ଷା ଏବଂ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୟଶଙ୍କର କହିଥିଲେ।

ଭାରତ ସହ ହୋଇଥିବା ଏସ୍-୪୦୦ ଡିଫେନ୍ସ ମିଶାଇଲ ସିଷ୍ଟମ୍ ଡିଲ୍ କାର୍ଯ୍ୟକାରୀ ହୋଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଲାଭରୋଭ କହିଥିଲେ। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବାରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସହଯୋଗକୁ ଦୁର୍ବଳ କରିବା ଲାଗି ଆମେରିକା ଉଦ୍ୟମ ଚଳାଇଥିଲା। ଭାରତ ସାର୍ବଭୌମ ଦେଶ ଓ କାହାଠାରୁ ଅସ୍ତ୍ର କିଣିବେ ଓ କାହା ସହ ସମ୍ପର୍କ ସ୍ଥାପନ କରିବେ ସେ ନିଷ୍ପତ୍ତି ସେମାନେ ନେଇପାରିବେ ବୋଲି ଆମେରିକାକୁ ନୂଆଦିଲ୍ଲୀ ବୁଝାଇ ଦେଇଥିଲ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୭ ଡିସେମ୍ବର, ୨୦୨୧

କରୋନା ସଂକ୍ରମଣ ସ୍ଥିତି



	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୨୬,୬୩,୪୭,୯୫୯	୫୨,୭୪,୫୨୦	୨୩,୯୯,୪୩,୩୨୦
ଭାରତ	୩,୪୬,୪୧,୫୬୧	୪,୭୩,୫୩୭	୩,୪୦,୬୯,୬୦୮
ଓଡ଼ିଶା	୧୦,୫୦,୩୫୪	୮୪୨୩(+୫୩)	୧୦,୩୯,୯୨୧

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ ପାଇଁ ସୋମବାର ବିଧାନସଭା ପରିସର ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ବିଧାୟକଙ୍କ ଧାରଣା।

ମହିଳା ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଭାଜପା ନେତୃବୃନ୍ଦ ପିଏମ୍‌ଜି ପୋଷ୍ଟ ଅଫିସରେ ଚିଠି ପଠାଉଛନ୍ତି।

ଧାରଣାରେ ବସିଲେ ମେହବୁବା

ନୂଆଦିଲ୍ଲୀ, ୬।୧୨(ପି.ଟି.)

ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ପ୍ରତି ହେଉଥିବା ଦମନଲୀଳା ପ୍ରତିବାଦରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ସୋମବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ନିରୀହ ଜନସାଧାରଣଙ୍କୁ ହତ୍ୟା ତୁରନ୍ତ ବନ୍ଦ କରିବା ପାଇଁ ସେ ଦାବି କରିଛନ୍ତି। କଶ୍ମୀରରେ ବିକ୍ଷୋଭ ପ୍ରଦର୍ଶନ ଲାଗି ତାଙ୍କୁ ଅନୁମତି ଦିଆଯାଉ ନ ଥିବାରୁ ସେ ଜାତୀୟ ରାଜଧାନୀରେ ଧାରଣାରେ ବସିବା ଲାଗି ନିଷ୍ପତ୍ତି ନେଇଥିଲେ ବୋଲି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧକ୍ଷା କହିଛନ୍ତି। ଯେତେଥର ସେ ନିଜ ରାଜ୍ୟରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି, ତାଙ୍କୁ ଗୃହବନ୍ଦୀ ରଖାଯାଇଛି କିମ୍ବା ପୋଲିସ ଦ୍ୱାରା କୌଣସି ଦୂର ସ୍ଥାନକୁ ନିଆଯାଇଛି। ଜନ୍ତରମନ୍ତରଠାରେ ମେହବୁବାଙ୍କ ସହ ଧାରଣାରେ ବହୁସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

ଯନ୍ତରମନ୍ତରଠାରେ ସୋମବାର ଜମ୍ମୁକଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବାଙ୍କ ଧାରଣା।

୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କଶ୍ମୀର ଏକ ବନ୍ଦୀଶାଳାରେ ପରିଣତ ହୋଇଛି। ସେଠାରେ ଲୋକମାନଙ୍କୁ ମତବ୍ୟକ୍ତ କରିବା ଲାଗି ଅନୁମତି ମିଳୁନାହିଁ। ସେମାନଙ୍କୁ ଏକପ୍ରକାର ଦମନ କରି ରଖାଯାଇଥିବା ମେହବୁବା କହିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସେ ସବୁବେଳେ ପ୍ରଶ୍ନ ଉଠାଉଥିବା କଥାକୁ ମେହବୁବା ଖଣ୍ଡନ କରିଛନ୍ତି। ଯେତେବେଳେ ଏନ୍‌କାଉଣ୍ଟରରେ ଆତଙ୍କବାଦୀ ମରୁଛନ୍ତି, ସେତେବେଳେ କେହି ପ୍ରଶ୍ନ ଉଠାନ୍ତି ନାହିଁ। କିନ୍ତୁ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଲେ ଲୋକେ ରାସ୍ତାକୁ ଆସନ୍ତି ଓ ପ୍ରଶାସନ ପ୍ରତି ଅଙ୍ଗୁଳି ଉଠାନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। 'କଶ୍ମୀର ଯନ୍ତ୍ରଣା ଜର୍ଜରିତ' ଲେଖାଥିବା ପ୍ଲାକାର୍ଡ ଧରି ମେହବୁବା କହିଥିଲେ, ନାଗାଲାଣ୍ଡରେ ସେନା ଗୁଳିରେ ୧୪ ଜଣଙ୍କ ଜୀବନ ଗଲା। ଏନେଇ ସଙ୍ଗେ ସଙ୍ଗେ ମାମଲା ଦାଏର ହୋଇଛି। କଶ୍ମୀରରେ ସେଭଳି କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। କଶ୍ମୀରରେ ଦୁର୍ନୀତି ଶୀର୍ଷ ଛୁଇଁଛି। ସ୍ଥାନୀୟ ଲୋକେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି ଓ ବିତ୍ ରାସ୍ତାରେ ନିରୀହ ଲୋକଙ୍କୁ ହତ୍ୟା କରାଯାଉଛି ବୋଲି ମେହବୁବା ଅଭିଯୋଗ କରିଥିଲେ। ଏବେଠାରୁ ଯଦି ଦେଶବାସୀ ସଚେତନ ନ ହୁଅନ୍ତି, ତେବେ ଗାନ୍ଧୀ, ଆମ୍ବେଦ୍‌କରଙ୍କ ଦେଶ ନାଥୁରାମ ଗଡ୍‌ସେ ଦେଶରେ ପରିଣତ ହେବା ବେଶୀ ଦୂର ନୁହେଁ ବୋଲି ପିଡିପି ନେତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଲେ ଭାଜପା ବିଧାୟକ

ଅଞ୍ଜନା ମିଶ୍ରଙ୍କ କଥା କହି ନବୀନଙ୍କୁ ସମାଲୋଚନା

ଭୁବନେଶ୍ୱର, ୬।୧୨(ବ୍ୟୁରୋ): ମହିଳା ସୁରକ୍ଷା ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଜପା ବିଧାୟକ ଦଳ ଚିଠି ଲେଖିଛି। ଭାଜପା ବିଧାୟକମାନେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ମହିଳାଙ୍କ ସୁରକ୍ଷା ନେଇ ଆପଣଙ୍କ ଦୋମୁହାଁ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ନେଇ ପତ୍ର ଲେଖିଛୁ। ଅଞ୍ଜନା ମିଶ୍ରଙ୍କୁ ଗଣବଳାତ୍କାର ପରେ ଆପଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୈତିକତାର ପାଠ ପଢ଼ାଇଥିଲେ। ଏହା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ। ସେତେବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ ମହିଳା ଅସୁରକ୍ଷିତ ହେବା ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସଜିନ ଅଭିଯୋଗ ଆଣିଥିଲେ। ୨୦୦୦ ନିର୍ବାଚନରେ ବିଜେଡିର ପ୍ରମୁଖ ସ୍ଲୋଗାନ ଥିଲା ଅଞ୍ଜନା ଗଣବଳାତ୍କାର ପାଇଁ ଦାୟୀ କିଏ- ଜାନକୀ ପଟ୍ଟନାୟକ ଆଉ କିଏ। ଏବେ ଖୋଦ୍ ଅଞ୍ଜନା ନିଜେ କହିଲେଣି, ଜାନକୀ ଏବଂ ନବୀନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଓଡ଼ିଶାରେ କିଛି ଫରକ ଦେଖାଯାଉନାହିଁ। ଅଞ୍ଜନା ମାମଲାରେ ଯେପରି ଇନ୍ଦ୍ରଜିତ ରାୟଙ୍କୁ ଦୋଷୀ କରାଯାଇଥିଲା ଠିକ୍ ସେହିପରି ବର୍ତ୍ତମାନ ମମିତା ମେହେର ହତ୍ୟାକାଣ୍ଡରେ ଆପଣଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟବାସୀ ଦାୟୀ କରୁଛନ୍ତି। ଆପଣ ଜାନକୀଙ୍କୁ ନୈତିକତାର ପାଠ ପଢାଇଥିଲେ। ନୀତିନୈତିକତାର ଦୁହିଦେଇ ଆପଣଙ୍କ ଅନେକ ମନ୍ତ୍ରୀଙ୍କୁ ମଧ୍ୟ ବାହାର କରିଛନ୍ତି। ଏବେ ମମିତା ଘଟଣାରେ ଦୋମୁହାଁ ନୀତି କାହିଁକି ବୋଲି ଭାଜପା ପ୍ରଶ୍ନ କରିଛି। ଏହି ଘଟଣାରେ ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର ସହ ସିବିଆଇ ତଦନ୍ତ ଲାଗି ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏହାସହ ଏହି ଚିଠି ପୋଷ୍ଟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବା ସହିତ ବିଧାନସଭା ନବୀନ ନ ଆସୁଥିବାରୁ ବିରୋଧୀ ଦଳ ବିଧାୟକମାନେ ତାଙ୍କୁ ସମାଲୋଚନା କରିଛନ୍ତି।

ଆଦିବାସୀଙ୍କ ଆନ୍ଦୋଳନକୁ ସମର୍ଥନ କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୬।୧୨(ବ୍ୟୁରୋ): ଓଡ଼ିଶା ସିମେଣ୍ଟ ଲିମିଟେଡ୍ (ଓସିଏଲ୍) ପକ୍ଷରୁ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଥିବା ଅଭିଯୋଗ ଆଣି ଏହା ବିରୋଧରେ ରାଜଭବନ ସମ୍ମୁଖରେ ଆଦିବାସୀମାନେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନକୁ ପ୍ରଦେଶ ଯୁବ କଂଗ୍ରେସ ସମର୍ଥନ କରିବା ସହ ସୋମବାର ଧାରଣାରେ ସାମିଲ ହୋଇଛି। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଓସିଏଲ କମ୍ପାନୀ ଓ ଜିଲା ପ୍ରଶାସନର ମନମାନିକୁ ତୀବ୍ର ନିନ୍ଦା କରି କହିଛନ୍ତି, ସୁନ୍ଦରଗଡ଼ ଜିଲାର କୁଡ଼ା ଓ ରାଜଗାଙ୍ଗପୁର ବ୍ଲକ ଅଧୀନ ୫ଟି ପଞ୍ଚାୟତରୁ ଓସିଏଲ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଛି। ଗ୍ରାମସଭାରେ ଜମି ଅଧିଗ୍ରହଣ ପ୍ରସ୍ତାବ ନାକଚ ହୋଇଯିବା ସତ୍ତ୍ୱେ ଜିଲା ପ୍ରଶାସନ ଓ ଓସିଏଲ୍ କର୍ତ୍ତୃପକ୍ଷ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତ କରି ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ସେ ଦାବି ଜଣାଇଛନ୍ତି। ଧାରଣାରେ ଲେଙ୍କାଙ୍କ ସହ ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ଆଦିତ୍ୟ ପ୍ରସାଦ ପରିଡ଼ା, ବିଶ୍ୱଜିତ ଲେଙ୍କା, ସୌଭାଗ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

କଂଗ୍ରେସରୁ ପ୍ରଫୁଲ୍ଲ ମାଝି ବହିଷ୍କୃତ

୧୦ରେ ବିଜେଡିରେ ଯୋଗଦେବେ

ଭୁବନେଶ୍ୱର,୬।୧୨(ବ୍ୟୁରୋ)– ସୁନ୍ଦରଗଡ, (ଡି.ଏନ୍.ଏ)

ଇସ୍ତଫା ଦେବା ପୂର୍ବରୁ ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀଙ୍କୁ ଦଳରୁ କଂଗ୍ରେସ ବହିଷ୍କାର କରିଛି। ବିଶୃଙ୍ଖଳିତ ଆଚରଣ ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ସୋମବାର ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ସୂଚନା ଦେଇଛନ୍ତି। ପରେ ତଳସରା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କଂଗ୍ରେସରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର

ଡା.ପ୍ରଫୁଲ୍ଲ ମାଝି

ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସର ଓଡିଶା ପ୍ରଭାରୀ ଡ. ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଆସନ୍ତା ୧୦ ତାରିଖରେ ସେ ବିଜେଡିରେ ଯୋଗଦେବା ନେଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସଂସଦ ଟିଭି ଶୋ'ରୁ ଓହରିଲେ ଥରୁର୍

ନୂଆଦିଲ୍ଲୀ, ୬।୧୨

ରାଜ୍ୟ ସଭାରୁ ନିଲମ୍ବିତ ୧୨ ଜଣ ସଦସ୍ୟଙ୍କୁ ସମର୍ଥନ ଜଣାଇ କଂଗ୍ରେସ ଏମ୍‌ପି ଶଶୀ ଥରୁର ସଂସଦ ଟିଭିର ଟକ୍ ଶୋ' ଉପସ୍ଥାପନାରୁ ଓହରିଯିବାକୁ ସୋମବାର ଘୋଷଣା କରିଛନ୍ତି। ମୌସୁମୀ ଅଧିବେଶନ ଶେଷ ଦିନରେ ଗୃହରେ ବିଶୃଙ୍ଖଳିତ ଆଚରଣ ଲାଗି ୧୨ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଏହାର ପ୍ରତିବାଦରେ 'ଟୁ ଦି ପଏଣ୍ଟ'ଟକ୍ ଶୋ'ରୁ ସେ ଇସ୍ତଫା ଦେଇଥିବା ଟୁଇଟର ଯୋଗେ ଜଣାଇଛନ୍ତି। ଭାରତର ସଂସଦୀୟ ଗଣତନ୍ତ୍ରର ସର୍ବଶ୍ରେଷ୍ଠ ପରମ୍ପରା ପାଇଁ ସେ ଉପସ୍ଥାପକ ଭୂମିକା ନିଭାଇବା ନିମନ୍ତେ ସଂସଦ ଟିଭିର ଆମନ୍ତ୍ରଣକୁ ଗ୍ରହଣ କରିଥିଲେ। ବିରୋଧୀ ଏମ୍‌ପିମାନଙ୍କୁ ନିଲମ୍ବନ କରାଯିବା ଅତ୍ୟାଚାର ବୋଲି ଥରୁର କହିଛନ୍ତି।

ବିଧାନସଭାରେ ଆଲୋଚନା ପାଇଁ ପ୍ରସ୍ତୁତ ନାହାନ୍ତି ସରକାର: ନରସିଂହ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ମାମଲାର ତଦନ୍ତ ଠିକ୍ ବାଟରେ ଯାଉ ନ ଥିବା ଓ ରାଜ୍ୟ ସରକାର ଏନେଇ ବିଧାନସଭାରେ ଆଲୋଚନା କରିବାକୁ ଚାହୁଁ ନ ଥିବା କଂଗ୍ରେସ ଅଭିଯୋଗ ପୁଣି ଆଣିଛି। ଏଥିସହ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିକୁ ମଧ୍ୟ ଦୋହରାଇଛି।

ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିରୋଧୀଙ୍କୁ ଗୃହ ଅଚଳ ପାଇଁ ଦାୟୀ କରୁଥିବା ରାଜ୍ୟ ସରକାର ମମିତା ହତ୍ୟା ଘଟଣାରେ ଭାଜପା ଓ କଂଗ୍ରେସ ଆଣୁଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଅମଙ୍ଗ ହେଉଛନ୍ତି। ଛାତ୍ରୀନିବାସରେ ଯୌନ ନିର୍ଯାତନା ହୋଇଥିବା ଓ ଗୁପ୍ତ କୋଠରି ନେଇ ପୋଲିସ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏହାର ତଦନ୍ତ କରାଯାଉନାହିଁ କାହିଁକି। କେବଳ ହତ୍ୟାର ତଦନ୍ତ କରାଯାଉଛି, ଯାହା ତାହା ମୂଳ ତଦନ୍ତଠାରୁ ବହୁ ଦୂରରେ। ସରକାର ଯେଉଁ ପ୍ରମାଣ କଥା କହୁଛନ୍ତି, ଏ ପର୍ଯ୍ୟନ୍ତ ଯେତିକି ପ୍ରମାଣ ମିଳିଛି ଓ ଗଣମାଧ୍ୟମରେ ଘୁରି ବୁଲୁଛି, ସେତିକି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ହତ୍ୟାକାଣ୍ଡରେ ସମ୍ପୃକ୍ତି ଦର୍ଶାଇବା ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ପ୍ରମାଣ ନଷ୍ଟ ହୋଇଯାଇଛି। ଏବେ ଯେଉଁ ବାଟରେ ଅନୁସନ୍ଧାନ ଚାଲିଛି ସେଥିରେ ଗିରଫ ଅଭିଯୁକ୍ତ ସନ୍‌ସାଇନ ସ୍କୁଲ୍ ସଭାପତି ଗୋବିନ୍ଦ ସାହୁ ନିର୍ଦ୍ଦୋଷରେ ଖଲାସ ହୋଇଯିବେ। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଯଦି କୌଣସି ତଦନ୍ତରେ ଲୋକେ ସନ୍ତୁଷ୍ଟ ନାହାନ୍ତି ତାହା ଗ୍ରହଣ କରାଯାଇପାରିବ ନାହିଁ। ଏଣୁ ହାଇକୋର୍ଟର ସିଟିଂ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରି ତଦନ୍ତ କରାଯିବା ପାଇଁ ନରସିଂହ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ କଂଗ୍ରେସର ଏଭଳି ବିବୃତିକୁ ଦୁର୍ଭାଗ୍ୟଜନକ କହିଛି ବିଜେଡି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ବିଧାନସଭା ଅଧିବେଶନର ପ୍ରଥମ ଦିନରୁ କଂଗ୍ରେସ ବିଧାୟକମାନେ ଭାଜପା ବିଧାୟକଙ୍କ ସହ ମିଶି ବିଧାନସଭା ଚଳାଇବାକୁ ଦେଉନାହାନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ ପରେ ଓଡ଼ିଶା ହାଇକୋର୍ଟ ଜଣେ ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କୁ ନିଯୁକ୍ତ କରିଛନ୍ତି। ସମସ୍ତେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ। ନରସିଂହ ମିଶ୍ରଙ୍କୁ ଅନୁରୋଧ, ଯଦି ତାଙ୍କ ନିକଟରେ କୌଣସି ପ୍ରମାଣ ଅଛି ତେବେ ସେ କୋର୍ଟଙ୍କ ନିକଟକୁ ଯାଇପାରିବେ ବୋଲି ଅତନୁ କହିଛନ୍ତି।

ପମିତା ହତ୍ୟା ଘଟଣା

■ କଂଗ୍ରେସର ବିବୃତି ଦୁର୍ଭାଗ୍ୟଜନକ : ବିଜେଡି

ମନ୍ତ୍ରୀଙ୍କ ସମ୍ପୃକ୍ତି ଜାଣି ମୁଖ୍ୟମନ୍ତ୍ରୀ ଚୁପ୍: ଭାଜପା

ମାହାଙ୍ଗା ଡବଲ ମର୍ଡର ଘଟଣା

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀରେ ସମ୍ପୃକ୍ତ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଭାଜପାର ୨ ଜଣ କାର୍ଯ୍ୟକର୍ତ୍ତାଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାରେ ସିଧା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ତାଙ୍କୁ ବିଧାନସଭାକୁ ଆସିବାକୁ ଦେଉଛନ୍ତି ଏବଂ ସଭା ମଞ୍ଚରେ ପାଖରେ ବସାଇ ଦକ୍ଷ ମନ୍ତ୍ରୀ ବୋଲି ସାର୍ଟିଫିକେଟ୍ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ପରୋକ୍ଷରେ ଏ କାମ କରିବା ପାଇଁ ପ୍ରୋତ୍ସାହିତ କରୁଥିବା ସନ୍ଦେହ ହେଉଛି ବୋଲି ସମୀର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମାହାଙ୍ଗା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ନିହାର ରଞ୍ଜନ ମହାନ୍ତି ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ କାମ କରୁଥିବା ପ୍ରମାଣ ଦେଇଛନ୍ତି। ମମିତା ମେହେର ମାମଲାରେ ଗୋଟେ କଥା କହୁଛ, ମାହାଙ୍ଗା ମର୍ଡର କେସ୍‌ରେ କୋର୍ଟ କହିବା ପରେ ବି ଗଲାବାଟ ଦେଖୁଛ। ଏସବୁ କଥାରେ ମନ୍ତ୍ରୀମାନଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସମୀର କହିଛନ୍ତି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ଭାଜପା ମିଥ୍ୟା ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ମାହାଙ୍ଗା ଡବଲ ମର୍ଡର ମାମଲା ଏବେ ବିଚାରାଧୀନ ରହିଛି। ମନ୍ତ୍ରୀଙ୍କ ସମ୍ପୃକ୍ତି ସମ୍ପର୍କରେ ଅଦାଲତ କୌଣସି ସ୍ଥାନରେ ଉଲ୍ଲେଖ କରିନାହାନ୍ତି। ଏହି ମାମଲାରେ ଅଭିଯୋଗକାରୀଙ୍କ ଆବେଦନ ପରେ ଅଦାଲତ କେବଳ ଆଇଆଇସିଙ୍କୁ ଏହାର ତଦନ୍ତ କରିବାକୁ କହିଛନ୍ତି। ଆଶା କରୁଛୁ ଭାଜପା ନ୍ୟାୟିକ ପ୍ରକ୍ରିୟା ଜାରି ରଖିବାକୁ ଦେବେ ଏବଂ ଆଇନକୁ ତା' କାର୍ଯ୍ୟ କରିବାକୁ ଦେବେ ବୋଲି ପ୍ରମିଳା କହିଛନ୍ତି ।

TPWODL

ବୈଦ୍ୟୁତିକ ନିରାପତ୍ତା ସମ୍ବନ୍ଧୀୟ ସତର୍କ ସୂଚନା

୧. ହାଇ ଭୋଲଟେଜ୍ ବିଦ୍ୟୁତ୍ ଲାଇନ୍ ତଳେ କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯଥା-ଲୋଡିଙ୍ଗ, ଅନଲୋଡିଙ୍ଗ କିମ୍ବା ଗାଡି ପାର୍କିଙ୍ଗ ।

୨. ବିଦ୍ୟୁତ୍ ଲାଇନ ନିକଟରେ ଥିବା କୌଣସି ଗଛର ଡାଳ କାଟନ୍ତୁ ନାହିଁ କିମ୍ବା ଗଛ ଉପରକୁ ଚଢନ୍ତୁ ନାହିଁ ।

୩. ବିଦ୍ୟୁତ୍ ତାର ଅତି ନିକଟରେ ଗୃହ କିମ୍ବା କୌଣସ

ধাত্রী দেবতা
DHARTRI
গলফতা, ৩ ডিসেম্বর ২০১৭

ধাত্রী দেবতা

৭৯ বর্ষ ৩৫ সংখ্যা ৩১ কার্তিক ১৪২৪ থেকে ৭ অগ্রহায়ণ ১৪২৪ ১৭ নভেম্বর থেকে ৩ ডিসেম্বর ২০১৭

৭৯ বর্ষ ৩৫ সংখ্যা

৭ ডিসেম্বর ২০১৭

- প্রবন্ধ নির্বাচন বাছাই ও সম্পাদনার দায়িত্ব সম্পাদকমণ্ডলীর। নির্বাচিত প্রবন্ধের জন্য লেখককে সম্মানদক্ষিণা দেওয়া হবে।
- লেখা পাঠানোর ঠিকানা ও ই-মেল আইডি পত্রিকার প্রথম পৃষ্ঠায় দেওয়া আছে। লেখা পাঠানোর শেষ তারিখ ১৫ ডিসেম্বর। ডাকযোগে পাঠানো লেখা ফেরত দেওয়া হবে না।
- লেখা কাগজের এক পৃষ্ঠায় কালি দিয়ে স্পষ্ট করে লিখতে হবে। লেখা ই-মেলে পাঠালে ইউনিকোড ফন্টে টাইপ করে পাঠাতে হবে। ই-মেলে পাঠানো লেখার সফ্‌ট কপি আলাদা করে জমা দিতে হবে।

ছবি আঁকুন



সু-ডো-কু

Puzzles by Srikant Ghosh



উত্তর

3	2	5	9	1	6	4	7	8
4	6	8	7	2	5	3	9	1
7	1	9	4	3	8	6	5	2
2	3	7	8	5	9	1	6	4
8	5	6	1	4	2	7	3	9
9	4	1	3	6	7	8	2	5
6	8	3	2	9	4	5	1	7
5	7	2	6	8	1	9	4	3
1	9	4	5	7	3	2	8	6

ভাবনা ভাঙাকথা

সু-ডো-কু

Puzzles by Srikant Ghosh

- ডানদিক বাঁদিক ওপর নিচ মিলিয়ে প্রতিটি ঘরে ১ থেকে ৯ পর্যন্ত সংখ্যা বসাতে হবে।
- একই সংখ্যা একই সারি, কলাম বা ৩ বাই ৩ ঘরে একবারের বেশি বসানো যাবে না।

ধাঁধা

- ৩ বাই ৩ ঘরে ৯টি সংখ্যা বসানো আছে। ৪ টি সংখ্যা দেওয়া আছে। ১ থেকে ৯ পর্যন্ত বাকি সংখ্যাগুলি এমনভাবে বসাতে হবে যাতে প্রতিটি সারি, কলাম ও ৩ বাই ৩ ঘরে ১ থেকে ৯ পর্যন্ত সংখ্যা একবার করে থাকে।

ধাঁধার উত্তর

						5	4	
						3		
		7						
			9					

ধাঁধার উত্তর

3	2	5	9	1	6	4	7	8
4	6	8	7	2	5	3	9	1
7	1	9	4	3	8	6	5	2
2	3	7	8	5	9	1	6	4
8	5	6	1	4	2	7	3	9
9	4	1	3	6	7	8	2	5
6	8	3	2	9	4	5	1	7
5	7	2	6	8	1	9	4	3
1	9	4	5	7	3	2	8	6

ভাবনা চলাকালীন ধাঁধার সমাধান করতে হবে। ধাঁধা সমাধানের জন্য কোনো নির্দিষ্ট পদ্ধতি নেই। ধাঁধা সমাধানের জন্য যুক্তি ও বুদ্ধির ব্যবহার করতে হবে। ধাঁধা সমাধানের জন্য কোনো অঙ্ক কষতে হবে না। ধাঁধা সমাধানের জন্য কোনো বিশেষ জ্ঞান থাকার প্রয়োজন নেই। ধাঁধা সমাধানের জন্য কোনো বিশেষ জ্ঞান থাকার প্রয়োজন নেই। ধাঁধা সমাধানের জন্য কোনো বিশেষ জ্ঞান থাকার প্রয়োজন নেই।

ধাঁধা

- ৩ বাই ৩ ঘরে ৯টি সংখ্যা বসানো আছে। ৪ টি সংখ্যা দেওয়া আছে। ১ থেকে ৯ পর্যন্ত বাকি সংখ্যাগুলি এমনভাবে বসাতে হবে যাতে প্রতিটি সারি, কলাম ও ৩ বাই ৩ ঘরে ১ থেকে ৯ পর্যন্ত সংখ্যা একবার করে থাকে।

ধাঁধার উত্তর

						5	4	
						3		
		7						
			9					

ধাঁধার উত্তর

3	2	5	9	1	6	4	7	8
4	6	8	7	2	5	3	9	1
7	1	9	4	3	8	6	5	2
2	3	7	8	5	9	1	6	4
8	5	6	1	4	2	7	3	9
9	4	1	3	6	7	8	2	5
6	8	3	2	9	4	5	1	7
5	7	2	6	8	1	9	4	3
1	9	4	5	7	3	2	8	6

ভাবনা চলাকালীন ধাঁধার সমাধান করতে হবে। ধাঁধা সমাধানের জন্য কোনো নির্দিষ্ট পদ্ধতি নেই। ধাঁধা সমাধানের জন্য যুক্তি ও বুদ্ধির ব্যবহার করতে হবে

ସଂକ୍ଷେପରେ

ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ

ଭୁବନେଶ୍ୱର,୬।୧୨: ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ରେଳସଦନ ପରିସରରେ ଭାରତ ରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ପୂର୍ବତଟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ତୁଷାରକାନ୍ତି ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ୱାଲ୍ଟିୟର ଡିଭିଜନଠାରେ ମଧ୍ୟ ମଣ୍ଡଳ ରେଳବାଇ ପ୍ରବନ୍ଧକମାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତରେ ମହାପରିନିର୍ବାଣ ଦିବସ ପାଳନ କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ରେକ୍ କାର୍ଯ୍ୟ ପାଇଁ ଟ୍ରେନ୍ ବାତିଲ

ଭୁବନେଶ୍ୱର,୬।୧୨: ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ଯାତାୟାତ କରୁଥିବା ଏବଂ ଏହା ମଧ୍ୟକୁ ଆସୁଥିବା କିଛି ଟ୍ରେନ୍‌କୁ ବିଶେଷ କାର୍ଯ୍ୟ ପାଇଁ ବାତିଲ କରାଯାଇଛି। ଟ୍ରେନ ଚଳାଚଳରେ ସ୍ୱାଭାବିକତା ଆଣିବାକୁ ରେଳ ରେକ୍ କାର୍ଯ୍ୟ (ଆଡଜଷ୍ଟମେଣ୍ଟ) ଭଳି ନିଷ୍ପତ୍ତି ନିଆଯାଇଛି। ବାତ୍ୟା ଜୱାଦ ସମୟରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସଂଯୋଗକାରୀ ଟ୍ରେନ୍ ଗୁଡିକ ପୂର୍ବରୁ ବାତିଲ କରାଯାଇଥିଲା। ବର୍ତ୍ତମାନ ବାତିଲ ହୋଇଥିବା ଟ୍ରେନ୍‌ଗୁଡିକ ମଧ୍ୟରେ ରହିଛି ସେହିଭଳି ବୁଧବାର ଜସିଡିହଠାରୁ ଛାଡିବାକୁ ଥିବା ଜସିଡିହ-ଚାମ୍ବରମ୍ ଏକ୍ସପ୍ରେସ୍। ଡିସେମ୍ବର ୮ରେ ଭାଗଲପୁରଠାରୁ ଛାଡିବାକୁ ଥିବା ଭାଗଲପୁର-ଯଶୋବନ୍ତପୁର ଏକ୍ସପ୍ରେସ୍ ପ୍ରମୁଖ ରହିଛି। ଅପରପକ୍ଷରେ ଚେନ୍ନାଇରୁ ଛାଡିବାକୁ ଥିବା ଚେନ୍ନାଇ-ପୁରୀ ଏକ୍ସପ୍ରେସ ସହିତ ଆଲେପ୍ପିରୁ ଉଭୟ ସୋମବାର ଓ ମଙ୍ଗଳବାର ଛାଡ଼ିବାକୁ ଥିବା ଆଲେପ୍ପି-ଧାନବାଦ୍ ଏକ୍ସପ୍ରେସ। ଡିସେମ୍ବର ୭ରେ ତ୍ରିଭେନ୍ଦ୍ରମଠାରୁ ଛାଡିବାକୁ ଥିବା ତ୍ରିଭେନ୍ଦ୍ରମ-ସିଲ୍ଚର୍ ଏକ୍ସପ୍ରେସ। ରହିଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଭାରତରେ ଚାଲିବ ହାଇଡ୍ରୋଜେନ୍ କାର୍

ମୁମ୍ବାଇ,୬।୧୨

ଗତ କିଛି ବର୍ଷ ଧରି ତୈଳ ଦର ଅହେତୁକ ଭାବେ ବୃଦ୍ଧି ପାଇବା ଯୋଗୁ ଖାଉଟି ଅଭିଯୋଗ କରିବା ସହ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି କୋଭିଡ୍ ସମୟରେ ପେଟ୍ରୋଲ ଓ ଡିଜେଲର ଦର ରେକର୍ଡ ପରିମାଣରେ ବୃଦ୍ଧି ପାଇବାରୁ ସରକାର ମଧ୍ୟ କିଛି କରିପାରିବା ସ୍ଥିତିରେ ନ ଥିଲେ। ଗୋଟିଏ ପଟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସାଙ୍ଗକୁ ତୈଳ ଉତ୍ତୋଳନ କରୁଥିବା ରାଷ୍ଟ୍ରଗୁଡିକ ମଧ୍ୟରେ ବିବାଦ ଯୋଗୁ ଆମଦାନୀର ଅଭାବୀରୁ ରପ୍ତାନି ମଧ୍ୟ ସେହି ପରିମାଣରେ ଆପେକ୍ସ ରାଷ୍ଟ୍ରଗୁଡିକ କରିପାରିଲେ ନାହିଁ। ଏହାର ପ୍ରଭାବ ଭାରତୀୟ ତୈଳ ବଜାର ଉପରେ ପଡ଼ିଥିଲା। ସେହିଭଳି ପୂର୍ବ ସରକାରଙ୍କ ସମୟରେ ଲାଗି ରହିଥିବା ବକେୟା (ତୈଳ ବଣ୍ଡ) ପରିଶୋଧ କାରଣରୁ ତୈଳ ଦର ଉଚ୍ଚା ରହିଥିଲା ବୋଲି ସରକାର ମଧ୍ୟ ଚିନ୍ତିତ ରହିଥିବା କୁହାଯାଉଛି।



ତୈଳ ଅଭାବ ପୂରଣ ଓ ପରିବେଶକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଦେଶରେ ତୈଳ ଉତ୍ପାଦନର କୌଣସି ସୁବିଧା ନ ଥିବାରୁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି। ସେଥିପାଇଁ ସରକାର ତୈଳଚାଳିତ ଯାନବାହନ ବଦଳରେ ଦେଶରେ ଇ- ଯାନ ଚଳାଇବାକୁ ଉଭୟ କମ୍ପାନୀ ଓ ଗ୍ରାହକଙ୍କୁ ସଚେତନ କରାଉଛନ୍ତି। ବର୍ତ୍ତମାନ ସମୟରେ ଭାରତରେ ଦେଖାଦେଉଥିବା ପରିବେଶ ସମ୍ପର୍କିତ ସମସ୍ୟା ଓ ବାୟୁମଣ୍ଡଳର ପରିବର୍ତ୍ତନକୁ ଆଖି ଆଗରେ ରଖି ସରକାର ହାଇଡ୍ରୋଜେନ ଯାନ ଚଳାଇବାକୁ ଯୋଜନା କରୁଛନ୍ତି ବୋଲି ସଡ଼କ ପରିବହନ ମନ୍ତ୍ରୀ ନୀତୀନ୍ ଗଡକରୀ ନିକଟରେ ଏକ ସମ୍ମିଳନୀରେ ଏ ସମ୍ପର୍କରେ ମତ ଦେଇଛନ୍ତି। ସୂଚନା ମୁତାବକ, ଖୁବ୍ ଶୀଘ୍ର ଭାରତରେ ହାଇଡ୍ରୋଜେନ ଚାଳିତ କାର ଚାଲିବ ବୋଲି ମନ୍ତ୍ରୀ ଗଡକରୀ କହିଛନ୍ତି। ଦେଶରେ ଖୁବ୍‌ଶୀଘ୍ର ହାଇଡ୍ରୋଜେନ୍‌ରେ ଚାଲୁଥିବା କାର୍ ଆସିବ। ଫଳରେ ଦେଶର ପରିବେଶ ଓ ପରିବେଶଜନିତ ସମସ୍ୟାରୁ ରକ୍ଷା କରାଯାଇପାରିବ ବୋଲି ସରକାର ଯୋଜନା କରୁଥିବା ଗଡକରୀ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଗ୍ରୀନ୍ ହାଇଡ୍ରୋଜେନ୍‌ର ସମୟ ଆସିଯାଇଛି। ଖୁବ୍‌ଶୀଘ୍ର ରାସ୍ତାରେ ହାଇଡ୍ରୋଜେନ୍ ଚାଳିତ କାର୍ ଗଡିବ। ଭାରତୀୟ ବୈଜ୍ଞାନିକଙ୍କୁ ପ୍ରଶଂସା କରିବାକୁ ଯାଇ ଗଡକରୀ ଆହୁରି ମଧ୍ୟ କହିଛନ୍ତି, ଖୁବ୍‌ଶୀଘ୍ର ତାଙ୍କ ପାଖରେ ଏକ ସ୍ୱତନ୍ତ୍ର କାର୍ ଥିବ, ଯାହାକି ଗ୍ରୀନ୍ ହାଇଡ୍ରୋଜେନରେ ଚାଲିବ। ଏକଥାକୁ ଲୋକେ ବିଶ୍ୱାସ ନ କଲେ ବି ସତ ହେବାକୁ ଯାଉଛି। ଏହି କାର୍ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ରହିବା ସହ ପରିବେଶକୁ ସୁରକ୍ଷିତ ରଖିବ ବୋଲି ସେ କହିଛନ୍ତି। ଭାରତରେ ଗ୍ରୀନ୍ ହାଇଡ୍ରୋଜେନ୍‌ର ବ୍ୟବହାର କରିବାକୁ ପାଇଲଟ୍ ପ୍ରୋଜେକ୍ଟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ ମୁତାବକ, ଗଡକରୀ କହିଛନ୍ତି, ଦିଲ୍ଲୀ ମହାନଗରରୁ ଦୈନିକ ଲକ୍ଷ ଲକ୍ଷ କ୍ୟୁସେକ୍ ସ୍ୱେରେଜ ପାଣି ବାହାରୁଛି। ଏବେ ଏହି ସ୍ୱେରେଜ ପାଣିକୁ ଅତ୍ୟାଧୁନିକ ପ୍ରଣାଳୀରେ ବ୍ୟବହାର କରାଯାଇ ପ୍ଲାଣ୍ଟରେ ପ୍ରକ୍ରିୟାକରଣ କରାଯିବ। ଏଥିରୁ ଯେଉଁ ହାଇଡ୍ରୋଜେନ ଶକ୍ତି ସଞ୍ଚୟ ହେବ ତାହା ଗାଡ଼ିରେ ଇନ୍ଧନ ଭାବେ ବ୍ୟବହାର କରାଯିବ। ଏଥିପାଇଁ ଫରିଦାବାଦରେ ଏକ ଅଏଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ଗଡକରୀ କହିଛନ୍ତି। ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଲେ ଭାରତ ଏକ ପ୍ରଦୂଷଣମୁକ୍ତ ଦେଶ ହେବ ବୋଲି ସରକାର ଆକଳନ କରିଛନ୍ତି।

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେବ ବିଓବି

ଭୁବନେଶ୍ୱର,୬।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ (ଚିଫ୍ ସେକ୍ରେଟାରି), ଶକ୍ତି ସଚିବ (ଏନର୍ଜି ସେକ୍ରେଟାରି) ଏବଂ ମିଶନ ଶକ୍ତି ଭଳି ସରକାରୀ କାର୍ଯ୍ୟାଳୟ ଗସ୍ତ କରିଥିବା ସହ ଓଡ଼ିଶାର ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟର ଅଭିବୃଦ୍ଧିରେ ବ୍ୟାଙ୍କ ଅଫ୍ ବରୋଦାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ଦୁଗ୍ଧ ଉତ୍ପାଦନ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷିକ୍ଷେତ୍ରର ବିକାଶ ପାଇଁ କୃଷକମାନଙ୍କୁ ବ୍ୟାଙ୍କ ଅର୍ଥ ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ବୋଲି ଚାନ୍ଦ ମହିଛନ୍ତି। ସେହିଭଳି ଗୃହ, ଶିକ୍ଷା ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ପ୍ରଦାନ ପାଇଁ ମଧ୍ୟ ବ୍ୟାଙ୍କ ଆଗ୍ରହ ପ୍ରକାଶ କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଉତ୍ପାଦନ ତଥା ସେବା କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ବ୍ୟାଙ୍କ ଆଗ୍ରହୀ ଥିବା ସେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଭୁବନେଶ୍ୱର କ୍ଷେତ୍ର-୨ର କଟକ ମୁଖ୍ୟ ଶାଖା ଗସ୍ତ କରିବା ସହ ଗ୍ରାହକମାନଙ୍କୁ ଋଣ ମଞ୍ଜୁରୀପତ୍ର ବଣ୍ଟନ କରିଥିଲେ। ପରିଶେଷରେ ଚାନ୍ଦ ସମସ୍ତ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ ବହୁ ଶୀଘ୍ର ଭୁବନେଶ୍ୱର କ୍ଷେତ୍ର-୨ କଟକ କାର୍ଯ୍ୟାଳୟର ନୂତନ ପରିସର ଉଦ୍‌ଘାଟନ ହେବ ବୋଲି ନିଶ୍ଚିତ କରାଇଥିଲେ।

ସେନ୍‌ସେକ୍ସ ୯୪୯, ନିଫ୍ଟି ୨୮୫ ପଏଣ୍ଟ ହ୍ରାସ

ମୁମ୍ବାଇ,୬।୧୨

ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍‌ର ଭୟ ସବୁ ବର୍ଗଙ୍କ ଉପରେ ପଡ଼ିବା ଆରମ୍ଭ କରିଛି। ଗୋଟିଏ ପଟରେ ଓମିକ୍ରନ୍, ଅପରପକ୍ଷରେ ଭାରତୀୟ ରିର୍ଜଭ ବ୍ୟାଙ୍କ(ଆର୍‌ବିଆଇ)ର ନୂତନ ମୁଦ୍ରାନୀତିର ଭୟ ବାଣିଜ୍ୟିକ ସଂସ୍ଥା ଓ ଶେୟାର ବଜାର ଉପରେ ପରୋକ୍ଷରେ ପ୍ରଭାବ ପକାଇଛି। ଏହାର ପ୍ରଭାବ ଶେୟାର ବଜାର ଉପରେ ପଡୁଛି ବୋଲି ବାଣିଜ୍ୟିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ସୋମବାର ଶେୟାର ବଜାର ଆରମ୍ଭରୁ ତଳମୁହାଁ ରହିଥିଲା। ଫଳରେ ବଜାର କାରବାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସୂଚନା ଅନୁସାରେ ଡିସେମ୍ବର ୬ରେ ସେନ୍‌ସେକ୍ସ ୯୪୯ ପଏଣ୍ଟ ହ୍ରାସ ପାଇ ୫୬,୭୪୭ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ୍ୟ ୨୮୫ ଅଙ୍କ ହ୍ରାସ ଘଟି ୧୬,୯୧୨ ପଏଣ୍ଟରେ ରହିଛି। ସେନ୍‌ସେକ୍ସର ଶ୍ରେଷ୍ଠ ୩୦ଟି ଶେୟାର ମଧ୍ୟରୁ ସମସ୍ତ ଷ୍ଟକ୍ ଲାଲ ସଙ୍କେତରେ ବନ୍ଦ ହୋଇଥିବା ବେଳେ କେବଳ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏବଂ ବଜାଜ ଫିନ୍‌ସର୍ଭର ଶେୟାର ମୂଲ୍ୟ ସର୍ବାଧିକ ହ୍ରାସ ପାଇଥିବା ସୂଚନା ମିଳିଛି। ଏହି ଦୁଇ କମ୍ପାନୀର ଶେୟାର ମୂଲ୍ୟ ସୋମବାର ପ୍ରାୟ ୩% ରୁ ଅଧିକ ହ୍ରାସ ପାଇଥିବା ସୂଚନା ମିଳିଛି।

ଶେୟାର ବଜାର ତଳମୁହାଁ

ସେହିପରି ଭାରତୀ ଏୟାରଟେଲ, ଟିସିଏସ୍, ଏଚସିଏଲ୍ ଟେକ୍, ଟେକ୍ ମହିନ୍ଦ୍ରା, ଇନ୍‌ଫୋସିସ୍, ଏସିଆନ୍ ପେଣ୍ଟସ୍, ମାରୁତି, ଏନ୍‌ଟିପିସି, ଏସ୍‌ବିଆଇ,ଏଲ୍‌ଆଣ୍ଡଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସର ଶେୟାର ମୂଲ୍ୟ ବୃଦ୍ଧି ପାଇଛି।

ସେକ୍ଟୋରିଆଲ ଇଣ୍ଡେକ୍ସ କଥା କହିବାକୁ ଗଲେ ସୋମବାର ସମସ୍ତ ସେକ୍ଟର ମୂଲ୍ୟ ହ୍ରାସ ପାଇଛି। ବ୍ୟାଙ୍କ ନିଫ୍ଟି, ଅଟୋ, ଆର୍ଥିକ କାରବାର, ଏଫ୍‌ଏମ୍‌ସିଜି, ଆଇଟି, ମିଡିଆ, ମେଟାଲ, ଫାର୍ମା, ପିଏସ୍‌ୟୁ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ହେଲ୍‌ଥ କେୟାର ଏବଂ ଅଏଲ ଓ ଗ୍ୟାସ୍ ସମସ୍ତ କାରବାର ଲାଲ୍ ସଙ୍କେତ ସହ ବନ୍ଦ ହୋଇଛି।

ବ୍ୟାଙ୍କ ଘରୋଇକରଣକୁ ବିରୋଧ କରିବ ସଂଘ

ଭୁବନେଶ୍ୱର,୬।୧୨

କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ବ୍ୟାଙ୍କର ଘରୋଇକରଣ ସମ୍ପର୍କିତ ବିଧେୟକ ଆଗତ ବିଲ୍‌କୁ ଦୃଢ଼ ବିରୋଧ କରିବ ବୋଲି ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ସୂଚନା ଦେଇଛି। ସଂସଦର ଶୀତକାଳୀନ ଅଧିବେଶନରେ ଆଗତ ହେବାକୁ ଥିବା ବ୍ୟାଙ୍କିଙ୍ଗ ନିୟମ (ସଂଶୋଧିତ) ବିଧେୟକ ୨୦୨୧ ବିରୋଧରେ ଚଳିତ ମାସ ୧୬ ଓ ୧୭ ଡିସେମ୍ବରରେ ଧର୍ମଘଟ କରିବାକୁ ବ୍ୟାଙ୍କ ସଂଗଠନଗୁଡ଼ିକ ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଅଲ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନର ସାଧାରଣ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି, ସାର୍ବଜନୀନ ବ୍ୟାଙ୍କର ଘରୋଇକରଣରେ ଅର୍ଥବ୍ୟବସ୍ଥା ପ୍ରଭାବିତ ହେବ। ଏଥିରେ ସ୍ୱୟଂ ସହାୟକ ସଂଘ, ଗ୍ରାମାଞ୍ଚଳ ଅର୍ଥ ବ୍ୟବସ୍ଥାକୁ ଋଣ ଯୋଗାଇବାରେ ବ୍ୟାପକ ପ୍ରଭାବ ପଡିବ। ଏହି ଧର୍ମଘଟରେ ୫ ପ୍ରମୁଖ ସଂଘ ସାମିଲ ହେବେ ବୋଲି ସୂଚନା ମିଳିଛି।

ଇଣ୍ଡସ୍‌ଇଣ୍ଡର 'ହୋମ୍ କମିଂ ଫେଷ୍ଟିଭାଲ'

ଭୁବନେଶ୍ୱର,୬।୧୨

କୋଭିଡ୍ ମହାମାରୀ ମୁକାବିଲା ପାଇଁ ଗମନାଗମନ ଉପରେ ଲଗାଯାଇଥିବା କଟକଣା ଯୋଗୁ ଦୀର୍ଘ ବର୍ଷକର ବ୍ୟବଧାନ ପରେ ନିଜ ପ୍ରିୟଜନଙ୍କୁ ଭେଟିବାକୁ ଦେଶକୁ ଆସୁଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ମାନଙ୍କ ଲାଗି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ 'ଏନ୍‌ଆର୍‌ଆଇ ହୋମ୍ କମିଂ' ଫେଷ୍ଟିଭାଲର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏହାର କିଛି ଶ୍ରେଷ୍ଠ ଶ୍ରେଣୀର ଆର୍ଥିକ ସମାଧାନ ବିଷୟରେ ସଚେତନତା ସୃଷ୍ଟି କରିବ, ଯାହାକୁ ସ୍ୱତନ୍ତ୍ର ଭାବେ ଏନ୍‌ଆର୍‌ଆଇ ବର୍ଗଙ୍କ ଲାଗି ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ଡିସେମ୍ବର ୧ରୁ ୨୮ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ବ୍ୟାଙ୍କର ସମସ୍ତ ଶାଖାରେ ଏହାକୁ ପାଳନ କରାଯିବ। ଏହି ସମୟରେ ଯେତିକି ଏନ୍‌ଆର୍‌ଆଇ ଗ୍ରାହକ ଯୋଡ଼ି ହେବେ ସେଥିପାଇଁ ବ୍ୟାଙ୍କ ପକ୍ଷରୁ ବେଙ୍ଗାଲୁରୁର ଏନ୍‌ଜିଓ ଅକ୍ଷୟ ପାତ୍ର ଫାଉଣ୍ଡେଶନକୁ ଦାନ କରାଯିବ। ଦୁଇମାସ ପାଇଁ ଉପେକ୍ଷିତ ବର୍ଗର ପିଲାମାନଙ୍କୁ ଖାଇବାକୁ ଦେବାରେ ଏହା ବ୍ୟବହାର କରାଯିବ। ଏ ସମ୍ପର୍କରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ମୁଖ୍ୟ କଞ୍ଜୁମର ବ୍ୟାଙ୍କ, ସୌମିତ୍ର ସେନ୍ କହିଛନ୍ତି, ସାରା ବିଶ୍ୱରେ ଗମନାଗମନକୁ ନେଇ ଲଗାଯାଇଥିବା କଟକଣା ଯୋଗୁ ୧୮ ମାସରୁ ଅଧିକ ସମୟ ଧରି ଏନ୍‌ଆର୍‌ଆଇମାନେ ନିଜ ଦେଶକୁ ଫେରିପାରିନାହାନ୍ତି ଏବଂ ସେମାନେ ଚଳିତ ବର୍ଷ ଆସିବାକୁ ପ୍ରବଳ ମାତ୍ରାରେ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଆର୍‌ଆଇ ଗ୍ରାହକମାନଙ୍କ ଲାଗି ହୋମ୍ କମିଂ ଫେଷ୍ଟିଭାଲ ବିଷୟରେ ଘୋଷଣା କରାଯାଇଛି। ଏହା ଆମକୁ ସେମାନଙ୍କ ସହ ଯୋଡ଼ିବା, ସେମାନଙ୍କ ଆବଶ୍ୟକତାକୁ ବୁଝିବା ଓ ସେହି ଅନୁସାରେ ବ୍ୟାପକ ଆର୍ଥିକ ସମାଧାନ ପ୍ରଦାନ କରିବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଫୁରସତ୍

ମାଟି ମା'ର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ

ମାଟି ମା'ର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ପଦାତିକ ବାହିନୀଙ୍କ ବଳିଦାନ ଅତୁଳନୀୟ। ପଦାତିକ ବାହିନୀର କର୍ମଚାରୀଙ୍କ କଲ୍ୟାଣ ପାଇଁ ଡିସେମ୍ବର ୭ରେ ଜାତୀୟ ପଦାତିକ ବାହିନୀ ପତାକା ଦିବସ (ନ୍ୟାଶନାଲ ଆର୍ମଡ୍ ଫୋର୍ସ ଫ୍ଲାଗ୍ ଡେ) ପାଳନ କରାଯାଇଥାଏ। ଦେଶର ଜନସାଧାରଣଙ୍କଠାରୁ ଏନେଇ ପାଣ୍ଠି ସଂଗ୍ରହ କରିବା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୪୯ ଡିସେମ୍ବର ୭ଠାରୁ ଏହା ପାଳିତ ହୋଇ ଆସୁଛି। ଭାରତ ସ୍ୱାଧୀନତା ହାସଲ କରିବା ପରେ ପ୍ରତିରକ୍ଷା କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାର ଚିନ୍ତା କରିଥିଲେ। ୧୯୪୯ ଅଗଷ୍ଟ ୨୮ରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ଡିସେମ୍ବର ୭ରେ ପତାକା ଦିବସ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିନ ସାଧାରଣ ଜନତାଙ୍କୁ ଛୋଟ ପତାକା ବଣ୍ଟନ କରିବା ଏବଂ ପ୍ରତିବଦଳରେ ଦାନ ସଂଗ୍ରହ କରିବା କାର୍ଯ୍ୟ ମୁଖ୍ୟ ଲକ୍ଷ୍ୟ ଥିଲା। ପତାକା ଦିବସର ମହତ୍ତ୍ୱ ହେଉଛି ଯେ, ଦେଶ ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରୁଥିବା ସଶସ୍ତ୍ର ବାହିନୀର କର୍ମଚାରୀଙ୍କ ପରିବାର ଏବଂ ନିର୍ଭରଶୀଳଙ୍କ ଯତ୍ନ ନେବା ଭାରତର ସାଧାରଣ ନାଗରିକଙ୍କ ଦାୟିତ୍ୱ। ଏହି ଦିବସ ପାଳନ ଅବସରରେ ଦେଶର ଜନସାଧାରଣଙ୍କ ମଧ୍ୟରେ ଭାରତୀୟ ସେନାର ପଦାତିକ ବାହିନୀଙ୍କ ବଳିଦାନକୁ ସ୍ମରଣ କରାଯିବା ସହିତ ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ।

ଜାତୀୟ ପଦାତିକ ବାହିନୀ ପତାକା ଦିବସ

ସୀମାରେ ଧରାପଡ଼ିଲେ ପାକିସ୍ତାନୀ ପ୍ରେମିକ

ଜୟପୁର: କଥାରେ ଅଛି ପ୍ରେମ ବାଧା ବନ୍ଧନ ମାନେ ନା। ଏହାର ସଦ୍ୟତମ ଉଦାହରଣ ରାଜସ୍ଥାନ ସୀମାରେ ଦେଖିବାକୁ ମିଳିଛି। ଜଣେ ପାକିସ୍ତାନୀ ଯୁବକ ସୀମାର ଶ୍ରୀ ଗଙ୍ଗା ନଗରଠାରେ ଭାରତରେ ଅନୁପ୍ରବେଶ କରୁଥିବାବେଳେ ବିଏସ୍‌ଏଫ ଯବାନଙ୍କ ହାତରେ ଧରା ପଡ଼ିଛନ୍ତି। ପ୍ରକାଶ ଯେ ଭାରତୀୟ ସୀମାରେ ପ୍ରବେଶ କରିଥିବା ଏହି ପାକିସ୍ତାନୀ ଯୁବକଙ୍କୁ ସେଠାରେ ପାଟ୍ରୋଲିଂ କରୁଥିବା ବିଏସ୍‌ଏଫ ଯବାନ ଧରିଥିଲେ। ରବିବାର ତାଙ୍କୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ ଯୁବକ ମହମ୍ମଦ କହିଛନ୍ତି ଯେ ସୋସିଆଲ ମିଡିଆରେ ସେ ଜଣେ ଭାରତୀୟ ଝିଅଙ୍କ ସହ ଯୋ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ Sambalpur, Tuesday, December 7/ 2021

ଦେବାଶିଷ ଚାମ୍ପିୟନ, ଅନ୍ୱେଷ ରନର୍ସ ଅପ୍

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

କୋଭିଡ କଟକଣା ଯୋଗୁ ଦୀର୍ଘଦିନ ଧରି ଚେସ୍ ଟୁର୍ନାମେଣ୍ଟରୁ ଦୂରେଇ ରହିଥିବା ଓଡ଼ିଶାର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପାଇଛନ୍ତି ସଫଳତାର ସ୍ୱାଦ। ନାଗପୁରରେ ଅନୁଷ୍ଠିତ ଜି.ଏଚ. ରାଇସୋନୀ ମେମୋରିଆଲ ସର୍ବଭାରତୀୟ ଫିଡେ ରିଲ୍ ରେଟିଂ ଚେସ୍ ଟୁର୍ନାମେଣ୍ଟରେ ସେ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି ୨୪୭୦ ରେଟିଂ ପଏଣ୍ଟରେ ଥିବା ଦେବାଶିଷ ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ୮.୫ ପଏଣ୍ଟ ପାଇ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ୮ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ



ପୁରସ୍କାର ଗ୍ରହଣ ଅବସରରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ।

ମୋଟ ୩୦୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସିଦ୍ଧାନ୍ତ ଗାୱାଇ, ଅକ୍ଷୟ ବୋରଗାଓଁକର, କୁଶଗେର କ୍ରିଷ୍ଣାତେର, ହର୍ଶଲ ପାଟିଲ, ଶୈଳେଶ ଡ୍ରାଭିଡ (ସମସ୍ତେ ୭.୫ ପଏଣ୍ଟ), ଦିଲ୍ଲୀର ହରିଶ ଶର୍ମା, ଗୋଆର ଅମିୟ ଅଡି ଓ ମହାରାଷ୍ଟ୍ର–ନାଗପୁରର ସୃଷ୍ଟି ପାଣ୍ଡେ (ସମସ୍ତେ ୭ ପଏଣ୍ଟ) ଟପ୍–୧୦ ଫିନିଶ୍ କରିଛନ୍ତି। ଦେବାଶିଷ ପ୍ରଥମ ରାଉଣ୍ଡରେ ମହାରାଷ୍ଟ୍ର–ନାଗପୁରର ଅଙ୍କଲେଶ ଭାଲେରୋ, ଦ୍ୱିତୀୟ ରାଉଣ୍ଡରେ ମହାରାଷ୍ଟ୍ରର ସୋନୀ ସତ୍ୟଭାନ, ତୃତୀୟ ରାଉଣ୍ଡରେ ମହାରାଷ୍ଟ୍ର–ନାଗପୁରର ଶ୍ରୀଇ.ଏମ୍.ଶ୍ୟାମକ୍ୱାର, ୪ର୍ଥ ରାଉଣ୍ଡରେ ମହାରାଷ୍ଟ୍ରର ସଲାମ ସଚିନ, ୫ମ ରାଉଣ୍ଡରେ ତେଲେଙ୍ଗାନା ମୋହନ କୁଶଗ୍ରା, ୬ଷ୍ଠ ରାଉଣ୍ଡରେ ପଶ୍ଚିମବଙ୍ଗ ଅନ୍ତର୍ଜାତୀୟ ମାଷ୍ଟର ନିଲେଶ ଶାହାଙ୍କୁ ହରାଇଥିବାବେଳେ ୭ମ ରାଉଣ୍ଡରେ ପଶ୍ଚିମବଙ୍ଗର କୌସ୍ତୁଭ କୁଣ୍ଡୁଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ପରେ ସେ ୮ମ ରାଉଣ୍ଡରେ ଦିଲ୍ଲୀର ହରିଶ ଶର୍ମା ଏବଂ ୯ମ ରାଉଣ୍ଡରେ ନିଜ ରାଜ୍ୟର ତଥା ରନର୍ସଅପ୍ ଅନ୍ୱେଷଙ୍କୁ ହରାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଅନ୍ୱେଷ ପୁରା ଟୁର୍ନାମେଣ୍ଟରେ ଭଲ ଖେଳିଥିଲେ ହେଁ ଶେଷ ରାଉଣ୍ଡରେ ଦେବାଶିଷଙ୍କଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ପ୍ରତିଯୋଗିତାର ର‍ୟାପିଡ୍ ବିଭାଗରେ ଦେବାଶିଷ ୯ମ ଓ ଅନ୍ୱେଷ ୧୨ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

ଜାତୀୟ ଶୁଟିଂରେ ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୧୨
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ତର୍ଜାତୀୟ ଶୁଟିଂ ତାରକା ଶ୍ରୀୟଙ୍କା ଷଡ଼ଙ୍ଗୀ ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ୬୪ତମ ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର .୨୨ ବୋର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ୧୧୬୭ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପ୍ରଥମ ଓଡ଼ିଆ ଶୁଟରଭାବେ ସେ ଶୁଟିଂର କୌଣସି ଏକ ଇଭେଣ୍ଟରେ ଜାତୀୟ ଚାମ୍ପିୟନ ହୋଇ ଇତିହାସ ରଚିଛନ୍ତି। ଓଡ଼ିଶାର ବନ୍ଧୁକ ଚାଳନା କ୍ଷେତ୍ରରେ ଶ୍ରୀୟଙ୍କା ହେଉଛନ୍ତି ସର୍ବଶ୍ରେଷ୍ଠ ଖେଳାଳି। ସେ ପୂର୍ବରୁ ଅନେକ ଜୁନିୟର ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକଲାଭ କରି ରାଜ୍ୟ ଓ ଦେଶକୁ

ଶ୍ରୀୟଙ୍କା ଷଡ଼ଙ୍ଗୀ

ଗୌରବାନ୍ୱିତ କରିଛନ୍ତି। ଓଡ଼ିଶାର ସାହେବାଣୀ ଓରାମ ରବିବାର ଗ୍ରୁପ୍ ପିସ୍ତଲ ବିଭାଗରେ ରେଲୱେ ପକ୍ଷରୁ ଅଂଶଗ୍ରହଣ କରି ରୌପ୍ୟ ପଦକ ପାଇଥିଲେ। ଶ୍ରୀୟଙ୍କା ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ଶ୍ରୀୟଙ୍କାଙ୍କର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଶ୍ରୀଲଙ୍କା ଓ ସାହେବାଣୀଙ୍କୁ ସଂଘର ସଭାପତି ଅନଙ୍ଗ ଉଦୟ ସିଂଦେଓ, ପୃଷ୍ଠପୋଷକ କଳିକେଶ ନାରାୟଣ ସିଂଦେଓ ଓ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

ମଣିପୁର ବିପକ୍ଷ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

କେରଳର କୋଝିକୋଡ଼ଠାରେ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଅଭିଜ୍ଞ କୋର୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ

ଜାତୀୟ ସିନିୟର ମହିଳା ଫୁଟ୍‌ବଲ

■ ଓଡ଼ିଶା-ମଣିପୁର, ମିଜୋରାମ-ରେଲୱେ ସେମିଫାଇନାଲ ଆଜି

ପ୍ରଶିକ୍ଷଣରେ ଓଡ଼ିଶା ଦଳ ଗତ ୪ଟି ଯାକ ମ୍ୟାଚରେ ଅପରାଜେୟ ରହିଛି। ମଙ୍ଗଳବାର ଓଡ଼ିଶା ଦଳ ଶକ୍ତିଶାଳୀ ମଣିପୁରକୁ ଭେଟିବ। ''ମହିଳା କ୍ରିକେଟରେ ସଫଳ ଦଳଭାବେ ବିବେଚିତ ହୋଇ ଆସୁଥିବା ମଣିପୁର ୨୦ ଥର ଚାମ୍ପିୟନ ହୋଇ ସାରିଛି। ତେଣୁ ଏହି ଦଳର ପଲା ଭାରି ରହିବା ସ୍ୱାଭାବିକ। ତେବେ କ୍ରମାଗତ ବିଜୟ ଫଳରେ ଆମ ପିଲାମାନେ ଉତ୍ସାହିତ ଅଛନ୍ତି। ଦକ୍ଷତା ଅନୁସାରେ ମଧ୍ୟ ପ୍ରଦର୍ଶନ କରୁଛନ୍ତି। ଆଗାମୀ ମ୍ୟାଚରେ ଆମର ସବୁ ଖେଳାଳିଙ୍କୁ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ

ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ପଡ଼ିବ। ସମସ୍ତଙ୍କୁ ନିଜ ଦାୟିତ୍ୱ ସମ୍ପର୍କରେ ବୁଝାଇ ଦିଆ ଯାଇଛି। ତେଣୁ ଆଗାମୀ ମ୍ୟାଚରେ ଓଡ଼ିଶା ନିଶ୍ଚିତ ଟକ୍କର ଦେବ। ଏହି ମୁକାବିଲା ପାଇଁ ଆମେ ପ୍ରସ୍ତୁତ'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମନୋବଳ ବଢ଼ାଇବା ସହ ଶ୍ରଦ୍ଧାଞ୍ଜଳି ମଣିପୁର ବିପକ୍ଷ ମ୍ୟାଚକୁ ଦୃଷ୍ଟିରେ ରଖି ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଓଡ଼ିଶା ଅନେକଥର ମଣିପୁରକୁ ଟକ୍କର ଦେଇ ଆସିଛି। ତେଣୁ ଏଥର ମଧ୍ୟ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରୁଛନ୍ତି ଶ୍ରଦ୍ଧାଞ୍ଜଳି। ଚଳିତ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ମ୍ୟାଚରେ ଆନ୍ଧ୍ରକୁ ୯–୦, ଦ୍ୱିତୀୟ ମ୍ୟାଚରେ ଗୁଜରାଟକୁ ୭–୦, ତୃତୀୟ ମ୍ୟାଚରେ ହରିୟାଣାକୁ ୨–୧ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୨–୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ପକ୍ଷ ରୁ କରିସ୍ମା ଓରାମ ଓ ସତ୍ୟବତୀ ଖାଡିଆ ଗୋଲ ସ୍କୋର କରିଥିଲେ। ୨୭ ତମ ମିନିଟରେ ଗୋଲ ଦେଇ କରିସ୍ମା ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୭ତମ ମିନିଟ୍‌ରେ ସତ୍ୟବତୀ ଗୋଲ କରିଥିଲେ। ମଣିପୁର ହର୍ଡଲ୍ସ ଟପି ପାରିଲେ ଓଡ଼ିଶା ଚାମ୍ପିୟନ ହୋଇ ପାରିବ ବୋଲି ଆଶା କରାଯାଉଛି।

ପ୍ରକାଶ ଯୋଗ୍ୟ ଯେ, ଗତଥରର ଚାମ୍ପିୟନ ମଣିପୁର ପ୍ରଥମ କ୍ୱାର୍ଟର ଫାଇନାଲରେ ଆସାମକୁ ୨–୦ ଗୋଲରେ ହରାଇ ସେମିଫାଇନାଲରେ ପହଞ୍ଚିଛି। ଗ୍ରୁପ୍ 'ଏ'ରେ ଏହି ଦଳ ଦାମନ ଆଣ୍ଡ ଦିଉ, ପଣ୍ଡିଚେରୀ ଓ ମେଘାଳୟକୁ ଗ୍ରୁପ୍ ମ୍ୟାଚରେ ପରାସ୍ତ କରିଛି। ୩ଟି ଗ୍ରୁପ୍ ମ୍ୟାଚରେ ଏହି ଦଳ ୨୧ଟି ଗୋଲ ସ୍କୋର କରିଥିଲେ ହେଁ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଅନ୍ୟପକ୍ଷରେ ତାମିଲନାଡୁ ଦଳରେ ସନ୍ଧ୍ୟା ରଙ୍ଗନାଥନ ଓ ପଣ୍ଡିସେଲ୍‌ଭିଙ୍କ ପରି ତାରକା ଖେଳାଳି ଥିଲେ ହେଁ ତାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଗ୍ରୁପ୍ 'ଏଫ୍'ର ଲିଗ୍ ପର୍ଯ୍ୟାୟରେ ୧୮ଟି ଗୋଲ ସ୍କୋର କରିଛି ଏବଂ ଗୋଟିଏ ବରଣ କରିଛି। ଅନ୍ୟ ସେମିଫାଇନାଲରେ ମିଜୋରାମ ଓ ରେଲୱେମଧ୍ୟରେ ମୁକାବିଲା ହେବ।

କୁଚ୍‌ବିହାର ଟ୍ରଫି: ଓଡ଼ିଶା ୭୮/୪

ଭୁବନେଶ୍ୱର, ୬।୧୨
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ପୁଣେର ଡେକାନ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ସୋମବାରଠାରୁ ୧୯ ବର୍ଷରୁ କମ୍ କୁଚ୍‌ବିହାର (ଏଲିଟ–ଏ) ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଓଡ଼ିଶା ଓ ଆସାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ପ୍ରଥମ ଦୁଇ ସେସନ ଖେଳ ବର୍ଷା ଯୋଗସମ୍ଭବ ହୋଇ ନ ଥିଲା। ପଡ଼ିଆ ଖେଳ ଉପଯୋଗୀ ହେବାପରେ ଆସାମ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୩୨ ଓଭରରେ ୪ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଛି। ଆଶୀର୍ବାଦ ସ୍ୱାଇଁ ୮୦ ବଲ୍‌ରୁ ୨୪ ଓ ସାଇଦୀପ ମହାପାତ୍ର ୩୫ ବଲ୍‌ରୁ ୨୦ ରନକରି ଅପରାଜିତ ରହିଛନ୍ତି। ଆସାମ ବୋଲରଙ୍କ ମଧ୍ୟରେ ଅନୁରାଗ ଫୁକନ ୯ ଓଭରରେ ୫ ମେଡେନ ନେଇ ୧୭ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ସେହିପରି ରେଶଭ ଦୀପୋକ ୭ ଓଭର ବୋଲିଂ କରି ୩ଟି ମେଡେନ ନେବାସହ ୧୭ ରନ ଦେଇ ଗୋଟିଏ ଉଇକେଟ ପାଇଛନ୍ତି। ଓଡ଼ିଶା ଦଳ ମଙ୍ଗଳବାର ଏହାର ଅସମାପ୍ତ ଇନିଂସରୁ ଖେଳ ଆରମ୍ଭ କରିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ସୂତ୍ରରୁ ପ୍ରକାଶ କରାଯାଇଛି।

ପଞ୍ଜାବ ଓପନ ଗଲ୍ଫରେ ଲଖ୍‌ଙ୍କୁ ସଫଳତା

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ନମ୍ବର ୱାନ ମହିଳା ଗଲ୍ଫର ଲଖ୍ ସ୍ୱାଇଁ ଚଣ୍ଡିଗଡ଼ରେ ଅନୁଷ୍ଠିତ ୨୭ତମ ପଞ୍ଜାବ ଓପନ୍ ମହିଳା ଆମେଚର୍ ଗଲ୍ଫ ପ୍ରତିଯୋଗିତାରେ ନେଟ୍ ସ୍କୋର୍ ବିଜୟିନୀ ହୋଇଛନ୍ତି। ସେଠାରେ ସେ ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସିଲଭର୍ ବର୍ଗରେ ଅଞ୍ଜଳି ନଙ୍ଗଲ୍ ୨୮୨ ସ୍କୋର୍ ସହ ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଥିବାବେଳେ ଅର୍ଚ୍ଚନା କୁମାର ରନର୍ସଅପ୍

ପୁରସ୍କାର ସହ ଲଖ୍ ସ୍ୱାଇଁ

ହୋଇଥିଲେ। ଲଖ୍ ୨୧୮ ସ୍କୋର୍ ସହିତ ଶ୍ରେଷ୍ଠ ନେଟ୍ ସ୍କୋର୍ ଟ୍ରଫି ହାତେଇଥିଲେ। ମୁଖ୍ୟ ବର୍ଗରେ ଦିୟା ବ୍ରାର୍ (୨୩୪) ଚାମ୍ପିୟନ ହୋଇଥିଲେ। ସାଖୀ ମେହେଟା ରନର୍ସଅପ୍ ଏବଂ ସୋନୁ କାଲକଟ୍ ବେଷ୍ଟ ନେଟ୍ ସ୍କୋର୍ ବିଜୟିନୀ ହୋଇଥିଲେ। ବ୍ରୋଞ୍ଜ ବର୍ଗରେ ନଭିନା କାହାଇ ୩୧୨ ସ୍କୋର୍ ସହ ପଦକ ଜିତିଥିବାବେଳେ ଇନ୍ଦର ଗିଲ୍ (୩୨୬) ରନର୍ସଅପ୍ ଏବଂ ବଲଜିନ୍ଦର ମଙ୍ଗଟ ନେଟ୍ ପୁରସ୍କାର ପାଇଥିଲେ। ସିନିୟର ବ୍ୟତୀତ ଜୁନିୟର ବର୍ଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା।

ଆଶେସ ଟେଷ୍ଟ ଭେନ୍ୟୁରୁ ବାଦ୍ ପଡ଼ିଲା ପର୍ଥ

ବ୍ରିସବେନ୍, ୬।୧୨ (ଏପି): ଆସନ୍ତା ଆଶେସ ସିରିଜର ପଞ୍ଚମ ଟେଷ୍ଟ ପର୍ଥରେ ଖେଳାଯିବ ନାହିଁ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ସୋମବାର ଏ ବିଷୟରେ ସୂଚନା ଦିଆଯାଇଛି। ୱେଷ୍ଟର୍ନ ଅଷ୍ଟ୍ରେଲିଆର ପ୍ରୋଟୋକଲ ଅନୁସାରେ ଖେଳାଳିମାନେ ପହଞ୍ଚିବା ମାତ୍ରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ଏହି ସମୟରେ ନୀତି ନିୟମକୁ ମାନି ଚଳିବା ଖୁବ୍ କଷ୍ଟକର। ବିକଳ୍ପ ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର କରାଯାଇପାରି ନାହିଁ। ଏହି ମ୍ୟାଚ ଆୟୋଜନ କରିବା ଲାଗି କ୍ରିକେଟ ନ୍ୟୁଜିଲାଣ୍ଡ, ଭିକ୍ଟୋରିଆ ଏବଂ ଅଷ୍ଟ୍ରେଲିଆନ କ୍ୟାପିଟାଲ ସମେତ ନ୍ୟୁ ସାଉଥ୍‌ୱେଲ୍ସ ଷ୍ଟେଟ୍ସ ଆଗ୍ରହୀ ଅଛନ୍ତି। ହେଲେ ଏହି ଦୌଡ଼ରେ ଟାସମାନିଆର ହୋବାର୍ଟ ସବୁଠାରୁ ଆଗରେ ରହିଛି। ପର୍ଥ ଷ୍ଟାଡିୟମରେ ୫ମ ଆଶେସ ଟେଷ୍ଟ ଆୟୋଜନ କରିବାରେ ଅସମର୍ଥ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। କ୍ୱାରାଣ୍ଟାଇନ୍ ନିୟମ କୋହଳ କରିବା ଲାଗି ୱେଷ୍ଟର୍ନ ଅଷ୍ଟ୍ରେଲିଆ ସରକାର ଓ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ସହ ଆଲୋଚନା ହୋଇଥିଲେ ହେଁ ଏଥରୁ ସୁଫଳ ମିଳି ନ ଥିଲା। ସାଉଥ୍ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ ପୂର୍ବରୁ କହିଥିଲା ଯେ, କାର୍ଯ୍ୟସୂଚୀ ଅନୁସାରେ ଆଡିଲେଡ୍‌ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ୱେଷ୍ଟର୍ନ ଅଷ୍ଟ୍ରେଲିଆ କିନ୍ତୁ ୫ମ ପରିବର୍ତ୍ତେ ଦ୍ୱିତୀୟ ଟେଷ୍ଟ ଆୟୋଜନ ପାଇଁ ଆଗ୍ରହ ଦେଖାଇଥିଲା।

ଫେରିବାର ବେଳ

କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଖେଳି ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ଦକ୍ଷିଣ ଆଫ୍ରିକା ଦଳ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପୃଷ୍ଠା–୮+୮

48

ଧରିତ୍ରୀ

DHARITRI

୪୮

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ (୮+୮=୧୬ ପୃଷ୍ଠା)

Sambalpur, Tuesday, December 7/2021

ଶାନ୍ତି କମିଟି ନିକଟରେ ହାଜର ହେଲେନି କଙ୍ଗନା

ଶିଖ୍ ବିରୋଧୀ ମନ୍ତବ୍ୟ ଅଭିଯୋଗରେ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ୍‌ଙ୍କୁ ସମନ ସତ୍ତ୍ୱେ ସେ ଦିଲ୍ଲୀ ବିଧାନସଭା ଶାନ୍ତି ଓ ସମନ୍ୱୟ କମିଟି ନିକଟରେ ହାଜର ହୋଇନାହାନ୍ତି।

୦୩ ୦୮

ହାମିଲଟନଙ୍କୁ ଟାଇଟଲ

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସାଉଦି ଆରବିୟାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି।

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଦରମା ବୃଦ୍ଧି ଓ ଉଚିତ ମାନ୍ୟତା ପ୍ରଦାନ ଦାବିରେ ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ହକ୍ ନ ମିଳିଲେ ନିର୍ବାଚନରେ ଜବାବ ଦେବୁ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଦାବି ପୂରଣ ନ ହେଲେ ଆମ ହକ୍ ଛଡ଼ାଇ ନେବୁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ମୁହଁତୋଡ଼ ଜବାବ ଦେବୁ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ଅଙ୍ଗନୱାଡ଼ି କର୍ମୀ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଡାକରାରେ ହଜାର ହଜାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସୋମବାର ରାଜଧାନୀ ଭୁବନେଶ୍ୱରରେ ଏକତ୍ର ହୋଇଥିଲେ। ୧୩ ଦଫା ଦାବି ପୂରଣ ନିମନ୍ତେ ସେମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ସମ୍ମୁଖ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜି ରାସ୍ତାରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଙ୍ଗନୱାଡି କର୍ମୀଙ୍କ ପାଇଁ ଥିବା ସ୍କିମ୍ ପ୍ରଥା ଉଠାଇବା ସହ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉ, ନଚେତ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ ରହିଛି। ସେହିଭଳି ଅଙ୍ଗନୱାଡ଼ି ସହାୟିକାଙ୍କୁ ସର୍ବନିମ୍ନ ୧୦ ହଜାର ୫ଶହ ଟଙ୍କା ଦରମା ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀ କରାଯିବା, ଗ୍ରାଜୁଏଟ୍ ୱାର୍କରଙ୍କୁ ସୁପରଭାଇଜର ପଦବୀକୁ ପଦୋନ୍ନତି ଦିଆଯିବା, ଅବସର ନେଲେ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ ସହ ୫ ହଜାର ଟଙ୍କା ପେନସନ ପ୍ରଦାନ, ଛଟେଇ ୭ କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯିବା ଆଦି ଦାବି ରଖିଛି ଆସୋସିଏଶନ।

ରାଜଧାନୀରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ

ବିକ୍ଷୋଭ ସମୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ଅଖିଳ ଭାରତୀୟ ଅଙ୍ଗନୱାଡ଼ି କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ, ସାଧାରଣ ସମ୍ପାଦକ ଝୁନୁପମା ଶତପଥୀ, ସଭାନେତ୍ରୀ ସୁମିତା ମହାପାତ୍ର ଏବଂ ସରକାରଙ୍କ ପକ୍ଷରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ସଚିବ ଅନୁ ଗର୍ଗ, ଆଇସିଡିଏସ୍ ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ରହି ☞ପୃଷ୍ଠା–୬

୨୪୬ ବିଦେଶ ଫେରନ୍ତା ପଜିଟିଭ୍

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

'ଓମିକ୍ରନ୍' ସଂକ୍ରମଣ ବ୍ୟାପିଥିବା ଦେଶରୁ ଓଡ଼ିଶା ଆସିଥିବା ୨୪୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ନଭେମ୍ବର ୨୪ ପରେ ରାଜ୍ୟକୁ ଆସିଛନ୍ତି। ତେବେ ପଜିଟିଭ୍ ଚିହ୍ନଟ ପରେ ସେମାନେ କରୋନାର କେଉଁ ଭାରିଆଣ୍ଟରେ ଆକ୍ରାନ୍ତ, ତାହା ଜାଣିବା ପାଇଁ ସେମାନଙ୍କ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଏ ନେଇ ସୋମବାର ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା ସୂଚନା ଦେଇ କହିଛନ୍ତି, ପୂର୍ବରୁ ଆସିଥିବା ୧୪୧ ନମୁନାର ଜିନୋମ୍ ସିକ୍ୱେନ୍ସିଂ ହୋଇଥିଲା। ୧୪୧ରୁ କୌଣସି ନମୁନା ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇନି। ଏବେ ଯେଉଁ ୨୪୬ ନମୁନା ପଜିଟିଭ୍ ଆସିଛି ତା'ର ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟ ଶୁକ୍ରବାର ଆସିବ ବୋଲି ଡା. ପରିଡ଼ା କହିଛନ୍ତି। ତେବେ ଓଡ଼ିଶାରେ ଏତେ ସଂଖ୍ୟକ ବିଦେଶ ଫେରନ୍ତା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ନାନା ଆଶଙ୍କା ପ୍ରକାଶ ପାଇଛି। ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟ ଆସିବା ପରେ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତ ପ୍ରବେଶ କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ସେପଟେ ବିଦେଶରୁ ଫେରିଥିବା ୪୦ ପ୍ରତିଶତଙ୍କ ଖବର ମିଳୁନାହିଁ। ଯାଞ୍ଚବେଳେ ବହୁ ଯାତ୍ରୀ ଭୁଲ୍ ଠିକଣା, ଏପରିକି ବିଦେଶର ଠିକଣା ଦେଇଥିବାରୁ ଏପରି ସ୍ଥିତି ଉପୁଜିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଏବେ ସୁଦ୍ଧା ଓମିକ୍ରନ୍ ଚିହ୍ନଟ ରାଷ୍ଟ୍ରରୁ ୮୦୦ରୁ ଅଧିକ ଯାତ୍ରୀ ଓଡ଼ିଶାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୨୦ଜଣଙ୍କ ପତ୍ତା ମିଳିପାରୁନି। ଏୟାର ସୁବିଧା ପୋର୍ଟାଲରେ ସେମାନେ ଭୁଲ୍ ଫୋନ ନମ୍ବର ଓ ଠିକଣା ଦେଇଥିବା ଯୋଗୁ ସେମାନଙ୍କୁ ଠାବ କରିବା ସମ୍ଭବ ହେଉନାହିଁ। ଉକ୍ତ ପୋର୍ଟାଲରେ ସେଲ୍ଫ ଡିକ୍ଲାରେଶନ ବ୍ୟବସ୍ଥା ଥିବାରୁ ଏମିତିକି ଅନେକ ☞ପୃଷ୍ଠା–୬



ରାଜ୍ୟରେ ବଢ଼ିଲା ଓମିକ୍ରନ୍ ଚିନ୍ତା

- ଜିନୋମ୍ ସିକ୍ୱେନ୍ସିଂ ପାଇଁ ଆଇଏଲ୍‌ଏସ୍ ପଠାଯାଇଛି ନମୁନା
- ଶୁକ୍ରବାର ରିପୋର୍ଟ ଆସିବା ପରେ ସ୍ଥିତି ସ୍ପଷ୍ଟ ହେବ
- ୪୦ ପ୍ରତିଶତ ବିଦେଶ ଫେରନ୍ତାଙ୍କ ପତ୍ତା ମିଳୁନି
- ଚଳିତ ମାସ ଶେଷସୁଦ୍ଧା ସମସ୍ତଙ୍କୁ ଟିକା

'ଦାବି ପୂରଣ ନ ହେଲେ ବିଶ୍ରାମ ଦେବେନି ରାଜ୍ୟବାସୀ'

କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ଏମ୍‌ପି।

ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ

କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ବିଜେଡି ଏମ୍‌ପିଙ୍କ ଦାବିପତ୍ର

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଓଡ଼ିଶାର ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି ନିକଟରେ କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିବା ପରେ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ବିଜେଡି ଏମ୍‌ପିମାନେ ଏହି ମର୍ମରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପାଇକ ବିଦ୍ରୋହକୁ ମାନ୍ୟତା ଦେବା ଲାଗି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟର ସାଢ଼େ ୪ କୋଟି ଓଡିଆ ସେମାନଙ୍କୁ ବିଶ୍ରାମ ନେବାକୁ ଦେବେ ନାହିଁ ବୋଲି ଏମ୍‌ପିମାନେ କହିଛନ୍ତି।

ବିଜେଡି ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୩ ଅକ୍ଟୋବର ୨୦୧୭ରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀରେ ପାଇକ ବିଦ୍ରୋହ ଇତିହାସ ପୁସ୍ତକରେ ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଭାବରେ ସ୍ଥାନ ପାଇବ ବୋଲି ଘୋଷଣା କରିଥିଲେ। ଏହା ଓଡିଶାବାସୀଙ୍କ ପାଇଁ ବହୁତ ଖୁସି ଆଣିଦେଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ବର୍ଷର ସଂଘର୍ଷ ଯୋଗୁ ଶେଷରେ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ବୋଲି ଘୋଷଣା କରିବା ☞ପୃଷ୍ଠା–୬

ମା' ଚାପୁଡ଼ାରେ ଶିଶୁପୁତ୍ରର ଜୀବନ ଗଲା

କବିସୂର୍ଯ୍ୟନଗର,୬।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୋଲସରା ବ୍ଲକ ଅନ୍ତର୍ଗତ ଜକର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମା' ଚାପୁଡ଼ାରେ ୨ ବର୍ଷୀୟ ଶିଶୁପୁତ୍ରର ଜୀବନ ଯାଇଛି। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେଉଛି। ପୋଲିସ ସୋମବାର ମୃତ ଶିଶୁପୁତ୍ରଙ୍କ ପରିବାର ଲୋକଙ୍କୁ ପଚରାଉଚରା ଚଳାଇଛି। ସ୍ୱାମୀ ବାହାର ରାଜ୍ୟରେ କାମ ☞ପୃଷ୍ଠା–୬

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ସାଙ୍ଗୀତିକ ଧାରାକୁ ଦିଆଯାଇନି ଶାସ୍ତ୍ରୀୟ ମାନ୍ୟତା

ଭୁବନେଶ୍ୱର (ବ୍ୟୁରୋ)/ ନୂଆଦିଲ୍ଲୀ,୬।୧୨(ସ୍ୱ.ପ୍ର.)

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବାବେଳେ କେନ୍ଦ୍ର ସରକାର ନିରାଶ କରିଛନ୍ତି। ସରକାର କୌଣସି ସଙ୍ଗୀତିକ ଧାରାକୁ ଶାସ୍ତ୍ରୀୟ ମାନ୍ୟତା ଦେଇ ନାହାନ୍ତି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କ୍ରିଷନ ରେଡ୍ଡୀ ସୋମବାର ଲୋକ ସଭାରେ କହିଛନ୍ତି। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ଓଡ଼ିଶାରୁ ବାରମ୍ବାର କରାଯାଇଥିବା ଅନୁରୋଧ ଓ ଆବେଦନକୁ ସରକାର ଗ୍ରହଣ କରିଛନ୍ତି କି ଏବଂ ସେଥିନେଇ କିଭଳି ବିଚାର କରାଯାଉଛି ବୋଲି ବିଜେଡି ଏମ୍‌ପି ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ରେଡ୍ଡୀ କହିଥିଲେ ଯେ, ସରକାର ସଙ୍ଗୀତର କୌଣସି ଧାରା ବା ରୂପକୁ ଶାସ୍ତ୍ରୀୟ ମାନ୍ୟତା ଦେଇ ନ ଥାଆନ୍ତି।

ସୂଚନା ଦିଆଯାଇପାରେ ଯେ, ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ସଙ୍ଗୀତ ନାଟକ ଏକାଡେମୀ ଏକ ସ୍ୱୟଂଚାଳିତ ସଂସ୍ଥା ଭାବେ କାର୍ଯ୍ୟ କରିଆସୁଛି। ଭୁବନେଶ୍ୱରସ୍ଥିତ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ସଭାପତି ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ☞ପୃଷ୍ଠା–୬

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

ରେକର୍ଡ ବିଜୟ ସହ ଭାରତର ସିରିଜ କବ୍‌ଜା

- ମୟଙ୍କ ଅଗ୍ରୱାଲ ପ୍ଲେୟର ଅଫ୍ ଦି ମ୍ୟାଚ
- ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ

ମୁମ୍ବାଇ, ୬।୧୨(ପି.ଟି.)

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ରେକର୍ଡ ୩୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୧–୦ରେ ଜିତିଛି। ପ୍ରଥମ ଟେଷ୍ଟରେ ଭାରତ ବିଜୟ ଦ୍ୱାରରେ ପହଞ୍ଚିଥିଲେ ସୁଦ୍ଧା ନ୍ୟୁଜିଲାଣ୍ଡ ମ୍ୟାଚକୁ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୧୫୦ ଓ ଦ୍ୱିତୀୟ ଇନିଂସରେ ୬୨ ରନ କରିଥିବା ମୟଙ୍କ ଅଗ୍ରୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ୭୦ ରନ ଦେଇ ୧୪ଟି ଉଇକେଟ ନେଇଥିବା ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି। ରନ୍ ଦୃଷ୍ଟିରୁ ଟେଷ୍ଟରେ ଭାରତର ଏହା ସର୍ବବୃହତ୍ ବିଜୟ। ପୂର୍ବରୁ ୨୦୧୫ରେ ଦିଲ୍ଲୀଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ସର୍ବାଧିକ ୩୩୭ ରନରେ ବିଜୟୀ ହୋଇଥିଲା।

ତୃତୀୟ ଦିନର ଅସମାପ୍ତ ଇନିଂସ ୧୪୦/୫ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୧୬୭ ରନରେ ଅଲଆଉଟ ହୋଇଯାଇଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ହେନରି ନିକୋଲ୍ସ ୪୪ ଓ ରଚିନ ରବିନ୍ଦ୍ର ଯଥାକ୍ରମେ ୪୪ ଓ ୧୮ ରନ କରି ଆଉଟ ହୋଇଥିବାବେଳେ କାଏଲ ଜେମିସନ ଓ ଟିମ୍ ସୌଦୀଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ ତାରକା ସ୍ପିନର ଜୟନ୍ତ ଯାଦବ। ୱିଲିୟମ ସମରଭିଲେଙ୍କୁ ୧ ରନରେ ଆଉଟ କରି ନ୍ୟୁଜିଲାଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ଜୟନ୍ତ। ୫୬.୩ ଓଭରରେ ନ୍ୟୁଜିଲାଣ୍ଡ ☞ପୃଷ୍ଠା–୬

ଦ୍ୱିତୀୟ ଟେଷ୍ଟ ଜିତିବା ପରେ ସୋମବାର ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

ସଂକ୍ଷେପରେ

୪୦,୦୫୨ ଶିକ୍ଷକଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୬।୧୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ ୪୦ ହଜାର ୫୨ ଜଣ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଲେବୁଲ-୫ରେ ୧୭ ହଜାର ୨୨୯ଜଣ ପଦୋନ୍ନତି ପାଇଥିବାବେଳେ ଲେବୁଲ୍-୪ରେ ୨୨ ହଜାର ୧୬୮ଜଣ ଏବଂ ଲେବୁଲ୍-୩ରେ ୬୫୫ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦୋନ୍ନତି ପାଇଛନ୍ତି। ଏହି ପଦୋନ୍ନତି ନେଇ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଦୁର୍ଘଟଣାରେ ଶିକ୍ଷା ବିଭାଗର ୩ ଅଧିକାରୀ ଗୁରୁତର

ବୈଶିଙ୍ଗା,୬।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଗଡ଼ଗଡ଼ିଆଠାରେ ସୋମବାର ଟ୍ରେଲର ଧକ୍କାରେ ଶିକ୍ଷା ବିଭାଗର ୩ ଅଧିକାରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବାରୁ ସେମାନଙ୍କୁ ବାରିପଦା ସ୍ଥିତ ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳେ ଏକ କାର୍ ଯୋଗେ ବାରିପଦାରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ପ୍ରଶାନ୍ତ ମହାନ୍ତି ଓ ଜୀବନ ରଞ୍ଜନ କର ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଗଡ଼ଗଡ଼ିଆ ନିକଟରେ ଏକ ଟ୍ରେଲର ସେମାନଙ୍କ କାର୍‌କୁ ଧକ୍କା ଦେଇଥିଲା। କାର୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ୩ ଅଧିକାରୀ ଗୁରୁତର ହୋଇଥିଲେ। ଖବରପାଇ ବୈଶିଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ଆଣିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

ଚାଷୀଙ୍କୁ କଚାଡ଼ି ମାରିଲା ଦନ୍ତା

ବଅଁରପାଳ, ୬।୧୨(ଡି.ଏନ.ଏ.)

■ବଅଁରପାଳରେ ଡେରା ପକାଇଛନ୍ତି ୪୬ ହାତୀ

■ଗୁହାଳ ଭାଙ୍ଗିଲେ, ଆକ୍ରମଣରେ ବାଛୁରୀ ମୃତ

ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ଏକ ପଲରେ ୪୬ ହାତୀ ଆତଙ୍କ ସୃଷ୍ଟି କରିଚାଲିଛନ୍ତି। ସୋମବାର ହାତୀ ଆକ୍ରମଣରେ ନଳଟାଙ୍ଗର ଗ୍ରାମର ଚାଷୀ ଧନେଶ୍ୱର ଭୁକ୍ତା (୬୦)ଙ୍କ ଜୀବନ ଯାଇଛି। ସକାଳୁ ବିଳକୁ ଯାଇଥିବାବେଳେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ଦନ୍ତା କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦେବା ପାଇଁ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝି ଦାବି, ସରପଞ୍ଚ ନର୍ମଦା ମାଝି ପ୍ରମୁଖ ଦାବି କରିଛନ୍ତି। ସେହିପରି ଗ୍ରାମର ଅଦ୍ୱୈତ ମାଝିଙ୍କ ଗୁହାଳକୁ ହାତୀପଲ ଭାଙ୍ଗିଦେବା ସହ ଆକ୍ରମଣ କରି ଏକ ବାଛୁରୀକୁ ମାରିଦେଇଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ଆଇଆଇସି ନରେଶ ସାହୁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବନ ବିଭାଗ ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ହାତୀ ଆତଙ୍କ ସମ୍ପର୍କରେ ନଳଟାଙ୍ଗରା ଗ୍ରାମର ବିଦ୍ୟାଧର ମାଝି କହିଛନ୍ତି, ଗତ କିଛିଦିନ ହେଲା ଉକ୍ତ ୪୬ ହାତୀ ସନ୍ତ୍ରୀ, ଭାଗବତପୁର, ନୂଆହତା, ନଳଚନ୍ଦ୍ରପୁର ଗ୍ରାମରେ ଦଳବଦ୍ଧ ହୋଇ ଘୂରି ବୁଲୁଛନ୍ତି। ଧାନଜମି, ବାଡ଼ି ବଗିଚାରେ ପଶି ବ୍ୟାପକ ଫସଲ ନଷ୍ଟ କରିଚାଲିଛନ୍ତି। ସୋମବାର ସନ୍ଧ୍ୟାରେ ଉକ୍ତ ହାତୀପଲ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଡେରା ପକାଇଛନ୍ତି। ସଞ୍ଜ ହେଲେ ପଦାକୁ ବାହାରିବାକୁ ଭୟ ଲାଗୁଛି। ସେହିପରି ନୂଆହତା ଗ୍ରାମର ବିଭୂତି ଦଳବେହେରା କହିଛନ୍ତି, ହାତୀପଲ ଉପଦ୍ରବରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଧନଜୀବନ ହାନି ହେଉଛି। ବନ ବିଭାଗ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ସେ ଦାବି କରିଛନ୍ତି।

ଜାମିନ ପାଇଁ ଲାଞ୍ଚ, ଏସ୍‌ଆଇ ଗିରଫ

ବିଞ୍ଚାରପୁର/ ଯାଜପୁର ଟାଉନ, ୬।୧୨(ଡି.ଏନ.ଏ.)

ବିଞ୍ଚାରପୁର ଥାନା

■୬ହଜାର ଲାଞ୍ଚ ଟଙ୍କା ଜବତ

୩ଜଣ ବ୍ୟକ୍ତିଙ୍କୁ ଜାମିନ କରାଇ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯାଜପୁର ଜିଲା ବିଞ୍ଚାରପୁର ଥାନା ଏସ୍‌ଆଇ ଫକୀରମୋହନ ସିଂହ ଭିଜିଲାନ୍ସ ଡିଏସ୍‌ପି ସୁଶୀଲ କୁମାର ଏକ୍କାଙ୍କ ହାତରେ ଧରାପଡ଼ିଛନ୍ତି । ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୩୫/୨୧) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସ୍‌ପି କହିଛନ୍ତି ।

ସୂଚନା ଅନୁଯାୟୀ, ବିଞ୍ଚାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ଏକ ଗଣ୍ଡଗୋଳ ଘଟି ଥାନାରେ ମାମଲା(ନଂ.୫୧୫/୨୧) ରୁଜୁ ହୋଇଥିଲା । ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟ ୩ଜଣଙ୍କୁ ଥାନାରେ ଜାମିନ କରାଇ ଦେବାକୁ କହି ଏସ୍‌ଆଇ ସିଂହ କଲ୍ୟାଣପୁର ଗ୍ରାମର ବସନ୍ତ ଜେନାଙ୍କୁ ୬ ହଜାର ଟଙ୍କା ଦାବି କରିଥିଲେ । ଏସ୍‌ଆଇ ସିଂହଙ୍କ ଦାବି ମୁତାବକ ବସନ୍ତ ସୋମବାର ଅପରାହ୍ନରେ ୬ ହଜାର

ଗିରଫ ଏସ୍‌ଆଇ ଫକୀରମୋହନ ସିଂହ।

ଟଙ୍କା ନେଇ ଥାନାକୁ ଯାଇଥିଲେ। ସେହି ଟଙ୍କାକୁ ସେ ଏସ୍‌ଆଇ ସିଂହଙ୍କୁ ଦେବାବେଳେ ଭିଜିଲାନ୍ସ ଡିଏସ୍‌ପି ଏକ୍କାଙ୍କ ସମେତ ତାଙ୍କ ଟିମ୍ ତାଙ୍କୁ ଗିରଫ କରିନେଇଥିଲେ। ଏସ୍‌ଆଇ ସିଂହଙ୍କୁ ଯାଜପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରାଯାଉଥିବା ସୂଚନା ମିଳିଛି । ଏହି ଚଢାଉରେ ଡିଏସ୍‌ପି ଏକ୍କାଙ୍କ ସମେତ ଭିଜିଲାନ୍ସ ଆଇଆଇସି ଅନସୂୟା ସେନାପତି, କଟକ ଡିଭିଜନର କର୍ମଚାରୀ ବିଜୟ କୁମାର ପ୍ରମୁଖ ସାମିଲ ଥିଲେ ।

ଆନ୍ଧ୍ରପ୍ରଦେଶର ପୂର୍ବତନ ବିଧାୟକଙ୍କୁ ଜାମିନ

କଟକ ଅଫିସ,୬।୧୨

ଓ୍ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା

ଓ୍ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆନ୍ଧ୍ରପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କୁ ହାଇକୋର୍ଟରୁ ସୋମବାର ସର୍ତ୍ତମୂଳକ ଜାମିନ ମିଳିଛି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୩୦ ଲକ୍ଷ ଟଙ୍କାର ଜମି ବଣ୍ଡ ସହ ଜାମିନ ବାବଦକୁ ୧ଲକ୍ଷ ଟଙ୍କାର ମୁଚଲିକା ତଳ କୋର୍ଟରେ ଦାଖଲ କରିବେ। ଏଥିସହ ଯେଉଁ ଜମାକାରୀ ଟଙ୍କା ପାଇବାର ଥିବ, ସେମାନେ ପ୍ରମାଣପତ୍ର ଦେଖାଇଲେ ମାଲ୍ଲା ବିଜୟ ଟଙ୍କା ଫେରସ୍ତ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ମାଲ୍ଲା ବିଜୟ ଓ୍ୱେଲଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗ୍‌ରେ ଜମି ଯୋଗାଇଦେବା କହି ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ପରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ସେପ୍ଟେମ୍ବର ୭ରେ କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା (ଓପିଆଇଡି) କୋର୍ଟକୁ ଚାଲାଣ କରିଥିଲା।

ବେଆଇନ ଚାନ୍ଦା ଆଦାୟ ଅଭିଯୋଗ, ୪ ଗିରଫ

ଜଳେଶ୍ୱର, ୬।୧୨(ଡି.ଏନ.ଏ.): ଓଡ଼ିଶା–ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ରବିବାର ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ପକ୍ଷରୁ ଚଢାଉ କରାଯାଇ ସେଠାରୁ ୩ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଲ୍ୟାଣପୁର ଗାଁର ନାରାୟଣ ଜେନା, ଗୋବରଘଟା ଗାଁର ହରେକୃଷ୍ଣ ପାଳ ଓ ନବ ଜେନା। ସେମାନଙ୍କ ବିରୋଧରେ ଏକ ମାମଲା(ନଂ.୩୮୬/୨୧) ରୁଜୁ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ସେହିପରି ସୋମବାର ସକାଳେ ଗାଁଅମରଦା ଗାଁର ସଞ୍ଜୟ ରଣା ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି।

'ଭୁଲ୍ ବୁଝାମଣାରୁ ଗୁଳି ଚଳାଇଥିଲେ ଯବାନ'

ନୂଆଦିଲ୍ଲୀ, ୬।୧୨(ପି.ଟି.)

ନାଗାଲାଣ୍ଡର ମୋନ୍ ଜିଲା ଅନ୍ତର୍ଗତ ଓଟିଙ୍ଗ ନିକଟରେ ସେନା ଗୁଳିରେ ୧୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ କେନ୍ଦ୍ର ସରକାର ଦୁଃଖ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ଉଗ୍ରପନ୍ଥୀମାନଙ୍କ ଗତିବିଧି ସମ୍ପର୍କରେ ସୈନ୍ୟବାହିନୀକୁ ଗୋଇନ୍ଦା ସୂଚନା ମିଳିଥିଲା। ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିବା କୋଇଲା ଖଣି ଶ୍ରମିକଙ୍କୁ ଯବାନମାନେ ଉଗ୍ରପନ୍ଥୀ ସନ୍ଦେହ କରି ଗୁଳି ଚଳାଇଥିଲେ ବୋଲି ସୋମବାର ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ମାସକ ମଧ୍ୟରେ ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶାହା କହିଛନ୍ତି।

ସେନା ଗୁଳିମାଡ଼ରେ ନିରୀହ ଲୋକଙ୍କ ମୃତ୍ୟୁକୁ ଲୋକ ସଭାରେ ନିନ୍ଦା କରାଯାଇଥିଲା। ସଦସ୍ୟମାନେ କ୍ଷୋଭ ପ୍ରକାଶକରିବା ସହ ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଥିଲେ। ଏଥିସହିତ ନାଗାଲାଣ୍ଡରେ ଲାଗୁ ହୋଇଥିବା ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ଲାଗି ଏମ୍‌ପିମାନେ ଦାବି ଜଣାଇଥିଲେ। ସେନା ଗୁଳିକାଣ୍ଡକୁ କଂଗ୍ରେସ ନେତା ମନୀଷ ତିୱାରୀ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଜଣେ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରିବା ଲାଗି ଦାବି କରିଥିଲେ।

ଗୁଳିକାଣ୍ଡ ପାଇଁ କେନ୍ଦ୍ରର ଦୁଃଖ ପ୍ରକାଶ



ମାସେ ମଧ୍ୟରେ ତଦନ୍ତ ରିପୋର୍ଟ: ଶାହା

ବିରୋଧୀ ସଦସ୍ୟଙ୍କ ଦାବିର ଉତ୍ତର ଦେବାକୁ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, ଉଗ୍ରପନ୍ଥୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ଆଧାରରେ ନାଗାଲାଣ୍ଡର ଉକ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ୨୧ ଜଣ କମାଣ୍ଡୋଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ହୋଇଥିଲା। ଶନିବାର ସନ୍ଧ୍ୟା ସମୟରେ ସେଠାରେ ପହଞ୍ଚିଥିବା ଏକ ଗାଡ଼ିକୁ ଅଟକିବା ପାଇଁ ଯବାନମାନେ ସିଗ୍‌ନାଲ ଦେଇଥିଲେ ମଧ୍ୟ ତାହା ଖସି ପଳାଇବାକୁ ଉଦ୍ୟମ କରିଥିଲା। ଫଳରେ ଗାଡ଼ିରେ ଉଗ୍ରପନ୍ଥୀ ଥିବା ସନ୍ଦେହ କରି ଯବାନମାନେ ଗୁଳି ଚଳାଇଥିଲେ ବୋଲି ଶାହା କହିଛନ୍ତି। ଗୁଳିମାଡ଼ରେ ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଚିତ୍କାରରେ ଭୁଲ୍ କରି ସେନା ଗୁଳି ଚଳାଇଥିବା ଜାଣିବା ପରେ ଆହତ ୨ ଜଣଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚି ଯବାନମାନଙ୍କୁ ଘେରିଯାଇ ଆକ୍ରମଣ କରିବା ସହ ଦୁଇଟି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଜଣେ ଯବାନ ନିହତ ହେବା ସହ ଅନ୍ୟ କେତେଜଣ ଆହତ ହେବାରୁ ସେନା ଆତ୍ମରକ୍ଷା ପାଇଁ ଓ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ଲାଗି ଗୁଳି ଚଳାଇଥିଲା। ଯବାନଙ୍କ ଗୁଳିରେ ଅନ୍ୟ ୭ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ କେତେଜଣ ଆହତ ହୋଇଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲେ ମଧ୍ୟ ନିୟନ୍ତ୍ରଣାଧୀନ ରହିଥିବା ଶାହା କହିଛନ୍ତି। ନାଗାଲାଣ୍ଡ ଡିଜିପି ଏବଂ କମିଶନର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ନାଗାଲାଣ୍ଡ ପୋଲିସ ଅଭିଯୁକ୍ତ ଯବାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଥିବା ଶାହା ଜଣାଇଥିଲେ। ଅନ୍ୟପକ୍ଷରେ ଗୁଳିକାଣ୍ଡ ଘଟଣାର ତଦନ୍ତ ପାଇଁ ସେନା ପକ୍ଷରୁ ମେଜର ଜେନେରାଲ ର‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କମିଟି ଗଢ଼ାଯାଇଛି। ମୃତକଙ୍କ ପରିବାରକୁ ନାଗାଲାଣ୍ଡ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ନାଗାଲାଣ୍ଡ ଘଟଣାକୁ ନେଇ ସୋମବାର ରାଜ୍ୟ ସଭାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନେ ଘଟଣାର ନିନ୍ଦା କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ।

ନାଗାଲାଣ୍ଡ ଯିବ କଂଗ୍ରେସ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୬।୧୨

କଂଗ୍ରେସର ଏକ ୪ ଜଣିଆ ପ୍ରତିନିଧି ଦଳ ନାଗାଲାଣ୍ଡର ଗୁଳିକାଣ୍ଡ ଘଟିଥିବା ଅଞ୍ଚଳ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିବ। ସପ୍ତାହେ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରତିନିଧି ଦଳରେ କଂଗ୍ରେସ ନେତା ଜିତେନ୍ଦ୍ର ସିଂ, ଡ. ଅଜୟ କୁମାର, ଗୌରବ ଗୋଗୋଇ ଏବଂ ଅଣ୍ଟୋ ଆଣ୍ଟୋନି ସଦସ୍ୟ ରହିଛନ୍ତି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନାଗାଲାଣ୍ଡର ମୋନ୍ ଜିଲାକୁ ୫ ଜଣିଆ ପ୍ରତିନିଧି ଦଳ ପଠାଇବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ପରେ ଏହାକୁ ବାତିଲ କରିଦେଇଛି। ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ିବା ଆଶଙ୍କାରେ ସେଠାରେ ୧୪୪ ଧାରା ଜାରି ହୋଇଥିବାରୁ ଟିଏମ୍‌ସି ଟିମ୍‌ର ଗସ୍ତ ବାତିଲ ହୋଇଛି।

LIC ଏଲ୍‌ଆଇସି'ର ଗୋଲ୍ଡେନ୍ ଜୁବିଲୀ ଛାତ୍ରବୃତ୍ତି ଯୋଜନା
ଆର୍ଥିକ ରୂପେ ଦୁର୍ବଳ ପରିବାରର ବିଦ୍ୟାର୍ଥୀଙ୍କ ପାଇଁ
ଏଲ୍‌ଆଇସି ଗୋଲ୍ଡେନ୍ ଜୁବିଲୀ ଫାଉଣ୍ଡେସନ୍, ଶିକ୍ଷା ବର୍ଷ 2020-21 ରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବା ତତ୍‌ସମାନ ଶିକ୍ଷାରେ ଅନ୍ୟୂନ 60% ବା ତତ୍‌ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ, ଛାତ୍ରଛାତ୍ରୀଙ୍କ ପାଇଁ ରାଷ୍ଟ୍ରୀୟ ସ୍ତରରେ ଛାତ୍ରବୃତ୍ତିର ସହର୍ଷ ଘୋଷଣା କରୁଛି।
• **ଏଲ୍‌ଆଇସି'ର ପ୍ରତ୍ୟେକ ମଣ୍ଡଳ କେନ୍ଦ୍ରରୁ 20 ନିୟମିତ ଛାତ୍ରବୃତ୍ତି:** (ଛାତ୍ର ଓ ଛାତ୍ରୀଙ୍କ ପାଇଁ ପ୍ରତ୍ୟେକ 10ଟି) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ର-ଛାତ୍ରୀଙ୍କ ସବାଶେ, ଯିଏ ଉଚ୍ଚ ଶିକ୍ଷା ପାଇବାକୁ ଚାହାନ୍ତି ନିମ୍ନୋକ୍ତ କ୍ଷେତ୍ରରେ:
(i) ମେଡିସିନ୍, ଇଞ୍ଜିନିଅରିଙ୍ଗ, ଯେକୌଣସି ବିଷୟରେ ସ୍ନାତକ, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ଏବଂ ଇଣ୍ଟିଗ୍ରେଟେଡ୍ କୋର୍ସେସ୍
(ii) ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ ଜଇଣ୍ଟ୍ ବ୍ୟବସାୟିକ କୋର୍ସ/ଶୈକ୍ଷିକ ସଂସ୍ଥାନ ଅଥବା ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାନ (ଆଇଟିଆଇ) ରୁ ପ୍ରଶିକ୍ଷଣ
• ପ୍ରତ୍ୟେକ ଏଲ୍‌ଆଇସି ଡିଭିଜନ୍‌ରୁ **ଛାତ୍ରୀଙ୍କ ପାଇଁ 10 ବିଶେଷ** ଛାତ୍ରବୃତ୍ତି 10 + 2 ପାଟର୍ନ୍ ପାଇଁ ।
ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତାବଳୀ ଏବଂ ଫିମ୍‌ର ସୂଚନା ପାଇଁ **www.licindia.in** ରେ ଲଗ୍ ଅନ୍ କରନ୍ତୁ।
ଅନଲାଇନ୍ ଆବେଦନ ପତ୍ର ଜମା କରିବାର ଶେଷ ତାରିଖ: 31.12.2021

ବିଧାନସଭା କମିଟି ନିକଟରେ ହାଜର ପାଇଁ ସମୟ ମାଗିଲେ କଙ୍ଗନା

ନୂଆଦିଲ୍ଲୀ, ୬।୧୨: ସୋସିଆଲ ମିଡିଆରେ ଘୃଣା ସୃଷ୍ଟିକାରୀ ତଥା ଶିଖ୍ ବିରୋଧୀ ମନ୍ତବ୍ୟ ପୋଷ୍ଟ କରିଥିବା ଅଭିଯୋଗରେ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ୍‌ଙ୍କୁ ଦିଲ୍ଲୀ ବିଧାନସଭା ଶାନ୍ତି ଓ ସମନ୍ୱୟ କମିଟି ସୋମବାର ହାଜର ହେବା ନିମନ୍ତେ ସମନ କରିଥିଲା। ଏହି କମିଟି ସମ୍ମୁଖରେ ହାଜର ହେବା ପାଇଁ କଙ୍ଗନା ଅଧିକ ସମୟ ମାଗିଛନ୍ତି। କମିଟିର ମୁଖ୍ୟ ରାଘବ ଚଢ଼ା ଏକ ବିବୃତିରେ କହିଛନ୍ତି, ବ୍ୟକ୍ତିଗତ ଏବଂ ବୃତ୍ତିଗତ କାରଣ ଯୋଗୁ କଙ୍ଗନା ହାଜର ହୋଇପାରିବେ ନାହିଁ ବୋଲି ତାଙ୍କ ଓକିଲ ଏକ ଚିଠି ଲେଖିଛନ୍ତି। ପରବର୍ତ୍ତୀ କେଉଁ ତାରିଖ ବାବଦରେ କମିଟି ଏହାର ନିଷ୍ପତ୍ତି ଜଣାଇବ ବୋଲି ରାଘବ କହିଛନ୍ତି।

ମହାରାଷ୍ଟ୍ରରେ ଆଉ ୨ ସଂକ୍ରମିତ

ମୁମ୍ବାଇ,୬।୧୨: ମହାରାଷ୍ଟ୍ରରେ ସୋମବାର ଆଉ ୨ ଜଣ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାରୁ ଓ ଅନ୍ୟ ଜଣେ ଆମେରିକା ଫେରନ୍ତା। ଉଭୟ ଫାଇଜର ଟିକାର ଦୁଇଟି ଡୋଜ୍ ନେଇଥିବା ସତ୍ତ୍ୱେ ସଂକ୍ରମିତ ହୋଇଛନ୍ତି। ତେବେ ସେମାନଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଇନାହିଁ। ଏହି ୨ ଜଣଙ୍କୁ ମିଶାଇ ଭାରତରେ ମୋଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ପୂର୍ବରୁ କର୍ନାଟକ, ରାଜସ୍ଥାନ ଓ ଗୁଜରାଟରୁ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ।

ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ଶାହାଙ୍କୁ ଭେଟିବେ ସାଙ୍ଗମା

ଶିଲଂ, ୬।୧୨

କନ୍‌ରାଡ୍ ସାଙ୍ଗ୍‌ମା

ନାଗାଲାଣ୍ଡରେ ସେନା ଗୁଳିରେ ୧୪ ନିରୀହ ଜନସାଧାରଣ ନିହତ ହେବା ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ସଶସ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ଦାବି ଜୋର୍ ଧରିଛି। ଦାବି ପ୍ରତ୍ୟାହାର ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଦାବି ଜଣାଇବେ ବୋଲି ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗ୍‌ମା କହିଛନ୍ତି। ମେଣ୍ଟ କଥା ଅଲଗା ଏବଂ ଏଭଳି ପ୍ରସଙ୍ଗ ଭିନ୍ନ ବୋଲି ସେ କହିଛନ୍ତି। ଗୋଟିଏ ଦଳ ଓ ବ୍ୟକ୍ତିବିଶେଷ ଭାବେ ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ହେବା ସେ ଅନୁଭବ କରୁଥିବା କହିଛନ୍ତି। ସୂଚନାଯୋଗ୍ୟ, ଭାଜପା ଏବଂ ଅନ୍ୟ ଏନ୍‌ଡିଏ ସହଯୋଗୀଙ୍କୁ ନେଇ ଗଠିତ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ମେଣ୍ଟର ଅଧ୍ୟକ୍ଷ ଅଛନ୍ତି ସାଙ୍ଗମା।

ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ରାଜ୍ୟ ସଭାରେ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ଦାବି କରାଯାଇଛି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ମଧ୍ୟ ଉକ୍ତ ଆଇନ ଉଚ୍ଛେଦ ହେବା ଆବଶ୍ୟକ ବୋଲି କହିଛନ୍ତି।

ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା
ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ
ସୁବର୍ଣ୍ଣ ସୁଯୋଗ!!! କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍- ପରିସମାପନାଧୀନର ସୁବର୍ଣ୍ଣ ସୁଯୋଗ!!!
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
ଇ-ନିଲାମର ତାରିଖ ଓ ସମୟ: ୭ ମାର୍ଚ୍ଚ, ୨୦୨୨ ପୂର୍ବାହ୍ନ ୧୧ଟୁ ଅପରାହ୍ନ ୫ ଘଟିକା
ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍-ପରିସମାପନାଧୀନର ପରିସମାପ୍ତିଗୁଡ଼ିକର "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ" ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ ।

ଇ-ନିଲାମର ତାରିଖ	ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି	ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍)	ଅମାନତ ଜମା ରାଶି (ଆଇଏନ୍‌ଆର୍)	ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍)
୭ ମାର୍ଚ୍ଚ ୨୦୨୨	ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ	୧,୦୩,୪୧,୦୦,୦୦୦ (ଶହେ ତିନି କୋଟି ଏକଚାଳିଶ ଲକ୍ଷ ଟଙ୍କା ମାତ୍ର)	୩,୫୦,୦୦,୦୦୦ (ତିନି କୋଟି ପଚାଶ ଲକ୍ଷ ଟଙ୍କା ମାତ୍ର)	୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର)

ପ୍ରମୁଖ ବୈଶିଷ୍ଟ୍ୟାବଳୀ: ୧. ଏହି ୟୁନିଟ୍ କଟକ ନିକଟରେ ରାସ୍ତାପାର୍ଶ୍ୱରେ ଅବସ୍ଥିତ । ୨. ଏହି ୟୁନିଟ୍ ରାଧାକିଶୋରପୁର ରେଳ ଷ୍ଟେସନର ଖୁବ୍ ନିକଟରେ ଅବସ୍ଥିତ । ୩. ସମ୍ଭାବ୍ୟ ନିବେଶକ ଯଦି ଆବଶ୍ୟକ କରନ୍ତି, ତେବେ ପ୍ଲାଣ୍ଟରେ ରେଳଲାଇନ୍ ସାଇଡିଂର ଲେୟିଂ ପୂର୍ବତଟ ରେଳପଥରୁ ପହଞ୍ଚଯୋଗ୍ୟ ଅଟେ । ୪. ସମର୍ପିତ ୩୩ କେଭି ଲାଇନ୍ ମାଧ୍ୟମରେ ବିଦ୍ୟୁତ ଯୋଗାଣ ସୁବିଧା ଉପଲବ୍ଧ ।
ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଜଡ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି ।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୭ ମାର୍ଚ୍ଚ, ୨୦୨୨ ଦିନ ସଞ୍ଚାଳନ ହେବ ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ ।
ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୩୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com, ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୬୬୨, ୦୧୧-୨୩୨୭୬୬୬୭, ୯୩୧୩୧୦୨୫୫୨

ଦିଲ୍ଲୀ ବିମାନବନ୍ଦରରେ ଅସମ୍ଭାଳ ଭିଡ଼

ନୂଆଦିଲ୍ଲୀ, ୬।୧୨(ପି.ଟି.): ଦିଲ୍ଲୀ ବିମାନବନ୍ଦର ର୍ମିନାଲରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବିଶୃଙ୍ଖଳିତ ସ୍ଥିତିକୁ ନେଇ ଯାତ୍ରୀମାନେ ଆପତ୍ତି ଉଠାଇବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏଥିରେ ହସ୍ତକ୍ଷେପ କରିଛନ୍ତି। ଉତ୍ତମ ଭିଡ଼ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ଦିଲ୍ଲୀ ବିମାନବନ୍ଦର ପରିଚାଳନା ଦାୟିତ୍ୱରେ ଥିବା ଅପରେଟର ଡିଆଇଏଏଲ୍‌କୁ ସିନ୍ଧିଆ ନିର୍ଦ୍ଦେଶ ଦେଇଛନ୍ତି। କରୋନାର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣକୁ ନେଇ ସରକାର ନୂଆ ଟ୍ରାଭେଲ୍ ଗାଇଡ୍‌ଲାଇନ ଜାରି କରିବା ପରେ ର୍ମିନାଲଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ସିନ୍ଧିଆ ସୋମବାର ଭାରତର ବିମାନ ବନ୍ଦର କର୍ତ୍ତୃପକ୍ଷ, ଇମିଗ୍ରେଶନ ବ୍ୟୁରୋ ଏବଂ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର ଲିଃ (ଡିଆଇଏଏଲ୍)ର ଅଧିକାରୀମାନଙ୍କ ବୈଠକ ଡାକିଥିଲେ। ବିମାନବନ୍ଦରରେ ଯାତ୍ରୀଙ୍କ ଆର୍‌ଟି-ପିସିଆର୍ ପରୀକ୍ଷା ଦାୟିତ୍ୱରେ ଥିବା ଜେନେଷ୍ଟ୍ରିଙ୍ଗ୍‌ସ ଡାଇଗ୍ନୋଷ୍ଟିକ୍ସର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସ୍ଥିତି ନିୟନ୍ତ୍ରଣ ଲାଗି ଡିଆଇଏଏଲ୍‌କୁ କହିଲେ ସିନ୍ଧିଆ

ଅଷ୍ଟ୍ରେଲିଆରେ ଓମିକ୍ରନ ଗୋଷ୍ଠୀ ସଂକ୍ରମଣ

ସିଡ୍‌ନୀ, ୬।୧୨: କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ସମଗ୍ର ବିଶ୍ୱରେ ବ୍ୟାପିବାରେ ଲାଗିଛି। ଅଷ୍ଟ୍ରେଲିଆରେ ଦ୍ରୁତଗତିରେ ଓମିକ୍ରନ ମାମଲା ବଢ଼ିଚାଲିଛି। ଦେଶର ସବୁଠାରୁ ବଡ଼ ସହର ସିଡ୍‌ନୀରେ ଗୋଟିଏ ଦିନରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନ୍ୟୁ ସାଉଥ ୱେଲ୍ସରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଦକ୍ଷିଣ ଆଫ୍ରିକାରେ ଥିବା ଯାତ୍ରୀମାନେ ବିମାନରେ ଆସିବା ପରଠାରୁ ସଂକ୍ରମଣ ବ୍ୟାପକ ହୋଇଛି। ଦୁଇଟି ସ୍କୁଲ ଏବଂ ଜିମ୍ ସେଣ୍ଟରରେ ମଧ୍ୟ ସ

ଦାବି ପୂରଣ ନ ହେଲେ ଭୋଟ ବର୍ଜନ

ଝାରସୁଗୁଡ଼ା ଅଫିସ: ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାରେ ଉଚ୍ଚଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ (କଲେଜ) ନାହିଁ। ଫଳରେ ସ୍ୱଚ୍ଛଳ ବର୍ଗର ପିଲା ବାହାରକୁ ଯାଉଥିବାବେଳେ ଆର୍ଥିକ ଦୂରବସ୍ଥାରେ ଥିବା ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧାହେଉଥିଲା। ଏହି ପରିପ୍ରେକ୍ଷାରେ ରବିବାର ଅଞ୍ଚଳବାସୀ ଏକ ବୈଠକ କରି ଦାବି ପୂରଣ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ କନକଡୋରା, ବାଦିମାଲ, ପିଥିଞ୍ଚା, କଣ୍ଡେଇକେଲା, ରେମତା, ଚାରପାଲି ଆଦି ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପରେ ସମସ୍ତଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀ, ବିଭାଗୀୟ ସଚିବ, ଏମ୍‌ପି, ବିଧାୟକଙ୍କୁ ଇମେଲ୍ ମାଧ୍ୟମରେ ପଠାଇଥିଲେ।

ସଂକ୍ଷେପରେ

ଆମ୍ବେଡକରଙ୍କ ପରିନିର୍ବାଣ ଦିବସ

ସମ୍ବଲପୁର,୬।୧୨(ବ୍ୟୁରୋ): ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୬୬ତମ ପରିନିର୍ବାଣ ଦିବସ ସୋମବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ପାଳିତ ହୋଇଯାଇଛି। ଆୟୋଜକ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡକର ଜୀବନ ତମାମ ଦଳିତ, ନିଷ୍ପେଷିତ ଲୋକଙ୍କ ପାଇଁ କାର୍ଯ୍ୟ କରିଥିଲେ । ସେ ଦେଶର ପ୍ରତିଟି ପ୍ରାଣରେ ଚିରକାଳ ସ୍ମୃତି ହୋଇ ରହିଥିବେ ବୋଲି କହିଥିଲେ। ପ୍ରସନ୍ନ ସାହୁ ମୁଖ୍ୟବକ୍ତା ଓ ସେବା ସଭାପତି ଦୀପକ ପାଣ୍ଡେ, ଆଦିବାସୀ ଦଳିତ ସେନା ସଭାପତି ସୁବେଶ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁଷ୍ପାଞ୍ଜଳି ରଣବିଡା ଧନ୍ୟବାଦ ଦେଇଥିଲେ। ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ମଧ୍ୟ ଏହ ଦବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସଂସ୍କୃତି ଭବନରେ କ୍ଷୁଦ୍ର ଚଳଚ୍ଚିତ୍ର କର୍ମଶାଳା

ସମ୍ବଲପୁର,୬।୧୨(ବ୍ୟୁରୋ): ଭାରତୀୟ ଚିତ୍ର ସାଧନା ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ କ୍ଷୁଦ୍ର ଚଳଚ୍ଚିତ୍ର କର୍ମଶାଳା ସମ୍ବଲପୁର କୁଞ୍ଜେଳପଡାସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଫିଲ୍ମ ନିର୍ମାଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ପର୍ସ ନାମକ ଚଳଚ୍ଚିତ୍ର ନିକଟସ୍ଥ ପାର୍କଠାରେ ଶୁଟିଂ କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୧୫ଠଜଣ ଭାଗ ନେଇଥିଲେ। ପାନିନୀ ପ୍ରାଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲବମ ଅଭିନେତା ପ୍ରମୋଦ ମହାପାତ୍ର ଓ ନାରାୟଣ ଅଗ୍ରୱାଲ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ଶଙ୍କର ପଣ୍ଡା ଓ ସୁଜୟ ସାଥୁଆ, ପ୍ରାନ୍ତ ପ୍ରଚାର ପ୍ରମୁଖ ମହେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଗୃହରକ୍ଷୀ ପ୍ରତିଷ୍ଠା ଦିବସ

ଦେବଗଡ଼,୬।୧୨(ଡି.ଏନ.ଏ.): ସ୍ଥାନୀୟ ରିଜର୍ଭ ପଡିଆରେ ସୋମବାର ୫୯ ତମ ଗୃହରକ୍ଷା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ପି ରାଜ କିଶୋର ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଅଭିଭାଷଣ ରଖିଥିଲେ। ବୀର ଯବାନଙ୍କ ସ୍ମୃତି ଚାରଣ କରିଥିଲେ। କିପରି ଗୃହରକ୍ଷା ବାହିନୀ ଗଠିତ ହୋଇଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଡିଏସ୍‌ପି (ଡିଆଇବି) ପ୍ରଦୀପ କେରକେଟା, ଦେବଗଡ଼ ଥାନା ଆଇଆଇସି ସୁରେନ୍ଦ୍ର ନାୟକ, ବାରକୋଟ ଥାନା ଅଧିକାରୀ କନକ ମାଝି, ରିଆମାଳ ଥାନା ଆଇଆଇସି ଲଲିତା ପ୍ରଧାନ, କୁଣ୍ଡେଇଗୋଳା ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର, ସରଜେଣ୍ଟ ଗୋବିନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

କଟ୍‌ନୀଛଟ୍‌ନୀ ବିରୋଧରେ ଏକାଠି ୪ ମଣ୍ଡିର ଚାଷୀ

ମିଲର୍ସଙ୍କ ଇଚ୍ଛାରେ ଧାନକିଣା

ସମ୍ବଲପୁର,୬।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଧାନ ସଂଗ୍ରହରେ ମିଲର୍ସମାନଙ୍କ ମନ୍‌ମାନି ଚାଲିଛି। ଚାଷୀମାନେ ଅମଳ ଧାନ ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏହାର ଫାଇଦା ନେଇ ମିଲର୍ସମାନେ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରୁଛନ୍ତି। ପ୍ରଶାସନ, ଯୋଗାଣ ବିଭାଗ ପାଖରେ ଅଭିଯୋଗ କଲାପରେ ସେମାନେ କେବଳ ମଧ୍ୟସ୍ଥି ସାଜି ସମାଧାନ କରିବାକୁ ଆସୁଛନ୍ତି। ହେଲେ ମିଲର୍ସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ତବଲା ମଣ୍ଡିରେ ସୋମବାର ଅନୁଷ୍ଠିତ ବୈଠକରେ ଚାଷୀମାନେ ଜିଲା ପ୍ରଶାସନ ଉପରେ ବର୍ଷିଥିଲେ। ଏହି ବୈଠକରେ ତବଲା ସମେତ କୁକୁଡପାଲି, ପରମାଣପୁର, ସେସୁଆଁତଳ ମଣ୍ଡିର ଚାଷୀମାନେ ଯୋଗଦେଇଥିଲେ। ପରେ ମିଲର୍ସ ଓ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ।

କଟ୍‌ନୀଛଟ୍‌ନୀ, ଧାନର ମାନ, ବିକ୍ରି ବ୍ୟବସ୍ଥା, ଗାଡି ଭଡ଼ା ସବୁ ଦିଗରେ

ମିଲର୍ସଙ୍କୁ ଅନୁକମ୍ପା ଦେଖାଉଛି ପ୍ରଶାସନ

ତବଲା ମଣ୍ଡିରେ ଚାଷୀଙ୍କ ବୈଠକ

ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ମିଲ ମାଲିକ କଟ୍‌ନୀଛଟ୍‌ନୀ କରିବେ ନାହିଁ ବୋଲି କହିଥିଲେ। ଧାନର ଆର୍ଦ୍ରତା ୧୭ ପ୍ରତିଶତ ଥିଲେ ଧାନ କଟ୍‌ନୀଛଟ୍‌ନୀ ହେବ, ତା'ଠାରୁ ଅଧିକ ଆର୍ଦ୍ରତା ଥିଲେ ଉକ୍ତ ଧାନ ସଂଗ୍ରହ ହେବ ନାହିଁ। ଚାଷୀମାନେ ଧାନକୁ ଶୁଖାଇ ଭଲ ଭାବେ ସଫା କରି ମାର୍କେଟକୁ ଆଣିବେ ବୋଲି ରାଜି ହୋଇଥିଲେ। ଯଦି ଚାଷୀ ମିଲକୁ ନେଇଥିବା ଧାନର ମାନ ଠିକ୍ ନ ଥିବ ତା'ହେଲେ ଚାଷୀ କମିଟି ଓ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ରହି ମାନ ପରୀକ୍ଷା କରିବେ ଓ ନିଷ୍ପତ୍ତି ନେବେ ବୋଲି ମତପ୍ରକାଶ ପାଇଥିଲା। ଦେବେନ୍ଦ୍ର ପ୍ରଧାନ, ଜଗଦାନନ୍ଦ ନାଏକ, ପବନ ଅଗ୍ରୱାଲ, ବିପିନ ଭୋଇ, ଶାନ୍ତନୁ ପ୍ରଧାନ, ସଞ୍ଜୀବ ବାରିକ, ସଞ୍ଜୟ ପାଣିଗ୍ରାହୀ, ନନ୍ଦଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

କୁଚିଣ୍ଡା,୬।୧୨(ଡି.ଏନ.ଏ.):

କୁଚିଣ୍ଡା ଉପଖଣ୍ଡରେ ମିଲର୍ସମାନେ ଧାନ କିଣା ସମୟରେ କୁଇଣ୍ଟାଲ ପ୍ରତି ୭ରୁ ୮କେଜି କଟ୍‌ନୀଛଟ୍‌ନୀ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପାରୁଆଭାଡି ଲ୍ୟାମ୍ପ୍ସ ଅଧୀନ ଗୋଛରା ମଣ୍ଡିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୋଛରା ମଣ୍ଡିରେ ଧାନ କିଣିବା ପାଇଁ ଉପସ୍ଥିତ ଥିବା ପାରୁଆଭାଡ଼ି ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ଧାନର ମାନ କିମ୍ବା ଓଜନ ନ କରି ସିଧାସଳଖ ମିଲକୁ ନେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ମିଲର୍ସ ଏଜେଣ୍ଟ ଏହା ଏଫ୍‌ଏକ୍ୟୁ ମାନର ନୁହେଁ କହି କୁଇଣ୍ଟାଲ ପ୍ରତି ୭ରୁ ୮ କେଜି ଧାନ କଟାଯିବ, ନଚେତ ଧାନ ନେବେ ନାହିଁ ବୋଲି ଜିଦ୍ କରିଥିଲେ। ଚାଷୀମାନେ ଏଥିରେ ରାଜି ନ ହୋଇ ମଣ୍ଡିରେ ଧାନ ଓହ୍ଲାଇବାକୁ ଉଦ୍ୟମ କଲାବେଳେ ଲ୍ୟାମ୍ପ୍ସ ଏମ୍‌ଡି ମନା କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ପରେ ଚାଷୀମାନେ ଏହାର

ପ୍ରତିବାଦ କରୁଥିବା ଚାଷୀମାନେ।

ପ୍ରତିବାଦ କରି ଚାଷୀଙ୍କ ହୋହଲ୍ଲା

ପ୍ରତିବାଦ କରି ହୋହଲ୍ଲା କରିଥିଲେ। ନିୟମ ଅନୁଯାୟୀ ଚାଷୀ ମଣ୍ଡିକୁ ଧାନ ଆଣିଲେ କ୍ରୟକାରୀ ସଂସ୍ଥା ଏହାକୁ ମଣ୍ଡିରେ ଓହ୍ଲାଇ ଉପସ୍ଥିତ ଥିବା ତାଲିମପ୍ରାପ୍ତ ଆର୍‌ଏମ୍‌ସି କର୍ମଚାରୀଙ୍କ ଦ୍ୱାରା ମାନ ଯାଞ୍ଚ ପରେ ମିଲକୁ ପଠାଇବା କଥା। ମାତ୍ର ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମିଲର୍ସ ମିଲରେ ମନଇଚ୍ଛା କଟ୍‌ନୀଛଟ୍‌ନୀ କରୁଥିବାରୁ ଶୋଷଣର ଶିକାର ହେଉଥିବା ଚାଷୀ ଗୋଛରା ମଣ୍ଡିରେ ପ୍ରତିବାଦ କରିଛନ୍ତି। ପରେ ବିକ୍ରି ପାଇଁ ଆଣିଥିବା ଧାନ ବାଧହୋଇ ଘରକୁ ଫେରାଇ ନେଇଥିବା କହିଛନ୍ତି। ଏ ସମ୍ପର୍କରେ ସହକାରୀ ନିବନ୍ଧକ (ଏଆର୍‌ସିଏସ୍) ଭବାନିକାନ୍ତ ନାୟକ ଓ ପାରୁଆଭାଡିଲ୍ୟାମ୍ପ୍ସ ଏମ୍‌ଡି ମଞ୍ଜିଲ ପଟେଲଙ୍କୁ ପଚାରିବାରୁ ଚାଷୀ ଓ ମିଲର୍ସଙ୍କ ବୁଝାମଣାରେ ଧାନ ସିଧାସଳଖ ଯାଉଛି। ଚାଷୀ ମଣ୍ଡିରେ ଧାନ ଓହ୍ଲାଇବାକୁ ଚାହିଁଲେ ତା'ର ଯାଞ୍ଚ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି।

ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ସମ୍ବଲପୁର ଭିଜିଲାନ୍ସ ଟିମ୍ ଚଢାଉ କରୁଛି।

ସମ୍ବଲପୁର,୬।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଗୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ପିଇଓ ଅଚ୍ୟୁତନନ୍ଦ ଖୁଣ୍ଟିଆଙ୍କ ଘରେ ସୋମବାର ଭିଜିଲାନ୍ସ ଚଢ଼ାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୁଚିଣ୍ଡା ଏନ୍‌ଏସି ମାଉଲିବନ୍ଧପଡାରେ ଥିବା ତାଙ୍କ ଘର, ଝାଙ୍କରପାଲି ପଞ୍ଚାୟତ ଅଫିସ, ସୁବର୍ଣ୍ଣପାଲି ଗ୍ରାମର ପୈତୃକ ଘର ଓ ୩ ଗୋଟି ଦୋକାନ ଗୃହରେ ଚଢାଉ କରାଯାଇଥିଲା। ମାଉଲିବନ୍ଧ ପଡାଠାରେ ଦୁଇମହଲା କୋଠା, ବିଭିନ୍ନ ସ୍ଥାନରେ ୨ ପ୍ଲଟ, ବୀମା ବାବଦରେ ୧୦ ଲକ୍ଷ ୪୩ ହଜାର ଟଙ୍କା, ୧ ଲକ୍ଷ ୫୦ ହଜାର ଟଙ୍କାର ବ୍ୟାଙ୍କ ଜମା, ସ୍ଥାବର ଓ ଅସ୍ଥାବର ମୋଟ ୧ କୋଟି ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।

ପ୍ରତିଶ୍ରୁତି ରଖିଲାନି ଏସ୍‌ୟୁ: ଅଭିଷେକ

ସମ୍ବଲପୁର,୬।୧୨(ବ୍ୟୁରୋ)

ଦୀନବନ୍ଧୁ ମିଶ୍ର ଆତ୍ମାହୁତି ଘଟଣା

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଚତୁର୍ଥଶ୍ରେଣୀ କର୍ମଚାରୀ ଦିନବନ୍ଧୁ ମିଶ୍ର ଏପ୍ରିଲ ୨୦ରେ ପ୍ରଶାସନିକ କୋଠା ସମ୍ମୁଖରେ ଆତ୍ମାହୁତି ଦେଇଥିଲେ। ସୁଇସାଇଡ୍ ନୋଟରେ ସେ ଏଥିପାଇଁ କୁଳପତି ଓ ଅନ୍ୟ ୨ଜଣ କର୍ମଚାରୀ ଦାୟୀ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧ ଓ ଆନ୍ଦୋଳନ ପରେ ବିଚାର ବିଭାଗୀୟ, ବିଭାଗୀୟ ଓ ଆଇନଗତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ପରିବାରକୁ ପ୍ରତିଶ୍ରୁତି ମିଳିଥିଲା। ହେଲେ କୌଣସି ପ୍ରତିଶ୍ରୁତି ପାଳନ ହୋଇ ନ ଥିବା ପୁଅ ଅଭିଷେକ ମିଶ୍ର ଅଭିଯୋଗ କରିଛନ୍ତି।

ସେ କହିଛନ୍ତି, ବାପା ଯିବା ପରେ ପରିବାର ସବୁକିଛି ହରାଇଛି। ଏସ୍‌ୟୁ କର୍ତ୍ତୃପକ୍ଷଙ୍କ ମାନସିକ ଚାପ ସହି ନ ପାରି ବାପା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କଲେ। ମୃତ୍ୟୁ ପୂର୍ବରୁ ସେ ସୁସାଇଡ୍ ନୋଟ୍‌ରେ ନାମ ମଧ୍ୟ ଉଲ୍ଲେଖ କରିଥିଲେ। ହେଲେ ପୋଲିସ ତଦନ୍ତରେ ଅବହେଳା କରିଥିଲା। ସାକ୍ଷୀମାନଙ୍କ ବୟାନ ରେକର୍ଡ ନ କରି ମନମୁଖି ରିପୋର୍ଟ ପ୍ରସ୍ତୁତ କରିଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଆଶା ମଉଳିଯାଇଛି। ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇ ବିଚାର ବିଭାଗୀୟ ଓ ରାଜ୍ୟପାଳ ତଥା କୁଳାଧିପତି ତଦନ୍ତ କରନ୍ତୁ ବୋଲି ଦାବି ହୋଇଥିଲା। ପରିବାର ପକ୍ଷରୁ ମଧ୍ୟ ନ୍ୟାୟ ଦେବା ପାଇଁ ସରକାର ଓ କୁଳାଧିପତିଙ୍କୁ ଅନୁରୋଧ କରାଯାଇଥିଲା। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ମଧ୍ୟ ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ତାହା ହୋଇପାରିଲା ନାହିଁ। ଘଟଣାକୁ ପ୍ରାୟ ୮ମାସ ବିତିଯାଇଥିଲେ ମଧ୍ୟ କୌଣସି ତଦନ୍ତ ଆରମ୍ଭ ହୋଇପାରିଲା ନାହିଁ। ଏବେ ଏସ୍‌ୟୁ ପକ୍ଷରୁ ସହାୟତା ନ ନେଇ କ୍ୱାର୍ଟର୍ସ ଛାଡିବାକୁ ଧମକ ମିଳୁଛି। ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଏବେ ବିଭିନ୍ନ ସର୍ତ୍ତ ରଖୁଛନ୍ତି। ଏସ୍‌ୟୁରେ ବାପାଙ୍କ ଆତ୍ମହତ୍ୟା ଘଟଣାରେ ଯାହାକୁ ଦାୟୀ କରାଯାଇଥିଲା ସେମାନଙ୍କ ନାମରେ ଆହୁରି ଅନେକ ଅଭିଯୋଗ ହୋଇସାରିଛି। ହେଲେ ସମସ୍ତ ଘଟଣାକୁ ଚାପି ଦିଆଯାଉଛି। କିଛିଦିନ ତଳେ ଲାଇବ୍ରେରି ବହିଗୁଡିକ ଫିଙ୍ଗିଦେବା ଘଟଣା ଏହାର ଉଦାହରଣ। ଏ ଦିଗରେ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରିବାକୁ ସେ ପତ୍ର ଲେଖି ଅନୁରୋଧ କରିଛନ୍ତି।

ସମ୍ବଲପୁରୀ ଭାଷାରେ ଲେଖିବାକୁ ଆହ୍ୱାନ

ଜମନକିରା,୬।୧୨(ଡି.ଏନ.ଏ.):

ଅଖିଳ ଭାରତ ଅଘରିଆ ସମାଜର ବାମଣ୍ଡା ଆଞ୍ଚଳିକ କମିଟି ପକ୍ଷରୁ ସଭାପତି ବନମାଳୀ ନାୟକଙ୍କ ସଭାପତିତ୍ୱରେ ଜମନକିରା ବ୍ଲକ ଗୁଣ୍ଡୁରୁଡୁଆଁସ୍ଥିତ ରାଜୀବ ଭବନ ପରିସରରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି, ସମାଜର ରାଜ୍ୟ ସଙ୍ଗଠନ ସମ୍ପାଦକ କବି ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଉପଦେଷ୍ଟା ଗଙ୍ଗାଧର ନାୟକ, ଉପସଭାପତି ନରେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ ଗୌନ୍ତିଆ ତାଙ୍କ ଭାଷଣରେ ଓଡ଼ିଆ, ଅଘରିଆ ଭାଷା ସହ ସମ୍ବଲପୁରୀ ଭାଷାରେ ଅଧିକ ଲେଖି ଏହାର ସାମ୍ବିଧାନିକ ସୀକୃତି ଦିଗରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୌନ୍ତିଆ, କଂସ ଅଭିନେତା ଓମ୍ ପ୍ରକାଶ ପଟେଲ, ରାବଣ ଅଭିନେତା ବିଭୂତି କଲ୍ୟାଣ ପଟେଲ, ସୁସାହିତ୍ୟିକ ସୁବାସ ନାୟକ, ବିଶିଷ୍ଟ ଯୁବ ଗାୟକ ବଙ୍କିମ ପଟେଲ, ଆଦର୍ଶ ମହିଳା ଚାଷୀ ସ୍ନିଗ୍ଧା ପଟେଲ, କବୟିତ୍ରୀ ସସ୍ମିତା ପଟେଲ, ସଙ୍ଗଠିକା କବି ରଜନୀ ପଟେଲ, ସାଧୁ ଭାତ୍ରୁ କୁମାର ପ୍ରଫୁଲ୍ଲ, ନାଟ୍ୟ ନିର୍ଦ୍ଦେଶକ ସତ୍ୟ ନାରାୟଣ ପଟେଲ ପ୍ରମୁଖ ୨୫ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ମଣ୍ଡଳ ସଭାପତି ତାପସ ନାୟକ ସ୍ୱାଗତ ଭାଷଣ, ଆଞ୍ଚଳିକ ଉପସଭାପତି ଅଶୋକ ପଟେଲ ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ସୁଦୀପ୍ତ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପଟେଲ, ପ୍ରାଧାପକ ବିନୋଦ ଚନ୍ଦ୍ର ପଟେଲ, ସୁରେନ୍ଦ୍ର କୁମାର ପଟେଲ, ନନ୍ଦିନୀ ନାୟକ, ହୃଷୀକେଶ ପଟେଲ ପ୍ରମୁଖ ବହୁ କବି ଓଡ଼ିଆ, ସମ୍ବଲପୁରୀ ଓ ଅଘରିଆ ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ। ସମାଜର ମୁଖପତ୍ର ଅଗ୍ରିଆ ଶ୍ରୀ ପତ୍ରିକାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସମାଜର ସହ ସମ୍ପାଦକ ସୁବୋଧ ପଟେଲ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ

ଦେବଗଡ଼,୬।୧୨(ଡି.ଏନ.ଏ.):

ଦେବଗଡ଼ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନୀଳବେର୍ଣ୍ଣୀସାହି ଆଦିବାସୀ କ୍ଲବରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସୁରୁ ପାତ୍ର, ଜିଲା ସାଧାରଣ ସମ୍ପାଦକ ମକରଧ୍ୱଜ ହସ୍ତୀ, ନଗର ସଭାପତି ଶତ୍ରୁଘ୍ନ ପାତ୍ର, ସମ୍ପାଦକ ଦେବାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ବାବା ସାହେବ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ଆର୍‌ସିଏମ୍‌ଏସ୍ ସାହିସ୍ଥିତ ବାବସାହେବଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ୱାର୍ଡରେ ଉନ୍ନତି ନିମନ୍ତେ ବୈଠକ

ଦେବଗଡ଼,୬।୧୨(ଡି.ଏନ.ଏ.)

ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିବା ପାଇଁ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ୩ ଜଣ ନୋଡାଲ ଅଧିକାରୀ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସେମାନେ ତଥ୍ୟ

ସଂକ୍ଷେପରେ

ଠିକାସଂସ୍ଥା କର୍ମଚାରୀଙ୍କୁ ଆକ୍ରମଣ

ରାଉରକେଲା ଅଫିସ,୬।୧୨: ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଜଣେ ଠିକା ସଂସ୍ଥା କର୍ମଚାରୀ ପ୍ରଣବ କିଶୋର ବିଶ୍ୱାଳ(୩୦)ଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ଏଥିରେ ପ୍ରଣବ ଆହତ ହୋଇ ଆରଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ମାଲଗୋଦାମ ଅଞ୍ଚଳର ୱେସ୍କୋ ବିଭାଗ ବିଦ୍ୟୁତ କାମକୁ ପିପିଡବ୍ଲ୍ୟୁ ନାମକ ଏକ ସଂସ୍ଥା ଠିକାରେ ନେଇଛି। ଏହି ଠିକା ସଂସ୍ଥାରେ କାମ କରୁଥିବା ପ୍ରଣବ ସୋମବାର ଦିନ ସାଢ଼େ ୧୧ଟା ସମୟରେ ମାଲଗୋଦାମ ବସ୍ତିରେ ମିଟର ସହ ବିଦ୍ୟୁତ ବାଇପାସ ଚେକିଂ କରୁଥିବା ବେଳେ କିଛି ଯୁବକ ତାଙ୍କୁ ହଠାତ ଆକ୍ରମଣ କରିଥିଲେ।

ରକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସୁନ ରଗଡ,୬।୧୨ (ଡି.ଏନ୍.ଏ)

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଦୁର୍ଘଟଣା ଘଟିବାର ଏକ ଘଣ୍ଟା ସମୟ ହେଉଛି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ମୂଲ୍ୟବାନ ମୂହୂର୍ତ୍ତ। ଏହି ସମୟ ମଧ୍ୟରେ ଗୁରୁତର ବ୍ୟକ୍ତିମାନଙ୍କୁ ତ୍ୱରିତ ଆଶୁ ଚିକିତ୍ସା ବ୍ୟବସ୍ଥା ମିଳିଲେ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିବ ବୋଲି ସୁନ୍ଦରଗଡରେ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ରକ୍ଷକ କାର୍ଯ୍ୟକ୍ରମର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିରରେ ଜିଲାପାଳ ନିଖିଲ ପବନ କଲ୍ୟାଣ ପ୍ରକାଶ କରିଛନ୍ତି। ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ୨ଦିନିଆ ପ୍ରଶିକ୍ଷଣ ଶିବିରକୁ ଜିଲାପାଳ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରି କହିଥିଲେ ଯେ, କୌଣସି ଭୟ ନ ରଖି ସାଧାରଣ ଲୋକ ତଥା ସ୍ୱେଚ୍ଛାସେବୀମାନେ ଦୁର୍ଘଟଣାରେ ପୀଡିତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ଦରକାର। ଏଥିପାଇଁ ମାଷ୍ଟର ଟ୍ରେନରମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ ପରେ ସ୍ୱେଚ୍ଛାସେବୀମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରି କହିଥିଲେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଜୀବନ ରକ୍ଷା। ଏଥିପାଇଁ ସୁପ୍ରିମ୍‌କୋର୍ଟର ଏକ ଗାଇଡଲାଇନ୍ ସହ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରହିଥିବା ସେ କହିଥିଲେ। ଶିବିରରେ ସୁନ୍ଦରଗଡ, ରାଉରକେଲା ଓ ଝାରସୁଗୁଡା ଆଞ୍ଚଳିକ ପରିବହନ ବିଭାଗ ଅଧୀନ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ସମାଜବାଦର ଶାଣିତ ସ୍ୱର ଥିଲେ କବି ସନତ ରାୟ

ରାଉରକେଲା ଅଫିସ,୬।୧୨

ରାଉରକେଲା କଲଚରାଲ ଏକାଡେମୀ ପରିସରରେ କବି ସନତ ରାୟଙ୍କ ସ୍ମୃତିଚାରଣ ସଭା କମିଟି ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ସଭାରେ ଏନ୍‌ଆଇଟିର ନିର୍ଦ୍ଦେଶକ ଡଃ. ସୀମାଞ୍ଚଳ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ସନତ ରାୟ ସମାଜବାଦର ଶାଣିତ ସ୍ୱର ଥିଲେ ବୋଲି ମତ ଦେଇଥିଲେ। ଅନ୍ୟ ଅତିଥି ଭାବେ ଡଃ ପ୍ରଭାକର ମଲ୍ଲିକ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ।

କବି ସନତ ରାୟଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥିବୃନ୍ଦ।

ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଆୟୋଜିତ ସଭାରେ ବିଶିଷ୍ଟ ହେତୁବାଦୀ ଲେଖକ ଇଂ. ଜଳଧର ପ୍ରଧାନଙ୍କୁ ସନତ ରାୟ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି କୁଞ୍ଜ ବିହାରୀ ରାଉତ ମାନପତ୍ର ପାଠ କରିଥିଲେ। ପରେ କବିତା ପାଠୋତ୍ସବରେ ସହରର କବୟିତ୍ରୀ କବି ଯୋଗଦେଇ ନିଜସ୍ୱ କବିତା ପାଠ କରିଥିଲେ। ସ୍ୱରୂପ ମହାପାତ୍ର, ଗଗନ ବିହାରୀ ଧଳ, ଅଶୋକ କୁମାର ପଟ୍ଟନାୟକ, ବିକାଶ ଗୋପ, ସଞ୍ଜୀବ ଭୋଇ, ବିଜନ ପ୍ରଧାନ, ତ୍ରିଲୋଚନ ସ୍ୱାଇଁ, ଚନ୍ଦ୍ର ଶେଖର ପାଇକରାୟ ସହଯୋଗ କରିଥିଲେ । ଶେଷରେ ଡା. ସୁବ୍ରତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିମ

କୁତ୍ରା,୬।୧୨ (ଡି.ଏନ.ଏ) : ସୁନ୍ଦରଗଡ ଜିଲା କୁତ୍ରା କଲ୍ୟାଣ ମଣ୍ଡପଠାରେ ସୋମବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାଧାରଣ ଲୋକେ କିଭଳି ସୁବିଧାରେ ଚିକିତ୍ସିତ ହୋଇପାରିବେ ସେ ନେଇ ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ମହିଳା ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ଅବସରରେ କୁତ୍ରା ସରପଞ୍ଚ ଲଳିତା ବରୁଆ, ସୁମନ ସରେନ, କପିଳେନ୍ଦ୍ର ନାଏକ, ତରୁଣୀଲତା ସନାନୀ, ମନ୍ଦାକିନୀ ପଟେଲ, ଚେତନା କୁଜୁର, ନୀଳିମା ମଲ୍ଲୁଖାଙ୍କ ସମେତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ ।

ହାତୀ ଉପଦ୍ରବ: ଦଳି ଚକଟି ନଷ୍ଟକଲେ ଚାଷ

ଲହୁଣୀପଡା ବ୍ଲକ ଅଞ୍ଚଳରେ ହାତୀପଲ ।

ଲହୁଣୀପଡ଼ା,୬।୧୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁଳିପୋଷ ରେଞ୍ଜର ବିଭିନ୍ନ ସେକ୍ସନରେ ୨୪ ଟିକିଆ ହାତୀପଲ ପଶି ବ୍ୟାପକ ପରିବା ଓ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀ ଉପଦ୍ରବ ଯୋଗୁ ଅଞ୍ଚଳବାସୀ ସନ୍ଧ୍ୟା ହେଲେ ପଦାକୁ ବାହାରୁ ନାହାନ୍ତି। ହାତୀପଲ ଅଧିକ କ୍ଷତି ନ ଘଟାଇବା ପାଇଁ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

ପ୍ରକାଶ ଯେ, ଉକ୍ତ ହାତୀପଲ କେନ୍ଦୁଝର ଜଙ୍ଗଲରୁ ଆସି ବାରସୁଆଁ ରେଞ୍ଜ୍ ଦେଇ କୁଳିପୋଷ ରେଞ୍ଜର ଫୁଲଝର, ଶୁଲଭଡ଼ିହି, ବଡଯୋଲ, ରଞ୍ଜା, କୁଢେଇପାଣି, ସାନଯୋଲ ଆଦି ଗ୍ରାମର ଜମିରେ ଥିବା ପାଚିଲା ଧାନ ଖାଇବା ସହ ଦଳି ଚକଟି ଦେଇଛନ୍ତି। ଚାଷୀଙ୍କ କଦଳୀ ଓ ପରିବା ବାଡ଼ିକୁ ନଷ୍ଟ କରି ଦେଇଛନ୍ତି। ଖବର ପାଇ ବଣେଇ ଡ଼ିଏଫ୍‌ଓ ସନତ କୁମାର ଏନ, ଏସିଏଫ ମହେନ୍ଦ୍ର କୁମାର ନାଥ, ରେଞ୍ଜର ମୁକ୍ତିକାନ୍ତ ପରିଡା, ଫରେଷ୍ଟର କୈଳାସ ଚନ୍ଦ୍ର କିଷାନ, ଡେରୁଲା ନନ୍ଦ ଗଡନାୟକ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହିତ କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି।

ଖୋଲିଲା ନେଚର କ୍ୟାମ୍ପ

ଟେନସା,୬।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଟେନସା ସହର ନିକଟ ବଣ ପାହାଡ଼ ଘେରା ସୁନ୍ଦର ସବୁଜିମା ମଧ୍ୟରେ ରହିଛି ନେଚର କ୍ୟାମ୍ପ । ମଙ୍ଗଳବାରଠାରୁ ସର୍ବସାଧାରଣଙ୍କ ପାଇଁ ଏହା ଖୋଲା ରହିବ। ଅକ୍ଟୋବର ୨ରୁ ନେଚର କ୍ୟାମ୍ପ ଖୋଲାଯାଇଥିଲେ ମଧ୍ୟ କେବଳ ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ଏହାକୁ ସ୍ଥାନୀୟ ଜନସାଧାରଣ ବିରୋଧ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ସରପଞ୍ଚ ଅନିତା ପୂର୍ତ୍ତି ଉପଜିଲାପାଳ ଓ ବଣାଇ ଡିଏଫ୍‌ଓଙ୍କ ସହିତ ଆଲୋଚନା କରିବା ପରେ ମଙ୍ଗଳବାରଠାରୁ ନେଚର କ୍ୟାମ୍ପକୁ ସ୍ଥାନୀୟ ଜନସାଧାରଣ ଯାଇପାରିବେ ବୋଲି ସ୍ଥିର କରାଯାଇଛି ।

ଟେନ୍‌ସାଠାରେ ଥିବା ନେଚର କ୍ୟାମ୍ପ ।

ପୁଣି ଧାରଣାରେ ବସିଲେ ପିରୋ କିଷାନ

ସୁନ୍ଦରଗଡ,୬।୧୨(ଡି.ଏନ୍.ଏ)

ସୁନ୍ଦରଗଡ ସଦର ବ୍ଲକ ମଝାପଡା ତିଲେଇ ମଲଟି ଗ୍ରାମର ଆଦିବାସୀ ଝିଅ ପିରୋ କିଶାନ ପୁଣି ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜିଲାପାଳ ଦେଇଥିବା ପ୍ରତିଶ୍ରୁତି ମୁତାବକ ତାଙ୍କୁ ନିଯୁକ୍ତି ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ମଝାପଡା ବାଳିକା ଉଚ୍ଚ ବିଦ୍ୟାଳୟରେ ପିଅନ ଭାବେ କାମ କରୁଥିବା ପିରୋଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ସେ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେଣି । ପ୍ରଶାସନ ତାଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ସେ ଅଭିଯୋଗ କରିଚନ୍ତି।

ସିଭିଲ କୋର୍ଟ ପ୍ରତିଷ୍ଠା ଦିବସ ପାଳିତ

ରାଜଗାଙ୍ଗପୁର,୬।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ସୋମବାର ବୈଠକ ଗୃହରେ ୬ଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ସଂଘ ସଭାପତି ମହମ୍ମଦ ମହସିନଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ରାଜଗାଙ୍ଗପୁର ସିଭିଲ କୋର୍ଟ ସବ୍‌ଜଜ୍ ପଲ୍ଲବିରାଣୀ ସାହୁ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଲବେନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜଗାଙ୍ଗପୁର ଓକିଲ ସଂଘର ଦୀର୍ଘ ୨୦ ବର୍ଷର ପ୍ରଚେଷ୍ଟା ପରେ ୨୦୧୫ ଡିସେମ୍ବର ୫ରେ ଏହି କୋର୍ଟ ପ୍ରତିଷ୍ଠା ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଦିବାକର ପ୍ରଧାନ, ଅଶୋକ ପାଣି, ମୁରଲିଧର ଦାସ, ସମ୍ପାଦକ ବିକାଶ ସରପଟିଆ, ଉପସଭାପତି ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କୁତ୍ରାରେ ଗଡ଼ିଲା ସଚେତନତା ରଥ

କୁତ୍ରା,୬।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତ ସମିତି ପକ୍ଷରୁ ସୋମବାର ଆମ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ବିଡିଓ ରବୀନ୍ଦ୍ର କୁମାର ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ପ୍ରଥମ ଦିନରେ ବ୍ଲକର ୬ଟି ପଞ୍ଚାୟତ ଝାରବେଡା, ତୁନପୁରା, ରଜାବସା, ପୁରକାପାଲି, ଗଙ୍ଗାଜଳ, କୁତ୍ରା ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲା। ତେବେ ଆଗାମୀ ଦିନରେ ଏହି ରଥ ସମଗ୍ର କୁତ୍ରା ବ୍ଲକର ୧୬ଟି ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମର ଜନସାଧାରଣଙ୍କୁ ସଚେତନତା କରିବ। ବିଡିଓ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

PARADIP PORT TRUST
e-TENDER CALL NOTICE
No. TD/TM/GEN-225(Vol-III)/20/2283 dtd. 02.12.2021
Name of the work **"Allotment of 09 (Nine) nos. of Manual Iron Ore/Iron Ore Pellet Plots".**
License Fees: **Rs. 2,35,85,958/-.**
Wharfage Fees: **Rs. 6,17,041/-.**
Last date and time of Submission of bid: **23.12.2021 up to 15:00 Hrs.**
Date and time of Opening (technical bid): **23.12.2021 up to 16:00 Hrs.**
Refer our website for details **https://eprocure.gov.in/eprocure/app.**
Traffic Manager
PPT/PR/127/21-22 Dated: 6.12.2021

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523
No. B-749
INVITATIONS FOR BIDS (IFB)
File No-B-I-H.E.-41/2021/ 44977 / Bhubaneswar, the 26th Nov. 2021
Invitation for Bids
1st Corrigendum
Tender Reference No. C.E. (B)-22/2021-22
Name of the Work- "Construction of Center of Excellence & Science Laboratories in N.C. College, Jajpur".
The following changes have been made in Bid Identification No. C.E.(B)-22/2021-22
1. Bid documents such as DTCN /BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.06.12.2021 to 17 hours of dt.21.12.2021** instead of **dt.26.11.2021 to dt.13.12.2021** for ONLINE BIDDING respectively.
2. Online bids shall be received till **17.00 hours of dt.21.12.2021** instead of **dt.13.12.2021.**
3. The technical bids will be opened at **11.30 A.M. of dt.22.12.2021** instead of **dt.14.12.2021.**
All other terms and conditions remain unchanged.
Sd./- Chief Engineer (Buildings)
OIPR-34117/11/0081/2122 **Odisha, Bhubaneswar**

ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା
ଇସ୍ତାହାର
ସଂଖ୍ୟା: ୫୦୯୮ ତାରିଖ: ୦୪।୧୨।୨୦୨୧
No. F-238: ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧।୦୮।୧୯୯୮ରିଖ ପରିଶିଷ୍ଟ – VI ନିୟମ 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନ ଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର)ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

Sl. No.	Conversion Case No.	Name of the Applicant	Khata No.	Mouza	Revenue Plot No.	House No./ Layout Lot No.	Area (in Ac.)	Location of Housing Project
1	20/2017	ପ୍ରଦୀପ ଚନ୍ଦ୍ର ଦେଓ	109	R.T.U. - 41	290/P, 295/P	C^4 - 19	0.085	ସିଭିଲ୍ ଟାଉନ୍‌ସିପ୍
2	08/2018	ସୁନିତା ଦେବୀ ଅଗ୍ରୱାଲ	111	R.T.U. - 42	151/738	L - 8	0.110	ସିଭିଲ୍ ଟାଉନ୍‌ସିପ୍
3	37/2018	ପ୍ରଦୀପ କୁମାର ଗୋଏଲ୍	48/ 544	R.T.U. - 42	150/492	R - 10	0.086	ସିଭିଲ୍ ଟାଉନ୍‌ସିପ୍
4	14/2021	ସୁରେନ୍ଦ୍ର ପ୍ରସାଦ ବେହେରା	111	R.T.U. - 42	151/427/P	X - 2	0.172	ସିଭିଲ୍ ଟାଉନ୍‌ସିପ୍
5	86/2021	କାହ୍ନୁ ଚରଣ ଦ୍ୱିବେଦୀ	109	R.T.U. - 41	316/P	E4 - 30	0.040	ସିଭିଲ୍ ଟାଉନ୍‌ସିପ୍
6	91/2021	ଶ୍ରୀମତୀ ପଦ୍ମିନୀ ପଣ୍ଡା	109	R.T.U. - 41	265/P, 264/P, 263/P	P^3 - 13	0.055	ସିଭିଲ୍ ଟାଉନ୍‌ସିପ୍
7	46/2021	ଅକ୍ଷୟ କୁମାର ପ୍ରଧାନ	109	R.T.U. - 41	253/P	J^4 - 1	0.055	ସିଭିଲ୍ ଟାଉନ୍‌ସିପ୍
8	23/2013	ଜୟ ପ୍ରକାଶ ଅଗ୍ରୱାଲ	111	R.T.U. - 42	36/P, 37/P	Q^4 - 11	0.041	ସିଭିଲ୍ ଟାଉନ୍‌ସିପ୍
9	93/2021	ପୂର୍ଣ୍ଣ ନନ୍ଦ ସାହୁ	109	R.T.U. - 41	324/P	G^4 - 3	0.040	ସିଭିଲ୍ ଟାଉନ୍‌ସିପ୍
10	12/2021	କମଲ ପ୍ରୀତ୍ କୌର୍	1/1, 3/1, 10	R.T.U. - 42		T - 4	0.086	ସିଭିଲ୍ ଟାଉନ୍‌ସିପ୍

OIPR-24217/11/0006/2122 ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା

OFFICE OF THE SUPERINTENDING ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 31 RWSS/RRPUR- 2021-2022 / Dated 05.12.2021
No. O-1225:- The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.
1. Nature of work : - a) Execution of clubbed up PWS schemes to different villages of Karanjia & Thakurmunda Block under RWS&S Division Rairangpur in the District of Mayurbhanj.
2. No. of Packages : - 6 (Six) Nos.
3. Period of Completion : **11 (Eleven)** months
4. Cost of tender : **₹10000.00**
5. Estimated cost :- **₹300.51** lakhs to **₹315.02** Lakhs
6. Class of Contractor :- (As mentioned in Tender Call Notice)
7. Date and time of availability of bid documents in Portal:- From **10 hours of 08.12.2021 to 17.00 hours of 24.12.2021**
8. Receipt of bid cost, bid security, documents:- Online only
9. Date & time of opening of technical bid:- **Dt. 27.12.2021 at 16.00 hours** onwards.
10. Other Documents:- (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**.
12. **Any addendum / Corrigendum / Cancellation of tender can also be seen in the said website.**
Sd./-05.12.2021
Superintending Engineer, RWSS Division, Rairangpur
OIPR-25010/11/0014/2122

ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କୁରୁମାନୁର
ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି (ଓଡ଼ିଶା)
ଚିଠି ନଂ. ୪୦/୨୧ ତାରିଖ: ୦୨।୧୨।୨୧
TENDER CALL NOTICE 01/2021-22
The Sarapanch, Kurmanur invites sealed tenders from reputed manufacturers/body builders having at least 05 years experience in construction and delivery of FRP/Wooden Boats (Fiber Coated) with the specifiation given below.

Sl. No.	Particulars	Specification
1	Specification of FRP/ Wooden (Fiber Coated) Boat 2 seated for ferry use	Length - 8.25 meters, Breadth - 2.20 meters with capacity of 9HP Diesel Engineer (Long Tail)
2	Date of Sale of Tender Paper	02.12.2021 to 08.12.2021 upto 5.00 P.M. in the Office of the Sarapanch during office hour.
3	Last date of submission of Tender Paper	08.12.2021 upto 5.00 P.M. in the Office of the Sarapanch during office hour in Dropping Sealed Box
4	Date of opening of Tender Paper	09.12.2021 at 2.00 P.M.
5	E.M.D. requied	Rs. NIL in shape of NSC/TDR/ FDR
6	Cost of Tender Paper	Rs.3000/- in shape of cash in Form No. 05 payable at G.P. Office

The detail specification and term and condition can be obtained from the Office of the undersigned on deposit of cost of tender paper in shape of cash in Form No. 05 at Gram Panchayat, Kurmanur.
Sd./- Sarapanch, Kurmanur G.P.

ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଅଣ୍ଡ୍ରାପାଲି
ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି (ଓଡ଼ିଶା)
ଚିଠି ନଂ. ୩୮/୨୧ ତାରିଖ: ୦୨।୧୨।୨୧
TENDER CALL NOTICE_____2021-22
The Sarapanch, Andrapally invites sealed tenders from reputed manufacturers/body builders having at least 05 years experience in construction and delivery of FRP/Wooden Boats (Fiber Coated) with the specifiation given below.

Sl. No.	Particulars	Specification
1	Specification of FRP/ Wooden (Fiber Coated) Boat 2 seated for ferry use	Length - 8.25 meters, Breadth - 2.20 meters with capacity of

ଧରିତ୍ରୀ
DHARITRI

ବିଧାନସଭା ସମାଚାର

ମଙ୍ଗଳବାର, ୭ ଡିସେମ୍ବର, ୨୦୨୧

ଗତ ବର୍ଷ ୧୧ ହଜାର କୋଟି, ଚଳିତ ବର୍ଷ ୧୩ ହଜାର କୋଟି

କୋଭିଡ୍ ସତ୍ତ୍ୱେ ଖଣି ରାଜସ୍ୱ ବଢ଼ିଛି

ଭୁବନେଶ୍ୱର,୬।୧୨(ବ୍ୟୁରୋ)

କୋଭିଡ-୧୯ ସତ୍ତ୍ୱେ ରାଜ୍ୟରେ ଖଣି ରାଜସ୍ୱ ବଢ଼ିଛି। ୨୦୧୯-୨୦ରେ ଖଣି ରାଜସ୍ୱ ବାବଦକୁ ମୋଟ ୧୧,୦୩୯.୫୯ କୋଟି ଟଙ୍କା ଆଦାୟ କରାଯାଇଥିବା ବେଳେ ୨୦୨୦-୨୧ରେ ୧୩,୯୧୮.୨୦ କୋଟି ଟଙ୍କା ଆଦାୟ ହୋଇଛି। ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ସୁଦ୍ଧା ୨୩,୨୩୬.୪୭ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ୨୦୧୮-୧୯ରେ ୨୯୫.୪୫ ନିୟୁତ ମେଟ୍ରିକ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ୨୦୧୯-୨୦ରେ ୩୧୨.୩୦ ଏବଂ ୨୦୨୦-୨୧ରେ ୨୯୪.୭୯ ନିୟୁତ ମେଟ୍ରିକ ଟନ୍ ଉତ୍ପାଦନ ହୋଇଛି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ଏମ୍ଏମ୍ଡିଆର୍ ଆଇନ ସଂଶୋଧନ ପରେ ନିଲାମ ହୋଇଛି ୩୫ ଖଣି

ଦେଶରେ ମାଇନ୍ସ ଆଣ୍ଡ ମିନେରାଲ (ଡେଭେଲପମେଣ୍ଟ ଆଣ୍ଡ ରେଗୁଲେଶନ) ସଂଶୋଧନ ଆଇନ-୨୦୧୫ ପରେ ରାଜ୍ୟରେ ୩୫ଟି ଖଣି ନିଲାମ ହୋଇଛି। ସେହି ଖଣିଗୁଡ଼ିକ ହେଲା ସୁନ୍ଦରଗଡ଼ ଜିଲାର ଗୋରାବୁରାନି-ସାଗାସାହି ଲୁହାପଥର ଖଣି, ମାଲକାନଗିରି ଜିଲାର କୋଟାମେଟା ଲାଇମଷ୍ଟୋନ୍, କେନ୍ଦୁଝରର ଲାସର୍ଦାପଚେରୀ ମାଙ୍ଗାନିଜ, ସୁନ୍ଦରଗଡ଼ ଜିଲାର ନେତ୍ରବନ୍ଧ ପାହାଡ଼ ଲୁହାପଥର, କଳାମାଙ୍ଗ ୱେଷ୍ଟ ଲୁହାପଥର ଓ ଖଟକୁରବାହଲ ଲାଇମଷ୍ଟୋନ, ଯାଜପୁର ଜିଲାର କମରଦା କ୍ରୋମାଇଟ, ରାୟଗଡ଼ା ଜିଲାର ଜଗଦଲପୁର ଗ୍ରାଫାଇଟ, ଯାଜପୁର ଜିଲାର ସୁରଆବାଲି କ୍ରୋମାଇଟ, କେନ୍ଦୁଝର ଜିଲାର ନୂଆଗାଁ ଲୁହାପଥର, ସୁନ୍ଦରଗଡ଼ ଜିଲାର ନାରାୟଣୀପୋଷି ଲୁହାପଥର ଓ ମାଙ୍ଗାନିଜ, ଠାକୁରାଣୀ, ବଲଦା ଏବଂ ଗମ୍ଭୁଆ ଲୁହାପଥର ଏବଂ କେନ୍ଦୁଝର ଜିଲାର ରଏଡା-୨ ଲୁହାପଥର ଖଣିକୁ ନିଲାମ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲାର ମହୁଲସୁଖ ଲୁହାପଥର ଓ ମାଙ୍ଗାନିଜ, ମୟୂରଭରଞ୍ଜ ଜିଲାର ଗୋରୁମହିଷାଣି ଲୁହାପଥର, ସୁନ୍ଦରଗଡ଼ ଜିଲାର କୋଲମଙ୍ଗ ଲୁହାପଥର ଓ ମାଙ୍ଗାନିଜ, କେନ୍ଦୁଝର ଜିଲାର ସିଲଜୋରା-ପାଳିମାଟି ଲୁହାପଥର ଓ ମାଙ୍ଗାନିଜ, ଜରିବାହଲ ଲୁହାପଥର, ଜୁରୁରୀ ଲୁହାପଥର, କଟାସାହି ମାଙ୍ଗାନିଜ, ସୁନ୍ଦରଗଡ଼ ଜିଲାର କଞ୍ଚେର-କୋଏରା ମାଙ୍ଗାନିଜ ଖଣି, ବାଦାମପାହାଡ ଲୁହାପଥର, କେନ୍ଦୁଝର ଜିଲାର ଗୁଆଳି ଲୁହାପଥର, ଯାଜପୁର ଜିଲାର ସୁକିନ୍ଦା କ୍ରୋମାଇଟ ଖଣି, କେନ୍ଦୁଝର ଜିଲାର କସିଆ ଲୁହାପଥର ଏବଂ ସୁନ୍ଦରଗଡ ଜିଲାର ନଦିଡିହି ଲୁହାପଥର ଓ ମାଙ୍ଗାନିଜ, ଗନ୍ଧାହାଲପଡା, ଝୁମକା ପଥିରପୋଷି, ଚାନ୍ଦିପୋଷି, ଢୋଲଟାପାହାଡ, ନେତ୍ରବନ୍ଧ ପାହାଡ ଏବଂ ପୁରେଇବାହାଲ ପାହାଡ ଲୁହାପଥର ଖଣି। ବିଜେଡି ସଭ୍ୟ ସାଲୁଗା ପ୍ରଧାନଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ପେଟ୍ରୋଲ, ଡିଜେଲ ଭାଟ୍ ହ୍ରାସ ଯୋଗୁ ରାଜ୍ୟକୁ ୨୦୦୯ କୋଟି କ୍ଷତି

ରାଜ୍ୟ ସରକାର ଖାଉଟିମାନଙ୍କର ହିତକୁ ଦୃଷ୍ଟିରେ ରଖି ପେଟ୍ରୋଲ ଓ ଡିଜେଲ ଉପରୁ ନଭେମ୍ବର ୬ ତାରିଖରୁ ମୂଲ୍ୟଯୁକ୍ତ ଟିକସ(ଭାଟ୍) ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପେଟ୍ରୋଲ ଉପରେ ଲାଗୁ ହୋଇଥିବା ଭାଟ୍ ୩୨ରୁ ୨୮ ପ୍ରତିଶତ ଏବଂ ଡିଜେଲ ଉପରୁ ୨୮ରୁ ୨୪ ପ୍ରତିଶତକୁ ହ୍ରାସ କରିଛନ୍ତି। ସେହିପରି କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ଲିଟର ପିଛା ଟିକସ ୧୮ରୁ ୧୩ ଟଙ୍କା ଏବଂ ଡିଜେଲ ଉପରୁ ଲିଟର ପିଛା ୧୮ରୁ ୮ ଟଙ୍କାକୁ ହ୍ରାସ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ଏବଂ କେନ୍ଦ୍ର ସରକାର ଟିକସ ହ୍ରାସ କରିବା ଦ୍ୱାରା ରାଜ୍ୟ ସରକାରଙ୍କୁ ବାର୍ଷିକ ପ୍ରାୟ ୨୦୦୯ କୋଟି ଟଙ୍କାର କ୍ଷତି ହେବ ବୋଲି ଆକଳନ କରାଯାଇଛି। ଏହାକୁ ଭରଣା କରିବାକୁ କେନ୍ଦ୍ର ସରକାର କୌଣସି ସହାୟତା ଦେଇ ନାହାନ୍ତି। ଉକ୍ତ କ୍ଷତି ଭରଣା ପାଇଁ ଜିଏସଟି ଅଧୀନରେ ଥିବା ଟିକସଦାତାଙ୍କ ଦ୍ୱାରା ରିଟର୍ନ ଫାଇଲିଂ ହାର ପ୍ରତ୍ୟେକ ମାସରେ ୯୦ ପ୍ରତିଶତ କରିବା ପାଇଁ ଜିଏସଟି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

୫ ବର୍ଷରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ୧୨୯ ବାବୁ

ଗତ ୫ ବର୍ଷ (୨୦୧୬ରୁ ୨୦୨୦) ମଧ୍ୟରେ ରାଜ୍ୟରେ ବେଆଇନ ଅର୍ଥ ଠୁଳ ଅଭିଯୋଗରେ ୫୦୬ଟି ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ସେଥିରୁ ୧୨୫ ମାମଲାରେ ୧୨୯ ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କୁ ଧରାଯାଇଛି। ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ରାଜ୍ୟରେ ୧୯ଟି ଭିଜିଲାନ୍ସ କୋର୍ଟରେ ବିଚାର ପ୍ରକ୍ରିୟା ଚାଲୁ ରହିଛି। ଆଉ ଅଧିକ ଭିଜିଲାନ୍ସ କୋର୍ଟ ସ୍ଥାପନର ଆବଶ୍ୟକତା ନାହିଁ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

୫ ବର୍ଷରେ ୭୩୩୦ ସାଇବର ଅପରାଧ

ରାଜ୍ୟରେ ଖୋଲିଛି ୪ ସାଇବର ଥାନା

ରାଜ୍ୟରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ୨୦୧୫ରୁ ୨୦୨୦ ସେପ୍ଟେମ୍ବର ୨୦ ତାରିଖ ମଧ୍ୟରେ ରାଜ୍ୟରେ ୭୩୩୦ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ସାଇବର ଅପରାଧମାମଲାଗୁଡ଼ିକରେ ଅଭିଯୁକ୍ତ ଅଜ୍ଞାତ ଥାଆନ୍ତି। ତଦନ୍ତ ପରେ ଚିହ୍ନଟ ହେବାର ସମ୍ଭାବନା ରହିଛି। ବିଶେଷକରି ରାଜ୍ୟରେ ଟଙ୍କା ପଇସା ହଡପ ଏବଂ ସାମାଜିକ ଗଣମାଧ୍ୟମରେ ଅପରାଧ ଭଳି ସାଇବର ଅପରାଧ ସଂଖ୍ୟା ବଢୁଛି। ତେବେ ମାମଲାଗୁଡ଼ିକର ସ୍ଥିତି ବିଷୟରେ କୌଣସି ସୂଚନା ନାହିଁ। ଏ ନେଇ ତଥ୍ୟ ସଂଗ୍ରହ କରାଯାଉଛି। ରାଜ୍ୟରେ ବଢ଼ି ଚାଲିଥିବା ସାଇବର ଅପରାଧକୁ ମୁକାବିଲା କରିବା ସକାଶେ ରାଜ୍ୟରେ ୪ଟି ସାଇବର ଥାନା ଖୋଲାଯାଇଛି। ସେଗୁଡିକ ହେଲା ସିଆଇ କ୍ରାଇମବ୍ରାଞ୍ଚ ସାଇବର ଥାନା, ବ୍ରହ୍ମପୁର ସାଇବର ଥାନା, ସମ୍ବଲପୁର ଏବଂ ରାଉରକେଲା ସାଇବର ଥାନା। ଅପରାଧକୁ ରୋକିବା ସକାଶେ ଥାନାଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରାଯାଇଛି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି।

୫ ବର୍ଷରେ ୮୨୨୬ କୁଇଣ୍ଟାଲ ଗଞ୍ଜେଇ ଜବତ

୬୮ ଗାଡ଼ି ଜବତ, ୩୦୮ ଗିରଫ

ରାଜ୍ୟରେ ଗଞ୍ଜେଇ ଚୋରା କାରବାର ବଢ଼ିଚାଲିଛି। ୨୦୧୫-୧୬ରୁ ଏ ପର୍ଯ୍ୟନ୍ତ ୮୨୨୬.୪୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏଥିସହିତ ୬୮ଟି ଗାଡ଼ି ଜବତ ହୋଇଥିବା ବେଳେ ୩୦୮ ଜଣ ଗିରଫ ହୋଇଛନ୍ତି। ୨୬୬ଟି ମାମଲା ରୁଜୁ ହୋଇଛି। ଗଞ୍ଜେଇ ଚାଷକୁ ବନ୍ଦ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପୋଲିସ, ଅବକାରୀ ବିଭାଗ ମିଳିତ କାର୍ଯ୍ୟକ୍ରମ ମାଧ୍ୟମରେ ଗଞ୍ଜେଇ ଚାଷ ହୋଇଥିବା ଜିଲାଗୁଡିକରେ ଏହାକୁ ନିୟନ୍ତ୍ରଣ କରିବାକୁ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିସହିତ ଗଞ୍ଜେଇ ଚାଷ ନିୟନ୍ତ୍ରଣ ନିମନ୍ତେ ଅବକାରୀ ଅଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

ତଦନ୍ତ ତଦାରଖ କରୁଛନ୍ତି ପୂର୍ବତନ ଜିଲା ଜଜ୍ ଏ.ବି.ଏସ୍. ନାଇଡୁ

ମମିତା ମେହେର ହତ୍ୟା ମାମଲା

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ତାରକା ପ୍ରଶ୍ନ ନଂ. ୬୨୧ରେ ପଚାରିଛନ୍ତି ଯେ, ମମିତା ମେହେର ହତ୍ୟାକାଣ୍ଡ ଓ ମହାଲିଙ୍ଗ କଲେଜର ଯୌନ ବ୍ୟଭିଚାର ନେଇ କେତୋଟି ମାମଲା ଦାଏର ହୋଇଛି। ସେସବୁରେ କେତେ ଜଣ ଓ କେଉଁମାନେ ଅଭିଯୁକ୍ତ ଅଛନ୍ତି। ହତ୍ୟାକଣ୍ଡର ମାସକ ପୂର୍ବରୁ ସେହି କଲେଜ ପରିସରକୁ କେଉଁ ଭିଆଇପିମାନେ କେଉଁ ଉଦ୍ଦେଶ୍ୟରେ ପରିଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ କିଏ ସେଠାରେ ରାତ୍ରି ଯାପନ କରିଥିଲେ। ସେମାନଙ୍କର ଉଭୟ ହତ୍ୟାକାଣ୍ଡ ଓ ଯୌନ କେଳେଙ୍କାରୀ ସହିତ କି ସମ୍ପର୍କ ରହିଛି। ସେ ସବୁର ସବିଶେଷ ତଥ୍ୟ ଦେବେ କି। ମମିତା ହତ୍ୟାକାଣ୍ଡର କି କି ମୋଟିଭ ରହିଛି। ଯୌନ ବ୍ୟଭିଚାର ସଂକ୍ରାନ୍ତରେ ମୃତା ମମିତା ତାଙ୍କ ମୋବାଇଲ, ଡାଏରୀ କିମ୍ବା ଅନ୍ୟ କୌଣସି ବନ୍ଧୁ ପରିବାର ବର୍ଗଙ୍କୁ ଜଣାଇଥିଲେ କି। ଯୌନ ବ୍ୟଭିଚାରକୁ ମୋଟିଭ ଭାବେ ତଦନ୍ତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଛି କି। ଯଦି ହୋଇନାହିଁ ତେବେ ତା'ର କାରଣ କ'ଣ ହେବ କହିବେ କି। ଏହାର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ, ବର୍ତ୍ତମାନ ମାମଲା ତଦନ୍ତାଧୀନ ଅଛି। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ହାଇକୋର୍ଟ ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ପୂର୍ବତନ ଜିଲା ଜଜ୍ ଏ.ବି.ଏସ୍. ନାଇଡୁଙ୍କୁ ମନୋନୀତ କରିଛନ୍ତି। ସେହି ଅନୁସାରେ ରାଜ୍ୟ ସରକାର ନାଇଡୁଙ୍କୁ ଉପରୋକ୍ତ ମାମଲାର ତଦନ୍ତକୁ ତଦାରଖ କରିବା ନିମନ୍ତେ ନିଯୁକ୍ତି କରିଛନ୍ତି।

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ହେବ ୧୦୩୮୨୦.୭୧ କୋଟି

୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧୨୫୦୦୫.୨୧ କୋଟି ଟଙ୍କା ହେବ। ୨୦୨୧ ଅକ୍ଟୋବର ସୁଦ୍ଧା ରାଜ୍ୟର ଋଣଭାର ୧୦୩୮୨୦.୭୧ କୋଟି ଟଙ୍କା, ଯାହାକି ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସଡିପି)ର ୧୭.୭୨ ପ୍ରତିଶତ। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷ ରାଜ୍ୟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୨୦୧୧-୧୨ ତୁଳନାରେ -୪.୯୨ ପ୍ରତିଶତ ହେବା ନେଇ ଆକଳନ କରାଯାଇଛି।

ନୂଆ ସରକାରୀ ଚାକିରିଆ ୩ ମାସରେ ସମ୍ପତ୍ତି ତାଲିକା ଦେବା ବାଧ୍ୟତାମୂଳକ

ନୂତନ ଭାବେ ନିଯୁକ୍ତି ପାଇଥିବା ସରକାରୀ କର୍ମଚାଚାରୀମାନେ ସେମାନଙ୍କ ନିଯୁକ୍ତି ତାରିଖ ସୁଦ୍ଧା ଥିବା ସମ୍ପତ୍ତି ତାଲିକା ନିଯୁକ୍ତିର ପ୍ରଥମ ୩ ମାସ ମଧ୍ୟରେ ଦେବାକୁ ହେବ। କର୍ମଚାରୀମାନେ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟସିଷ୍ଟମ(ଏଚ୍ଆର୍ଏମ୍ଏସ୍) ମାଧ୍ୟମରେ ଅନ୍‌ଲାଇନ ଜରିଆରେ ପ୍ରଦାନ କରିପାରିବେ। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣବିଧି -୧୯୫୯ର ସଂଶୋଧନ ନିୟମାବଳୀ ୨୯୧୨ର ନିୟମ ୨୧ର ସେକ୍ସନ ୨ ଅନୁଯାୟୀ ସମ୍ପତ୍ତି ତାଲିକା ଦେବା ବାଧ୍ୟତାମୂଳକ। ବିଜେଡି ସଭ୍ୟ ସୌଭିକ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ରାଜ୍ୟ ଖବର

ପ୍ରଥମ ପୃଷ୍ଠାରୁ

ହକ୍ ନ ମିଳିଲେ...

ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଅଙ୍ଗନୱାଡ଼ି କର୍ମୀମାନେ ଆନ୍ଦୋଳନରୁ ଉଠିଥିଲେ।

ଆସୋସିଏଶନର ସାଧାରଣ ସମ୍ପାଦକ ଝୁନୁପମା ଶତପଥୀ କହିଛନ୍ତି, ଆଲୋଚନାରେ କେତେକ ଦାବିକୁ ସରକାର ମାନି ନେଇଛନ୍ତି। ଖୁବ୍‌ଶୀଘ୍ର ତାହାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ନିର୍ଦ୍ଧାରିତ ସମୟ ଭିତରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ। ପଞ୍ଚାୟତ, ବ୍ଲକ ସ୍ତରରେ ଧାରଣା ଦେବୁ। ବିଧାୟକଙ୍କ ଘର ଘେରିବୁ। ଯେକୌଣସି ପରିସ୍ଥିତିରେ ବି ସରକାରଙ୍କଠାରୁ ଆମେ ଆମ ଦାବି ଛଡ଼ାଇ ନେବୁ ବୋଲି ସେ କହିଛନ୍ତି।

୨୪୬ ବିଦେଶ...

ଯାତ୍ରୀ ଅନ୍ୟ ରାଜ୍ୟର ଠିକଣା ମଧ୍ୟ ଦେଉଛନ୍ତି, ଯାହାକି ବିଦେଶ ଫେରନ୍ତାଙ୍କ ଟ୍ରେସିଂରେ ସମସ୍ୟା ସୃଷ୍ଟି କରୁଛି ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ପତ୍ତା ମିଳୁ ନ ଥିବା ଲୋକଙ୍କୁ ଖୋଜିବାକୁ ଯଥାସାଧ୍ୟ ଚେଷ୍ଟା ଚାଲିଥିବାରୁ ଭୟଭୀତ ହେବାର କିଛି ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

ଏଣେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଯେହେତୁ ଓମିକ୍ରନ୍ ପାଇଁ ସରକାର ଚିନ୍ତିତ ଅଛନ୍ତି, ଲୋକମାନେ ସହଯୋଗ କରିବା ଦରକାର। ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ଆସି ଟେଷ୍ଟ କରାନ୍ତୁ। ଟେଷ୍ଟ ପରେ ଘରେ ରୁହନ୍ତୁ। ଭୟ କରିବା ଆବଶ୍ୟକତା ନାହିଁ। ନିଜକୁ ଓ ନିଜ ପରିବାରକୁ ସଂକ୍ରମିତ ନ କରନ୍ତୁ। ଘର ଭିତରେ, ଗାଁ ଓ ସମାଜରେ ଯେଭଳି ନ ବ୍ୟାପୁ ବୋଲି ଡା.ମିଶ୍ର ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ ରାଜ୍ୟରେ ଟିକାକରଣକୁ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି, ବର୍ଷା ଓ ବାତ୍ୟା ବେଳେ ବି ରାଜ୍ୟରେ ଟିକାକରଣ ଜାରି ରହିଥିଲା। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକୁ ଛାଡ଼ି ଅନ୍ୟସବୁ ଜିଲାରେ ସବୁଦିନ ଟିକାକରଣ ଚାଲିଥିଲା। ଏଯାଏ ୪ କୋଟି ୪୫ ଲକ୍ଷ ଡୋଜ୍ ଟିକା ଦେଇସାରିଲୁଣି। ୮୬ ପ୍ରତିଶତରୁ ଅଧିକ ପ୍ରଥମ ଡୋଜ୍ ଦିଆସରିଲାଣି। ୫୧ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସମସ୍ତଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଟିକା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ମା' ଚାପୁଡ଼ାରେ...

କରୁଥିବାରୁ ମହିଳା ଜଣକ ୨ବର୍ଷର ଶିଶୁ ପୁତ୍ରକୁ ନେଇ ନିଜ ବାପଘରେ ରହୁଥିଲେ। ୩ ଦିନ ତଳେ ସେ ପୁଅକୁ ଖୁଆଉଥିଲେ। ଖାଇବା ବେଳେ କୌଣସି କାରଣରୁ ଶିଶୁପୁତ୍ରଟି ଜିଦ୍ ଧରି କାନ୍ଦୁଥିଲା। ଏଥିରେ ବିରକ୍ତ ହୋଇ ପୁଅକୁ ମା' ଏକ ଚାପୁଡ଼ା ମାରିଥିଲେ। ଫଳରେ ଘଟଣାସ୍ଥଳରେ ପୁଅର ମୃତ୍ୟୁ ଘଟିଥିଲା। ମହିଳା ଜଣକର ମାନସିକ ବିକୃତି ଥିବା ଓ କିଛି ଜାଣି ନଥିବା ପରିବାର ଲୋକ କହିଛନ୍ତି। ଏ ନେଇ କବିସୂର୍ଯ୍ୟନଗର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି। ଶିଶୁଟି ଅସୁସ୍ଥ ଥିଲା, ଛାତିରେ ଯନ୍ତ୍ରଣା ପରେ ତା'ର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ କହିଥିବା ଆଇଆଇସି ସୂଚନା ଦେଇଛନ୍ତି।

'ଦାବି ପୂରଣ...

ପାଇଁ କେନ୍ଦ୍ର ମଧ୍ୟ ରାଜି ହୋଇଥିଲା। ତେବେ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରିବାକୁ କେନ୍ଦ୍ର ମନା କରିଦେବା ପରେ ରାଜ୍ୟବାସୀ ଆଶ୍ଚର୍ଯ୍ୟ ହେବା ସହିତ ସେମାନଙ୍କୁ କଷ୍ଟ ଦେଇଛି। ପାଇକ ବିଦ୍ରୋହ ଅଷ୍ଟମ ଶ୍ରେଣୀର ଇତିହାସ ପାଠ୍ୟପୁସ୍ତକରେ କେବଳ ଏକ କେସ୍ ଷ୍ଟଡି ଭାବେ ସ୍ଥାନ ପାଇବ, ଯାହାକି ୧୮୫୭ କାର୍ଯ୍ୟକ୍ରମ ସହିତ ଜଡ଼ିତ ହେବ। ଏଥିସହିତ ପାଇକ ବିଦ୍ରୋହକୁ କେବଳ ୧୮୫୭ର ଏକ ପାଦଟିହ୍ନ ଭାବେ ଉପସ୍ଥାପନ କରାଯିବ। ଓଡିଶାର ଜନପ୍ରତିନିଧି ଭାବେ ଦେଶ ଓ ବିଦେଶର ଓଡ଼ିଆଙ୍କ ଠାରୁ ଶହ ଶହ ଫୋନ୍‌କଲ୍ ମିଳୁଛି, ଯେଉଁଥିରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରକୁ ଓଡିଶାର ସମୃଦ୍ଧ ଇତିହାସ ଏବଂ ସଂସ୍କୃତି ପ୍ରତି ଅପମାନ ରୂପେ ବିଚାର କରାଯାଉଛି ବୋଲି ଏମ୍‌ପିମାନେ କହିଛନ୍ତି।

ଉକ୍ତ ଦାବିପତ୍ରରେ ଭାରତ ସରକାର ତୁରନ୍ତ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବେ ଘୋଷଣା କରିବା ଉଚିତ ଏବଂ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ମତକୁ ମଧ୍ୟ ବିଚାର କରିବା ଦରକାର ବୋଲି ଏମ୍‌ପିମାନେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୧୮୧୭ ମସିହାରେ ପାଇକ ବିଦ୍ରୋହ ଘଟିଥିଲା, ଯାହା ବ୍ରିଟିଶ ଶାସନ ବିରୋଧରେ ଭାରତର ପ୍ରଥମ ସଙ୍ଗଠିତ ସଶସ୍ତ୍ର ବିଦ୍ରୋହ ଥିଲା। ଏହା ଭାରତ ପାଇଁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଥିଲା, ଯାହାକି ୧୮୫୭ର ବିଦ୍ରୋହର ୪୦ ବର୍ଷ ପୂର୍ବରୁ ହୋଇଥିଲା। ଏହି ଯୁଦ୍ଧ ଓଡ଼ିଶାର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିଲା। ପାଇକ ବିଦ୍ରୋହ ଭାରତର ଲୋକଙ୍କୁ ଶକ୍ତି ପ୍ରଦାନ ତଥା ସଙ୍ଗଠିତ କରିବାରେ ବାଟ ଦେଖାଇଥିଲା।

ପିଲାଙ୍କୁ ବୁଦ୍ଧିଆ କରେ ଗପ

ଆଜିକାଲି ଅଧିକାଂଶ ପିଲା ମୋବାଇଲ୍, ଟାବଲେଟ୍, ଟିଭି, କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍‌ରେ ଅଧିକ ସମୟ କଟାଉଛନ୍ତି। ଫଳରେ ପରିବାର ଭିତରେ ଥାଇ ସୁଦ୍ଧା ସେମାନେ ଏକାକୀ ନିଜ ଡିଜିଟାଲ୍ ଦୁନିଆରେ ସୀମିତ ରହୁଥିବା ଦେଖିବାକୁ ମିଳୁଛି; ଯାହାଦ୍ୱାରା ସେମାନଙ୍କ ଉପରେ ଅନେକ ନକାରାତ୍ମକ ପ୍ରଭାବ ମଧ୍ୟ ପଡୁଛି। ଏପରି ସ୍ଥଳେ ପିଲାଙ୍କୁ ଗପ ଶୁଣାଇବା ଅଭ୍ୟାସ କରାଇଲେ ସେମାନଙ୍କ ବୁଦ୍ଧିର ବିକାଶରେ ବେଶ୍ ସହାୟକ ହୋଇପାରିବ...

➔ଗପ ଶୁଣାଇବା ଦ୍ୱାରା ପିଲାମାନେ ଉଦାହରଣ ମାଧ୍ୟମରେ ଅନେକ କିଛି ଶିକ୍ଷା କରନ୍ତି। ଯାହାଦ୍ୱାରା ସେମାନଙ୍କ ଗୁଣ ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।

➔ଏହା ଫଳରେ ପିଲାମାନଙ୍କର ଲାଙ୍ଗୁଏଜ୍, କମ୍ୟୁନିକେଶନ୍ ସ୍କିଲ୍, ଭୋକାବୁଲାରି ଅର୍ଥାତ ନୂଆ ନୂଆ ଶବ୍ଦ ଏବଂ ଭାଷା ଜ୍ଞାନର ବିକାଶ ହୋଇଥାଏ। ଯେଉଁ ଭାଷାରେ ପିଲାମାନେ ଗପ ଶୁଣିବେ ସେହି ଭାଷାକୁ ସେମାନେ ବେଶି ମନେ ରଖିପାରିବେ।

➔ଗପ ଶୁଣିବା ମାଧ୍ୟମରେ ପିଲାମାନଙ୍କର ଜାଣିବାର କ୍ଷମତା ବି ବଢ଼ିଥାଏ। ଯେ କୌଣସି ଶବ୍ଦକୁ ପଢ଼ି ମନେରଖିବା ପରିବର୍ତ୍ତେ ଗପ ଦ୍ୱାରା ସେମାନେ ଶୁଣି ଶୁଣି ଅଧିକ ମନେ ରଖିପାରନ୍ତି।

➔ପିଲାମାନଙ୍କର ବଡ଼ି ଲାଙ୍ଗୁଏଜ୍ ଜାଣିବା ପାଇଁ ବି ଏହା ସହାୟକ ହୋଇଥାଏ। ଏହା ମାଧ୍ୟମରେ ଖରାପ, ଭଲ ଏବଂ ପ୍ରତିକ୍ରିୟା ପ୍ରକାଶ କରିବା ଶୈଳୀକୁ ମଧ୍ୟ ସେମାନେ ଜାଣି ପାରନ୍ତି। କୌଣସି ଘଟଣାରେ ମୁହଁର ଭାବକୁ ଦେଖି ବୁଝିବା ଏତେ ସହଜ ନୁହେଁ। କିନ୍ତୁ ଗପ ବା କାହାଣୀ ଶୁଣିବା ଦ୍ୱାରା ସେମାନଙ୍କଠାରେ ଏହି ଦକ୍ଷତା ବିକଶିତ ହୋଇଥାଏ।

➔ସେମାନଙ୍କର କହିବା ଶକ୍ତି ବି ଏହା ମାଧ୍ୟମରେ ବୃଦ୍ଧି ହୋଇଥାଏ। ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାର କ୍ଷମତା ବି ପିଲାମାନଙ୍କର ପିଲାଦିନୁ ବଢ଼ିଯାଏ; ଯାହା ସେମାନଙ୍କୁ ଭବିଷ୍ୟତରେ ସାହାଯ୍ୟ କରିଥାଏ।

➔ପ୍ରତିଦିନ ସେମାନଙ୍କୁ ଭିନ୍ନ ଭିନ୍ନ ଗପ ଶୁଣେଇବା ଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ସୃଷ୍ଟି ହୁଏ। ଫଳରେ ସେମାନଙ୍କଠାରେ ଭଲ ଗୁଣ ଏବଂ ବୁଦ୍ଧିର ବିକାଶ ହେବାରେ ସାହାଯ୍ୟ କରେ।

ଆଦର୍ଶ ଦମ୍ପତି

ବିଶ୍ୱାସ ବାନ୍ଧେ ସୂତା ଖିଅ: ଦାମ୍ପତ୍ୟ ସମ୍ପର୍କର ମୂଳଦୁଆ ହେଉଛି ପରସ୍ପର ପ୍ରତି ଅତୁଟ ବିଶ୍ୱାସ; ଯାହା ଥରେ ଭାଙ୍ଗିଲେ ପୁନର୍ବାର ସୃଷ୍ଟି ହେବା ଖୁବ୍ କଷ୍ଟ। ତେଣୁ ସର୍ବଦା ପରସ୍ପର ପ୍ରତି ବିଶ୍ୱସନୀୟ ହେବାକୁ ଚେଷ୍ଟା କରନ୍ତୁ। ସର୍ବଦା ନିଜ ଭିତରେ ବୁଝାମଣା ଠିକ୍ ରଖନ୍ତୁ, କାରଣ ବୁଝାମଣା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ନିଜେ ମଧ୍ୟ କେବେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ଆପଣଙ୍କ ପ୍ରତି ସ୍ୱାମୀଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। ଯଦି କେବେ ଏଭଳି ପରିସ୍ଥିତି ଉପୁଜେ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କରେ ଫାଟ ସୃଷ୍ଟି କରିବା ପରିବର୍ତ୍ତେ ଥଣ୍ଡା ମନରେ ଏହି କାରଣର ସମାଧାନ କରିବାକୁ ପରସ୍ପରକୁ ସୁଯୋଗ ଦିଅନ୍ତୁ। ମନେରଖନ୍ତୁ ଦାମ୍ପତ୍ୟ ସମ୍ପର୍କ ମଝିରେ କେବେ ତୃତୀୟ ଲୋକଙ୍କୁ ସମାଧାନ ପାଇଁ ନ ଆଣିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

ପରସ୍ପର ପ୍ରତି ସମ୍ମାନ: ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର ହେଉଛି ପରସ୍ପର ପ୍ରତି ସମ୍ମାନ। କାରଣ ଅନ୍ୟକୁ ସମ୍ମାନ ନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ମତାନ୍ତର ଏବଂ ମନାନ୍ତରର କାରଣ ସାଜେ ଓ ଦୁହିଁଙ୍କୁ ଏକ ମନ ହୋଇ ଜୀବନପଥରେ ଚାଲିବା କଷ୍ଟକର ହୋଇପଡ଼େ।

ସନ୍ଦେହର ନାହିଁ ସ୍ଥାନ: ସନ୍ଦେହ ଏମିତି ଏକ ନୀରବ ଦସ୍ୟୁ, ଯାହା କି ଧୀରେ ଧୀରେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ବିଶେଷକରି ଅନେକ ଦାମ୍ପତ୍ୟ ଜୀବନ ବିଚ୍ଛେଦର ଏହା ହିଁ ସବୁଠୁ ବଡ଼ କାରଣ। ଅନେକ କ୍ଷେତ୍ରରେ ଦେଖାଯାଏ, କେହି କେହି ନିଜ ପାର୍ଟନରଙ୍କୁ ସନ୍ଦେହ କରି ଅଯଥାରେ ମତାନ୍ତର, ମନାନ୍ତରଠାରୁ ଆରମ୍ଭ କରି ଅନୁପସ୍ଥିତିରେ ତାଙ୍କ ମୋବାଇଲ୍‌ରେ ମେସେଜ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ବି ପଛାନ୍ତି ନାହିଁ। କେହି କେହି ବାସ୍ତବ ନ ଜାଣି ଅନ୍ୟ କଥାରେ ଭାସିଯାଇ ନିଜ ପାର୍ଟନରଙ୍କୁ ସନ୍ଦେହ କରିବା ସହ ତାଙ୍କ କଥାକୁ ମିଛ ବୋଲି ଭାବି ନିଅନ୍ତି; ଯାହାଦ୍ୱାରା ସମ୍ପର୍କର ଡୋରି ଦୁର୍ବଳ ହୋଇପଡ଼େ। ତେଣୁ ନିଜ ସମ୍ପର୍କକୁ ଏଭଳି ନିବିଡ଼ କରିବାକୁ ଚେଷ୍ଟା କରନ୍ତୁ, ଯେଉଁଠି ସନ୍ଦେହର ପ୍ରଶ୍ନ ହିଁ ଉଠିବା ଅସମ୍ଭବ ହୋଇଯିବ।

ହୁଅନ୍ତୁ ପରସ୍ପର ପ୍ରତି ସଚ୍ଚୋଟ: ନିଜ ଜୀବନସାଥୀଙ୍କ ଆଗରେ କିଛି ଲୁଚାଇବାର ଅର୍ଥ ଅବିଶ୍ୱାସ ଏବଂ ସନ୍ଦେହର ମଞ୍ଜିଗୁଣିବା; ଯାହା କି ସମ୍ପର୍କରେ ଫାଟ ସୃଷ୍ଟି କରିବା ଲାଗି ଯଥେଷ୍ଟ। ତେଣୁ ପରସ୍ପର ପ୍ରତି ସର୍ବଦା ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସଚ୍ଚୋଟ ହୁଅନ୍ତୁ। ଏହା ସମ୍ପର୍କର ଡୋରକୁ ମଜଭୁତ କରିଥାଏ।

ପରିସ୍ଥିତିକୁ ବୁଝନ୍ତୁ: ସମ୍ପର୍କ ଭଲ ରଖିବାକୁ ହେଲେ ଜୀବନସାଥୀ ଉଭୟ ଉଭୟଙ୍କ ପରିସ୍ଥିତି ବୁଝିବା ଆବଶ୍ୟକ। ହେଲେ ଅନେକଙ୍କ କ୍ଷେତ୍ରରେ ପରିସ୍ଥିତି ନ ବୁଝି ଅଯଥା ଜିଦ୍ କରିବା ଭଳି ସାମାନ୍ୟ କାରଣରୁ ଝଗଡ଼ା ସୃଷ୍ଟି ହୋଇଥାଏ ଏବଂ ଦାମ୍ପତ୍ୟ ଜୀବନରେ ତିକ୍ତତା ଭରି ଦେଇଥାଏ। ତେଣୁ ନିଜ ଜୀବନସାଥୀଙ୍କ ମାନସିକ ଏବଂ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରନ୍ତୁ ନାହିଁ।

ସ୍ନେହଭରା କଥା ଯୋଡ଼ିରଖେ ସମ୍ପର୍କ: ପରସ୍ପର ପ୍ରତି ଆଚରଣ ଏବଂ ଉଚ୍ଚାରଣ ଠିକ୍ ରହିଲେ ଦାମ୍ପତ୍ୟ ଜୀବନ ମଧୁର ହୋଇଥାଏ। ହେଲେ କେବେ କେବେ ମନ ଭଲ ନ ଥିଲେ କିମ୍ବା କୌଣସି ଟେନ୍‌ସନ୍ ଥିଲେ ଅନେକେ ରାଗରେ କଟୁ କଥା କହି ବସନ୍ତି, ଯାହା କି ନିଜ ସାଥୀଙ୍କ ମନ ଭିତରେ ରହିଯାଏ ଏବଂ କ୍ରମଶଃ ଉଭୟଙ୍କ ମଧ୍ୟରେ ଦୂରତା ବି ବଢ଼ି ବଢ଼ି ଚାଲେ। ତେଣୁ ରାଗ ସମୟରେ ନୀରବ ରହିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, ସ୍ନେହଭରା ଦୁଇ ପଦ ମିଠା କଥା ବି ସମ୍ପର୍କକୁ ମଧୁର କରିଥାଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହା କି ସମ୍ପର୍କରେ ତିକ୍ତତା ଆଣିବ।

ଅନ୍ୟ ସହ କରନ୍ତୁନି ତୁଳନା: ଥରେ ଦାମ୍ପତ୍ୟ ସମ୍ପର୍କ ଯୋଡ଼ି ହେବା ପରେ ନିଜ ଜୀବନସାଥୀ ଯେଉଁଭଳି ତାଙ୍କୁ ସେହି ଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ। କାରଣ କେତେକ କ୍ଷେତ୍ରରେ ଦେଖାଯାଏ, ଅନେକେ ସବୁବେଳେ ନିଜ ପାର୍ଟନରଙ୍କ ତୁଳନା ଅନ୍ୟ ସହ କରନ୍ତି, ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି; ଯାହା କି ଧୀରେ ଧୀରେ ମନାନ୍ତରର କାରଣ ସାଜିଥାଏ ଏବଂ ସମ୍ପର୍କକୁ ମଜଭୁତ୍ ରଖିବାର ସବୁଠୁ ବଡ଼ ବାଧକ ସାଜିଥାଏ।

ସହନଶୀଳତା ଚାବିକାଠି: ପତିପତ୍ନୀଙ୍କ ମଧ୍ୟରେ କେବେ କେବେ ଛୋଟମୋଟ ଝଗଡ଼ା ହେବା ଏକ ସାଧାରଣ ଘଟଣା। ହେଲେ ଅନେକେ ଏଭଳି ପରିସ୍ଥିତିରେ ଝଗଡ଼ାର ସମାଧାନ କରିବା ବଦଳରେ ପରସ୍ପର ମଧ୍ୟରେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଏହା ଦ୍ୱାରା କେବେ କେବେ କମ୍ୟୁନିକେଶନ ଗ୍ୟାପ୍ ତ କେବେ କେବେ ଦୂରତା ବଢ଼ିଥାଏ। ତେଣୁ ଏପରି ହେବାକୁ ଆଦୌ ନ ଦେଇ ଝଗଡ଼ା ପରିସ୍ଥିତି ଉପୁଜିଲେ ଏହାର ସମାଧାନ ପାଇଁ ସହନଶୀଳତା ହିଁ ସବୁଠୁ ବଡ଼ ଚାବିକାଠି। ତେଣୁ ଝଗଡ଼ା ସମୟରେ ନୀରବ ରହି ପରବର୍ତ୍ତୀ ସମୟରେ ଏହାକୁ ଭୁଲି ପୁନର୍ବାର ପୂର୍ବ ପରି ହସ ଖୁସିରେ ଚଳିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।

– ପୌର୍ଣ୍ଣମାସୀ

ଏମାନେ କ'ଣ କହନ୍ତି

ଦୁଇ ଶରୀର ଏକ ମନ ହୋଇ ରହିଛୁ

– ଡା. ସରୋଜିନୀ ଷଡ଼ଙ୍ଗୀ(ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ)– ଦାମ୍ପତ୍ୟ ସମ୍ପର୍କ ପ୍ରଭୁଙ୍କର ଏଭଳି ଏକ ସୃଷ୍ଟି ଯାହାର ଗଭୀରତା ମାପିବାକୁ କୌଣସି ଚାବିକାଠି ନାହିଁ। ଏହି ସମ୍ପର୍କକୁ ଅତୁଟ କରିବାକୁ ଆବଶ୍ୟକ ନିଷ୍ଠା, କର୍ତ୍ତବ୍ୟପରାୟଣତା, ସହନଶୀଳତା ଆଉ ପରସ୍ପର ପ୍ରତି ବିଶ୍ୱାସ ଆଉ ଗଭୀର ଆନ୍ତରିକତା। ଡା. ରମାରମଣ ଷଡ଼ଙ୍ଗୀଙ୍କ ସହ ମୋର ବିବାହକୁ ଇତି ମଧ୍ୟରେ ୪୯ ବର୍ଷ ବିତିଗଲାଣି, ହେଲେ ଆରମ୍ଭରୁ ଏଯାଏ ଆମେ ଦୁଇ ଶରୀର ଏକ ମନ ହୋଇ ଏହି ସମ୍ପର୍କକୁ ଆଗେଇ ନେଉଛୁ। ପ୍ରତିଟି କ୍ଷେତ୍ରରେ ଆମେ ପରସ୍ପରକୁ ସହଯୋଗ କରୁ। କୌଣସି ପରିସ୍ଥିତିରେ ଆମେ ଅବିଶ୍ୱାସ, ମତାନ୍ତର କିମ୍ବା ମନାନ୍ତର ଭଳି ପରିସ୍ଥିତି ଉପୁଜିବାକୁ ସୁଯୋଗ ନ ଦେଇ ସହନଶୀଳତା ଆଉ ଆପୋସ ବୁଝାମଣାରେ ସମାଧାନ କରିନେଉ। ବୋଧହୁଏ ପରସ୍ପର ପ୍ରତି ଏହି ସମ୍ମାନ ଆଉ ନିଷ୍ଠାପର ଭଲପାଇବା ଆମ ସମ୍ପର୍କର ଡୋରିକୁ ମଜଭୁତ କରି ରଖିଛି।

ଉତ୍ତମ ବୁଝାମଣା ବାନ୍ଧିରଖେ ସମ୍ପର୍କ

ଲକ୍ଷ୍ମୀ ଚାନ୍ଦ(ଭୁବନେଶ୍ୱର)– ସୁଖୀ ଦାମ୍ପତ୍ୟ ପାଇଁ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ସହ ପରସ୍ପର ପ୍ରତି ଗଭୀର ବିଶ୍ୱାସ ରହିବା ଆବଶ୍ୟକ। ଏହା ବ୍ୟତୀତ ତୃତୀୟ ବ୍ୟକ୍ତିର କଥାରେ ପ୍ରଭାବିତ ନ ହୋଇ ପରସ୍ପର ମଧ୍ୟରେ ଆଲୋଚନା କରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ପ୍ରତ୍ୟେକ ଘଟଣା ସମାଧାନ ହୋଇ ଯାଇଥାଏ। ଦୁହେଁ ଦୁହିଁଙ୍କ ପ୍ରତି ନିଷ୍ଠା, ସମ୍ମାନବୋଧ, ଅଙ୍ଗୀକାରବଦ୍ଧ, ଭଲପାଇବା, ଯତ୍ନଶୀଳତା ସମାନଭାବେ ରହିଲେ ସେମାନଙ୍କ ସମ୍ପର୍କ ଅତୁଟ ରହିବ। ସମସ୍ତ ସମ୍ପର୍କ ବିଶ୍ୱାସ ଉପରେ ପର୍ଯ୍ୟବସିତ। ସନ୍ଦେହ ହିଁ ସମ୍ପର୍କକୁ ଭାଙ୍ଗି ଦେଇଥାଏ। ତେଣୁ ଉଭୟଙ୍କ ଭିତରୁ ସନ୍ଦେହକୁ ଦୂରେଇ ଗଭୀର ବିଶ୍ୱାସରେ ନିଜ ସମ୍ପର୍କକୁ ପ୍ରତିଷ୍ଠା କରିବା ଆବଶ୍ୟକ। ଏହି ସବୁ କଥାକୁ ନିଜ ଦାମ୍ପତ୍ୟ ଜୀବନର ଆଧାର ଭାବେ ବାଛି ନେଇ ଦାମ୍ପତ୍ୟର ଏକ ସୁଖମୟ ଜୀବନ ଯାତ୍ରାରେ ଆଗେଇ ଚାଲିଛୁ।

ବିବାହ ପରେ ବାପଘର ଏରୁଣ୍ଡି ଡେଇଁ ଯେବେ ସ୍ୱାମୀଙ୍କ ହାତଧରି ନାରୀଟିଏ ଶାଶୁଘରେ ପାଦ ଦିଏ, ସେଇଠୁ ଆରମ୍ଭ ହୁଏ ଦାମ୍ପତ୍ୟ ଜୀବନ। ଏହି ସମ୍ପର୍କ ଈଶ୍ୱରଙ୍କ ଏକ ଅନୁପମ ସୃଷ୍ଟି; ଯେଉଁଥିରେ ଭରି ରହିଥାଏ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆଉ କର୍ତ୍ତବ୍ୟବୋଧ। ଆଉ ଯେଉଁ ଦମ୍ପତି ଏସବୁକୁ ମନ୍ତ୍ର ଭାବି ଦୁଇ ଶରୀର ଏକମନ ହୋଇ ଜୀବନ ଯାତ୍ରାରେ ଆଗେଇ ଚାଲନ୍ତି, ସେମାନେ ପାଲଟିଯାଆନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ ଦମ୍ପତି...

ଶୀତରେ ଫାଟିବନି ଓଠ

ଓଠର ତ୍ୱଚା କୋମଳ ହୋଇଥିବାରୁ ଶୀତଦିନ ଆସିଲେ ଶୁଖିଯିବା ସହ ଫାଟିଥାଏ। ଯେଉଁଥିପାଇଁ ଆମେ ବିଭିନ୍ନ ପ୍ରକାର ଲିପ୍‌ବାମ୍ ଲଗାଇଥାଉ। ତଥାପି ବେଳେବେଳେ ଏଥିରୁ ଉପଶମ ମିଳି ନ ଥାଏ। ହେଲେ ଆପଣ ଚାହିଁଲେ କେତେକ ଘରୋଇ ଉପଚାର ଦ୍ୱାରା ଓଠକୁ ଶୀତରେ ଫାଟିବାରୁ ରକ୍ଷା କରିପାରିବେ...

➤ କମଳା, ଚେ।ପା।କୁ ଶୁଖାଇ ଏହାକୁ ଗୁଣ୍ଡ କରନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ୧୦-୧୨ ବୁନ୍ଦା ବାଦାମ ତେଲ ଏବଂ ଅଳ୍ପ ଚିନି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ନିଜ ଓଠରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୩-୪ ଥର ଏପରି କଲେ ଆପଣଙ୍କ ଓଠ ନରମ ହେବା ସହ ଫାଟିବ ନାହିଁ।

➤ଏକ ଚାମଚ ହଳଦୀରେ କିଛି କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍‌କୁ ପ୍ରତିଦିନ ନିଜ ଓଠରେ ଲଗାନ୍ତୁ। କିଛିଦିନରେ ଆପଣଙ୍କ ଓଠ ଫାଟିବା କମ୍ ହେବା ସହ କୋମଳ ଅନୁଭବ କରିବେ।

➤ ନଡ଼ିଆ ତେଲରେ ଏକ ଚାମଚ ମହୁ ମିଶାନ୍ତୁ। ପରେ ସେଥିରେ ଅଳ୍ପ ଚିନି ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ। ଓଠରେ ୧୦ମିନିଟ ପର୍ଯ୍ୟନ୍ତ ଲଗାଇ ରଖି ଧୋଇ ଦିଅନ୍ତୁ। ଆପଣଙ୍କର ଓଠ ସୁନ୍ଦର ଦେଖାଯିବ। ଆପଣ ଚାହିଁଲେ କେବଳ ନଡ଼ିଆତେଲ ମଧ୍ୟ ଓଠରେ ଲଗାଇ ପାରିବେ।

➤ଶୀତଦିନେ ଓଠ ଫାଟିବା ସମସ୍ୟା ପାଇଁ ଶରୀରର ଜଳୀୟାଂଶ କମିବା ଏକ ପ୍ରମୁଖ କାରଣ। ତେଣୁ ଏପରି ନ ହେବା ଲାଗି ନିୟମିତ ଅତି କମ୍‌ରେ ୮ଗ୍ଲାସ ପାଣି ପିଅନ୍ତୁ। ମନେରଖନ୍ତୁ ଓଠ ନରମ ଡ୍ରାଏ ଲାଗୁଛି ଭାବି ଜିଭରେ ବାରମ୍ବାର ଚାଟନ୍ତୁ ନାହିଁ। ଏହାଦ୍ୱାରା ଓଠ ଅଧିକ ଫାଟିଥାଏ।

➤କୌଣସି କେମିକାଲ୍‌ଯୁକ୍ତ ଲିପ୍ କେୟାର ପ୍ରଡକ୍ଟ ବା ଲିପବାମ୍ ବ୍ୟବହାର କରନ୍ତୁ ନାହିଁ। ଧୂମ୍ରପାନ କରିବାରୁ ଦୂରେଇ ରୁହନ୍ତୁ।

➤ରାତିରେ ଶୋଇବା ପୂର୍ବରୁ ଓଠରେ ଭେସ୍‌ଲିନ୍ କିମ୍ବା ଲିପବାମ ଲଗେଇବାକୁ ଭୁଲନ୍ତୁ ନାହିଁ।

➤ଶୋଇବା ପୂର୍ବରୁ ଓଠରେ ମହୁ ଲଗାଇ ଅଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ଘଷନ୍ତୁ। ଏହା ମଶ୍ଚରାଇଜର ଭଳି କାମ କରିଥାଏ। ଏହା ଓଠକୁ କୋମଳ କରିବା ସହ ଶୁଷ୍କ ଓ କଳା ପଡ଼ିବାରୁ ରକ୍ଷା କରିଥାଏ।

➤୩ ଚାମଚ କ୍ଷୀରରେ ଲେମ୍ବୁରସ ୩ ଟୋପା ପକାନ୍ତୁ। ଏହି ମିଶ୍ରଣକୁ ଏକ ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖନ୍ତୁ। ପରେ ଏହାକୁ ଓଠ ଏବଂ ଓଠ ଚାରିପାଖରେ ଭଲଭାବରେ ଲଗାନ୍ତୁ। ଆପଣ ଏହାକୁ ସପ୍ତାହକୁ ୩ ଦିନ କିମ୍ବା ପ୍ରତିଦିନ ବ୍ୟବହାର କରିପାରିବେ। କିଛିଦିନ ମଧ୍ୟରେ ଆପଣ ଏହାର ଫାଇଦା ଜାଣିପାରିବେ।



ଖାଦ୍ୟରୁଚି

ଭାପା ଆଳୁ

ଆବଶ୍ୟକ ସାମଗ୍ରୀ: ଆଳୁ- ୨୦୦ଗ୍ରାମ୍, ସୋରିଷ ତେଲ-୨ ଚାମଚ, ଶୁଖିଲା ଲଙ୍କା-୨ଟା, ସୋରିଷ ବଟା-ଅଧା ଚାମଚ, ବସାଦହି-୧ ଚାମଚ, ନଡ଼ିଆ ପେଷ୍ଟ-୩/୪ ଚାମଚ, କଦଳୀ ପତ୍ର-୨ଟା, ଜିରା, ଗୁଜୁରାତି, କଳା ସୋରିଷ, ମେଥି ଓ କଲଞ୍ଜିର ମିଶ୍ରଣ-ଅଧା ଚାମଚ, କଞ୍ଚା ଲଙ୍କା ପେଷ୍ଟ, ହଳଦୀ ଗୁଣ୍ଡ, ଲୁଣ ଓ ଲେମ୍ବୁପାଣି- ଆବଶ୍ୟକ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆଳୁ ସିଝାଇ ଦିଅନ୍ତୁ। ଚୋପା ଛଡ଼ାଇ ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏବେ ଚୁଲାରେ ଏକ ନନ୍-ଷ୍ଟିକ୍ କଡ଼ାଇ ନେଇ ସେଥିରେ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଜିରା, ଗୁଜୁରାତି, କଳା ସୋରିଷ, ମେଥି ଓ କଲଞ୍ଜିର ମିଶ୍ରଣ ଏବଂ ଶୁଖିଲା ଲଙ୍କା ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ। ଏହାକୁ ଏକ ପାତ୍ରରେ ବାହାର କରି ପୂର୍ବରୁ ଥିବା ସିଝା ଆଳୁ ସହ ମିଶାଇ ଦିଅନ୍ତୁ। ସେହିପରି ଆଉ ଏକ ପାତ୍ରରେ କିଛି ସୋରିଷ ବଟା, ବସାଦହି, ନଡ଼ିଆ ପେଷ୍ଟ, କଞ୍ଚା ଲଙ୍କା ପେଷ୍ଟ ଓ କିଛି ହଳଦୀ ଗୁଣ୍ଡ ପକାଇ ଭଲ ଭାବେ ଘାଣ୍ଟି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେଥିରେ ପୂର୍ବ ପ୍ରସ୍ତୁତ ଆଳୁକୁ ପକାନ୍ତୁ। ଆବଶ୍ୟକ ପରିମାଣର ଲୁଣ ଏବଂ ଲେମ୍ବୁ ରସ ପକାଇ ମିଶାଇ ଦିଅନ୍ତୁ। ଏବେ ଏକ ପାତ୍ରରେ କଦଳୀ ପତ୍ର ରଖି ବାହାର କରି ରଖନ୍ତୁ। ଶେଷରେ ୫-୭ ମିନିଟ୍ ପାଇଁ ଏହାକୁ ଗରମ କରି ନିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଭାପା ଆଳୁ। ଆପଣ ଏହାକୁ ନିଜେ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ଖୁଆନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ Sambalpur, Tuesday, December 7/ 2021

ଭାରତରେ ଟେଷ୍ଟ ସିରିଜ ଜିତିପାରିନାହିଁ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ବିପକ୍ଷରେ ୧-୦ରେ ଟେଷ୍ଟ ସିରିଜ ଜିତିବାପରେ ଭାରତୀୟ ଦଳର ଖେଳାଳିମାନେ ଟ୍ରଫି ସହ।

ମୁମ୍ବାଇରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ୩୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହିତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୧-୦ରେ ଜିତିଛି। ରେକର୍ଡ ଅନୁସାରେ ଭାରତ ମାଟିରେ କେବେହେଲେ ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ଜିତି ପାରିନାହିଁ। ଏଥରକୁ ମିଶାଇ ୧୨ ଥର ନ୍ୟୁଜିଲାଣ୍ଡ ଦଳ ଭାରତ ମାଟିରେ ଟେଷ୍ଟ ଖେଳିଥିଲେ ହେଁ କେବେ ସିରିଜ ଜିତିବାର ସୌଭାଗ୍ୟ ପାଇନାହିଁ।

୧୯୫୫-୫୬ରୁ ଆରମ୍ଭ

୧୯୫୫-୫୬ ମସିହାରେ ନ୍ୟୁଜିଲାଣ୍ଡ ଟେଷ୍ଟ କ୍ରିକେଟ ଦଳ ପ୍ରଥମେ ଭାରତ ଗସ୍ତରେ ଆସିଥିଲା। ଏହି ସିରିଜରେ ଅନୁଷ୍ଠିତ ୫ ମ୍ୟାଚରେ ଭାରତ ୨-୦ରେ ସିରିଜ ଜିତିଥିଲା। ସେହିପରି ୧୯୬୪-୬୫ରେ ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ବିଜୟ ଲାଭ କରିଥିଲା। ୧୯୬୯-୭୦ରେ ଆସିଥିବା ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ଏହାପରେ ୧୯୭୬-୭୭ରେ ନ୍ୟୁଜିଲାଣ୍ଡ ଭାରତ ଆସି ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ଏଥିରେ ଭାରତ ୨-୦ରେ ବିଜୟଲାଭ କରିଥିଲା। ୧୯୮୮-୮୯ରେ ଭାରତ ଗସ୍ତରେ ଆସି ଏହି ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲେ ହେଁ ଭାରତ ୨-୧ରେ ବିଜୟୀ ହୋଇଥିଲା। ୧୯୯୫-୯୬ରେ ନ୍ୟୁଜିଲାଣ୍ଡ ଏଠାରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳି ୦-୧ରେ ଏବଂ ୧୯୯୯-୨୦୦୦ ସିଜନରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୦-୧ରେ ହାରି ଥିବାବେଳେ ୨୦୦୩-୦୪ ସିଜନରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୦-୦ରେ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ୨୦୧୦-୧୧ରେ ଆସିଥିବା ନ୍ୟୁଜିଲାଣ୍ଡ ଦଳକୁ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦, ୨୦୧୨ରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦, ୨୦୧୬-୧୭ରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୩-୦ରେ ଜିତି କ୍ଲିନ୍ ସ୍ୱୀପ୍ କରିଥିବାବେଳେ ୨୦୨୧ରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୦ରେ ଜିତିଛି। ତଥ୍ୟ ଅନୁସାରେ ନ୍ୟୁଜିଲାଣ୍ଡ ଶେଷଥରପାଇଁ ଭାରତ ମାଟିରେ ୧୯୮୮ରେ ଟେଷ୍ଟ ମ୍ୟାଚ ଜିତିବାକୁ ସକ୍ଷମ ହୋଇଥିଲା। ଏହାପରେ ଭାରତରେ ୭ଟି ସିରିଜ ଖେଳିସାରିଥିଲେ ହେଁ କୌଣସି ଗୋଟିଏ ହେଲେ ଟେଷ୍ଟରେ ବିଜୟୀ ହୋଇ ପାରିନାହିଁ।

ମୁମ୍ବାଇ ଟେଷ୍ଟ: ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୨୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୬୨। ଭାରତ ଦ୍ୱିତୀୟ ଇନିଂସ: ୨୭୬/୭ (ଘୋଷଣା)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୬୭/ଅଲଆଉଟ(ଡାରିଲ ମିଚେଲ-୬୦, ହେନରି ନିକୋଲ୍ସ-୪୪, ରବିଚନ୍ଦ୍ରନ ଅଶ୍ୱିନ-୪/୩୪, ଜୟନ୍ତ ଯାଦବ-୪/୪୯, ଅକ୍ଷର ପଟେଲ-୧/୪୨)।

ଘରୋଇ ମାଟିରେ ଦ୍ରୁତ ୩୦୦ ଟେଷ୍ଟ ଉଇକେଟ

୪୮: ମୁଥୟା ମୁରଲୀଧରନ (ଶ୍ରୀଲଙ୍କା)
୪୯: ରବିଚନ୍ଦ୍ରନ ଅଶ୍ୱିନ (ଭାରତ)
୫୨: ଅନିଲ କୁମ୍ବଲେ (ଭାରତ)
୬୫: ଶେନ ୱର୍ଣ୍ଣ (ଅଷ୍ଟ୍ରେଲିଆ)
୭୧: ଜିମି ଆଣ୍ଡରସନ (ଇଂଲଣ୍ଡ)
୭୬: ଷ୍ଟୁଆର୍ଟ ବ୍ରଡ୍ (ଇଂଲଣ୍ଡ)

ଭାରତରେ ସର୍ବାଧିକ ଟେଷ୍ଟ ଉଇକେଟ

୩୫୦: ଅନିଲ କୁମ୍ବଲେ
୩୦୦: ରବିଚନ୍ଦ୍ରନ ଅଶ୍ୱିନ
୨୬୫: ହରଭଜନ ସିଂ
୨୧୯: କପିଳ ଦେବ

ଶୀର୍ଷ ସ୍ଥାନକୁ ଫେରିଲା ଭାରତ

ଦୁବାଇ, ୬।୧୨ (ପିଟିଆଇ): ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜିତିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ସିରିଜ ଜିତିବା ପରେ ଭାରତ ସୋମବାର ପ୍ରକାଶିତ ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍ସିଲ) ଟେଷ୍ଟ ର୍ୟାଙ୍କିଙ୍ଗରେ

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ

ପ୍ରଥମ ସ୍ଥାନକୁ ଫେରିଯାଇଛି। କାନପୁରଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ଡ୍ର ଭାବେ ଶେଷ ହୋଇଛି। ମୁମ୍ବାଇ ଟେଷ୍ଟ ମ୍ୟାଚ ୪ ଦିନରେ ଶେଷ ହୋଇଛି। ଭାରତ ଏଥିରେ ୩୭୨ରନରେ ବିଜୟ ଲାଭ କରିଛି। ଗତ ଜୁନ୍‌ରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ହାରିଯାଇଥିଲା। ବିରାଟ କୋହଲି ଦଳର ରେଟିଂ ପଏଣ୍ଟ ବର୍ତ୍ତମାନ ୧୨୪ ରହିଛି। ର୍ୟାଙ୍କିଙ୍ଗ ତାଲିକାରେ ଏହା ପଛକୁ ପଛ ଯଥାକ୍ରମେ ନ୍ୟୁଜିଲାଣ୍ଡ (୧୨୧), ଅଷ୍ଟ୍ରେଲିଆ (୧୦୮), ଇଂଲଣ୍ଡ (୧୦୭), ପାକିସ୍ତାନ (୯୨), ଦକ୍ଷିଣ ଆଫ୍ରିକା (୮୮), ଶ୍ରୀଲଙ୍କା (୮୩), ୱେଷ୍ଟଇଣ୍ଡିଜ (୭୫), ବାଂଲାଦେଶ (୪୯) ଓ ଜିମ୍ବାୱେ (୩୧) ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲରେ ଭାରତ ୪୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଏହାର ବିଜୟ ହାର ୫୮.୩୩ ପ୍ରତିଶତ ରହିଛି। ଶ୍ରୀଲଙ୍କା ଦୁଇଟି ମ୍ୟାଚରେ ସମାନ ସଂଖ୍ୟକ ବିଜୟ ସହ ଷ୍ଟାଣ୍ଡିଂରେ ପ୍ରଥମ ଏବଂ ପାକିସ୍ତାନ ୬୬.୬୬ ପ୍ରତିଶତ ବିଜୟ ହାର ସହ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ଅଛି।

ଭାରତର ବୃହତ୍ ବିଜୟ (ରନ୍ ଦୃଷ୍ଟିରୁ)

୩୭୨: ବନାମ ନ୍ୟୁଜିଲାଣ୍ଡ, ମୁମ୍ବାଇ, ୨୦୨୧
୩୩୭: ବନାମ ଦକ୍ଷିଣ ଆଫ୍ରିକା, ଦିଲ୍ଲୀ, ୨୦୧୫
୩୨୧: ବନାମ ନ୍ୟୁଜିଲାଣ୍ଡ, ଇନ୍ଦୋର, ୨୦୧୬
୩୨୦: ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୦୮
୩୧୮: ବନାମ ୱେଷ୍ଟଇଣ୍ଡିଜ, ନର୍ଥ ସାଉଣ୍ଡ, ୨୦୧୯
୩୧୭: ବନାମ ଇଂଲଣ୍ଡ, ଚେନ୍ନାଇ, ୨୦୨୧
୩୦୪: ବନାମ ଶ୍ରୀଲଙ୍କା, ଗାଲେ, ୨୦୧୭
୨୮୦: ବନାମ ଦକ୍ଷିଣ ଆଫ୍ରିକା, କାନ୍‌ପୁର, ୧୯୯୬
୨୭୯: ବନାମ ଇଂଲଣ୍ଡ, ଲୀଡ୍ସ, ୧୯୮୬
୨୭୮: ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୧୫

ରୁଷିଆକୁ ୧୫ ବର୍ଷ ପରେ ଡେଭିସ କପ୍ ଟାଇଟଲ

ମାଡ୍ରିଡ, ୬।୧୨ (ଏପି): ଡାନିଲ ମେଡ୍‌ଭେଡେଭ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ରୁଷିଆ ୧୫ ବର୍ଷ ପରେ ଡେଭିସ୍ କପ୍ ଟାଇଟଲ ଜିତିପାରିଛି। ଫାଇନାଲ ମୁକାବିଲାର ଦ୍ୱିତୀୟ ସିଙ୍ଗଲ୍ସରେ ମାର୍ସିନ ସିଲିକ୍‌ଙ୍କ ବିପକ୍ଷରେ ତାଙ୍କର ୭-୬ (୭), ୬-୨ରେ ବିଜୟ ଦ୍ୱାରା କ୍ରୋଏସିଆ ବିପକ୍ଷରେ ରୁଷିଆ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଖେଳାଯିବାକୁ ଥିବା ଡବଲ୍ସ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଥିଲା। ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ମେଡଭେଡେଭଙ୍କର ଡେଭିସ୍ କପ୍‌ରେ ଏହାଥିଲା କ୍ରମାଗତ ୫ମ ସିଧାସଳଖ ସେଟ୍ ବିଜୟ। ୩ ମାସ ପୂର୍ବେ ସେ ୟୁଏସ୍ ଓପନ୍‌ରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିଲେ। ମାଡ୍ରିଡ୍ ଆରେନାଠାରେ ପୂର୍ବରୁ ବୋର୍ନା ଗୋଜୋଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଆନ୍ଦ୍ରେ ରୁବ୍ଲେଭ ରୁଷିଆକୁ ୧-୦ରେ ଅଗ୍ରଣୀ କରାଇଥିଲେ। ରୁଷିଆ ଏହାର ଅନ୍ୟ ଡେଭିସ୍ କପ୍ ଟାଇଟଲ ୨୦୦୨ରେ ଜିତିଥିଲା। ୨୦୦୫ ଓ ୨୦୧୮ରେ ସଫଳତା ପରେ କ୍ରୋଏସିଆ ମଧ୍ୟ ଏହାର ତୃତୀୟ ଟାଇଟଲ ଲକ୍ଷ୍ୟରେ ରହିଥିଲା। ଡବଲ୍ସରେ କ୍ରୋଏସିଆର ଶୀର୍ଷ ର୍ୟାଙ୍କିଙ୍ଗ ଯୋଡ଼ି ରହିଥିଲେ। ମାତ୍ର ସେମାନେ ଖେଳି ନ ଥିଲେ।

ଏଜାଜ୍‌ଙ୍କୁ ସମ୍ବର୍ଦ୍ଧିତ କଲା ଏମ୍‌ସିଏ

ସମ୍ବର୍ଦ୍ଧିତ ହେବା ଅବସରରେ ଏଜାଜ ପାଟିଲ(ଡାହାଣ)।

ମୁମ୍ବାଇ, ୬।୧୨ (ପିଟିଆଇ): ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ମୁଖ୍ୟ ବିଜୟ ପାଟିଲ ସୋମବାର ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲଙ୍କୁ ସମ୍ମାନିତ କରିଛନ୍ତି। ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ଅକ୍ତିଆର କରିବାରେ ଏଜାଜ ତୃତୀୟ ବୋଲର ହେବାର ଗୌରଭ ଅର୍ଜନ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଭାରତର ପ୍ରଥମ ଇନିଂସରେ ସମସ୍ତ ୧୦ ଉଇକେଟ ଅକ୍ତିଆର କରି ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଏଜାଜ ବିରଳ ୧୦ ଉଇକେଟ କ୍ଲବରେ ଜିମ୍ ଲେକର ଓ ଆନିଲ କୁମ୍ବଲେଙ୍କ ସହ ଯୋଗ ଦେଇଛନ୍ତି। ଭାରତ ଏହି ମ୍ୟାଚରେ ୩୭୨ରନରେ ବିଜୟ ହାସଲ କରିଛି। ଏମ୍‌ସିଏ ସଭାପତି ବିଜୟ ପାଟିଲ ଏକ ସ୍କୋର ଶିଟ୍ ଓ ଏକ ସ୍ମାରକୀ ପ୍ରଦାନ କରି ଏଜାଜ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ନ୍ୟୁଜିଲାଣ୍ଡ ସ୍ପିନର ଆଗକୁ ହେବାକୁଥିବା ଏମ୍‌ସିଏ ସଂଗ୍ରହାଳୟ ପାଇଁ କିଛି କରିଛନ୍ତି। ଏଜାଜ ପଟେଲ ସଂଗ୍ରହାଳୟକୁ ଏକ ବଲ୍ ଓ ଟି ଶର୍ଟ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏଜାଜଙ୍କ ପିଲାଦିନ ମୁମ୍ବାଇରେ କଟିଛି। ତାଙ୍କ ସମ୍ପର୍କୀୟ ଭାଇ ସହର ଉପକଣ୍ଠରେ ବାସ କରୁଛନ୍ତି।

ହାମିଲଟନ୍ ଜିତିଲେ ସାଉଦି ଆରବିଆନ ଗ୍ରାଁପ୍ରି

ଜେଦାହ, ୬।୧୨ (ଏପି): ରବିବାର ଅନୁଷ୍ଠିତ ସାଉଦି ଆରବିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସିଂରେ ମର୍ସିଡିଜର ଲୁଇସ୍ ହାମିଲଟନ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ଫଳରେ ସେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ତାଙ୍କ ପଏଣ୍ଟ ସଂଖ୍ୟା ପ୍ରତିଦ୍ୱନ୍ଦ୍ୱୀ ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ସହ ସମାନ ହୋଇଛି। ହେଲେ ଚଳିତ ସିଜନରେ ୯ଟି ରେସ୍ ଜିତିସାରିଥିବା ବେଳେ ହାମିଲଟନ ୮ଟିରେ ବିଜୟୀ ହୋଇଛନ୍ତି। ଏହି

ଲୁଇସ ହାମିଲଟନ

ଦୃଷ୍ଟିରୁ ଭର୍ଷ୍ଟାପେନ୍ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଏବେ ସୁଦ୍ଧା ପ୍ରଥମ ସ୍ଥାନରେ ରହିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ହାମିଲଟନଙ୍କ ପଛକୁ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟପ୍ ଟେନ୍‌ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଭାଲଟେରି ବୋଟାସ (ମର୍ସିଡିଜ୍), ଏଷ୍ଟିବାନ ଓକନ (ଆଲପାଇନ୍), ଡାନିଏଲ୍ ରିକାର୍ଡୋ (ମ୍ୟାକଲରେନ୍), ପିଏରେ ଗ୍ୟାସ୍‌ଲି (ଆଲ୍‌ଫା ତାଉରି), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଆଣ୍ଟୋନିଓ ଜିଓଭିନାଜି(ଆଲ୍‌ଫା ରୋମିଓ) ଓ ଲାଣ୍ଡୋ ନୋରିସ୍(ମ୍ୟାକଲରେନ୍)।

ଡେଭିସ୍ କପ୍ ଟାଇଟଲ ବିଜୟୀ ରୁଷିଆ ଦଳର ଖେଳାଳିମାନେ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

ଦକ୍ଷିଣ ଆଫ୍ରିକା ଟୁର୍‌ର ସଂଶୋଧିତ କାର୍ଯ୍ୟସୂଚୀ

ଜୋହାନ୍ସବର୍ଗ, ୬।୧୨ (ପିଟିଆଇ): ଭାରତୀୟ କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଟୁର୍‌ର ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୨୬ରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ମ୍ୟାଚ ସେଞ୍ଚୁରିଅନଠାରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ଆସନ୍ତା ଜାନୁୟାରୀ ୩ରୁ ୭ ନ୍ୟୁଲାଣ୍ଡ୍ସରେ ଖେଳାଯିବାକୁଥିବା ବେଳେ ତୃତୀୟ ଟେଷ୍ଟ କେପ୍‌ଟାଉନ୍‌ଠାରେ ଜାନୁୟାରୀ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ୩ ଅନ୍ତର୍ଜାତୀୟ ଦିନିକିଆ ବୋଲାଣ୍ଡ ପାର୍କ (ଜାନୁୟାରୀ ୧୯), ପାର୍ଲ (ଜାନୁୟାରୀ ୨୧) ଓ କେପ୍‌ଟାଉନ୍ (ଜାନୁୟାରୀ ୨୩)ଠାରେ ଖେଳାଯିବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ସଂକ୍ଷେପରେ

ପରିକ୍ରମା ଆରମ୍ଭ କଲା ମାଣ୍ଡିଆ ରଥ

ଖପ୍ରାଖୋଲ, ୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଆତ୍ମା ବଲାଙ୍ଗୀର, ୱାଇସିଡିଏ ଓ ୱାସନର ମିଳିତ ଆନୁକୂଲ୍ୟରେ ମାଣ୍ଡିଆ ଚାଷ ଓ ବିକ୍ରୟ ନିମନ୍ତେ ମାଣ୍ଡିଆ ରଥର ଶୁଭାରମ୍ଭ ହୋଇଛି । ମୁଖ୍ୟଅତିଥିଭାବେ ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ ଯୋଗଦେଇ ମାଣ୍ଡିଆ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ସୁଜାତା ଦୋରା, ଜିପିଇଓ ସୁଶାନ୍ତ ପାଣି, ଜିଲା ପ୍ରକଳ୍ପ ସଂଯୋଜକ ଯଶୋବନ୍ତ ନାଏକ, ଖପ୍ରାଖୋଲ କୃଷକ ପ୍ରତ୍ୟୁସର କମ୍ପାନୀର ସିଇଓ ଗଣେଶ ବନଛୋର, ହେମବତୀ ନନ୍ଦନ ବେହେରା, ଉମେଶ ଗୁପ୍ତା, ସଦାନନ୍ଦ ବାଗ, ଫକିର ସାହୁ, ବାସନ୍ତୀ ମୁଣ୍ଡା ଉପସ୍ଥିତ ଥିଲେ। ସୋମବାର ମାଣ୍ଡିଆ ରଥ ତେଲେନପାଲି ପଞ୍ଚାୟତ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା।

କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେଓଗାଁ, ୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ଖେଳପଡିଆରେ ସୋମବାର ଥାଲବନ୍ଧେନ କ୍ରିକେଟ କମିଟି ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ଆଟଗାଁ ଓ ନୂଆଁପାଲି ମଧ୍ୟରେ ହୋଇଥିଲା । ଏଥିରେ ଆଟଗାଁ ଦଳ ବିଜୟୀ ହୋଇଥିଲା । ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଆମ ଆଦମୀ ପାର୍ଟିର ରାଜ୍ୟ ପ୍ରବକ୍ତା ଆଶିଷ କୁମାର ପାଣ୍ଡେ, ସମ୍ମାନୀତ ଅତିଥଇଭାବେ ଆପର ଜିଲା ସମ୍ପାଦକ ଶଙ୍କର୍ଷଣ ମହାପାତ୍ର, ନିରଞ୍ଜନ ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

ମାଓବାଦୀ ଶହୀଦ ସପ୍ତାହକୁ ନେଇ ଯାଞ୍ଚ କଡ଼ାକଡ଼ି

ଖପ୍ରାଖୋଲ, ୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ପୋଲିସ ତରଫରୁ ମାଓବାଦୀଙ୍କ ସହୀଦ ସପ୍ତାହ ପାଳନକୁ ନେଇ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୋମବାର ଖପ୍ରାଖୋଲ ସିଆରପିଏଫ ୧୮୯/ବାଟାଲିଅନ ତରଫରୁ ଗାଡି ମୋଟର ଯାଞ୍ଚ କରାଯାଇଥିଲା। ସନ୍ଧାନୀ କୁକୁର ସହାୟତାରେ ରାସ୍ତାରେ ଯାଉଥିବା ଗାଡି ଯାଞ୍ଚ କରାଯାଇଥିଲା। ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ପିଲିଂ ସନଙ୍କ ନେତୃତ୍ୱରେ ତନଖି ଚାଲିଛି । ଗତ ୨୭ତାରିଖ ରାତିରେ ଜୁନାନିବହଲ ଗାଁରେ ପୋଲିସ-ମାଓବାଦୀ ମୁଁହାମୁହିଁ ହୋଇଥିଲେ। ପୋଲିସ ଗୁଳିରେ ଜଣେ କ୍ୟାଡ଼ର ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା ।

ମମତା ମଞ୍ଜରୀ ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦିକା

ନୂଆପଡା ଅଫିସ, ୬।୧୨: ନୂଆପଡା ଜିଲା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଭାବେ ମମତା ମଞ୍ଜରୀ ଥପା

ନିଯୁକ୍ତ ହୋଇଛନ୍ତି । ନିଯୁକ୍ତି ପରେ ମମତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ମହିଳା ଶାଖା ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶକ୍ତି ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଜିଲାରେ ବିଜେଡିକୁ କିପରି ଆହୁରି ସୁଦୃଢ କରିହେବ ସେଥିପାଇଁ ଉଦ୍ୟମ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ଏମ୍‌ପି ଲ୍ୟାଡରୁ ୩୯ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ

ମୁରିବାହାଲ, ୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଭାଗୃହଠାରେ ସୋମବାର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ମଞ୍ଜୁର ୩୯ଲକ୍ଷ ଟଙ୍କାର ଅନୁଦାନ ରାଶିର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ କମାର, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଠିକ୍ ସମୟରେ ଅନୁଦାନ ରାଶିର ବିନିଯୋଗ କରିବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଉନ୍ନୟନ କିରାଣି ରମେଶ ଚନ୍ଦ୍ର ଛୁରା, ପଦ୍ମନାଭ ସାହୁ, ନାରାୟଣ ସାହୁ, ମହାଦେବ ଟାହଣୀ, ଇଶ୍ୱର ପୁଟେଲ, ଧ୍ରୁବଲେଶ୍ୱର କୁହା ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଯୁକ୍ତ ଗିରଫ ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଅଫିସ, ୬।୧୨

ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କନ୍ଧେନଝୁଲା ଗାଁରେ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘରଲୋକେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଉକ୍ତ ମାମଲାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ହେଲେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ପ୍ରତିବାଦରେ ସୋମବାର ବହୁ ମହିଳା ଓ ପୁରୁଷ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ଲାକାର୍ଡ ଧରି ବେଲପଡା ଓ ଖପ୍ରାଖୋଲର ମହିଳା ଓ ପୁରୁଷମାନେ ସେଠାରେ ନାରାବାଜି କରିଥିଲେ । ପ୍ରାୟ ୯ ବର୍ଷ ତଳେ ବେଲପଡାର କାଲିଆ ବାରିକଙ୍କ ଝିଅ ଚନ୍ଦ୍ରକାନ୍ତିଙ୍କୁ ଖପ୍ରାଖୋଲ ଥାନା କନ୍ଧେନଝୁଲା ଗ୍ରାମର ଗପ ରାଏଙ୍କ ପୁଅ ଅର୍ଜୁନ ବିବାହ କରିଥିଲେ । ଏବେ ସେମାନଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଗତ ଶୁକ୍ରବାର ଚନ୍ଦ୍ରକାନ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା । ପରିବାର ଲୋକେ ଏହାକୁ ହତ୍ୟା ଘଟଣା କହି ଆତ୍ମହତ୍ୟାର ରୂପ ଦିଆଯାଉଥିବା ଅଭିଯୋଗ କରିଥିଲେ । ଏହି ଘଟଣାରେ ଖପ୍ରାଖୋଲ ଥାନା ପୋଲିସ ମୃତା ଚନ୍ଦ୍ରକାନ୍ତିଙ୍କ ସ୍ୱାମୀ ଅର୍ଜୁନ ଓ ଶାଶୁଙ୍କୁ ଗିରଫ କରିଛି । ପରିବାରର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ପ୍ରତିବାଦରେ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଦର ଏସଡିପିଓ ତୋଫାନ୍ ବାଗ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ । ଏସପି ନିତିନ କୁଶଲକରଙ୍କୁ ଭେଟି ସେମାନେ ଅଭିଯୋଗ କରିବେ ବୋଲି ଜଣାଇଥିଲେ । ଏହାପରେ ସେମାନେ ଏସପି ଅଫିସକୁ ଯାଇଥିଲେ ।

କନ୍ଧେନଝୁଲା ବିବାହିତ ମହିଳା ହତ୍ୟା ଅଭିଯୋଗ ଘଟଣା

ବ୍ୟାଙ୍କ ସରଳୀକରଣ ନେଇ ସଚେତନତା ଶୋଭାଯାତ୍ରା

ଟିଟିଲାଗଡ଼, ୬।୧୨ (ଡି.ଏନ.ଏ)

ଦେଶରେ ବ୍ୟାଙ୍କିଂ ବ୍ୟବସ୍ଥା ସରଳୀକରଣ ନେଇ ୟୁନୋ ଆପ ସମ୍ବନ୍ଧରେ ଲୋକଙ୍କୁ ସଚେତନତା ପାଇଁ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ଏବଂ ବଜାର ଶାଖା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ରବିବାର ସହର ପରିକ୍ରମା କରିଥିଲା । ନୂତନ ଆପ ଯୋଗେ ସାଧାରଣ ଜନତା ତଥା ଗ୍ରାହକ ସିଧାସଳଖ ବ୍ୟାଙ୍କ ସହିତ ଯୋଡି ହୋଇପାରିବେ । ଋଣ ଆବେଦନ, ବିଭିନ୍ନ ପ୍ରକାର ବିନିଯୋଗ ସୁବିଧା, ବୀମା ଆଦି ନେଇ ବ୍ୟାଙ୍କକୁ ଆସି ଧାଡି ଲଗାଇବାକୁ ପଡିବ ନାହିଁ । ୟୁନୋ ଆପ ଜରିଆରେ ବିନା ଏଟିଏମ କାର୍ଡରେ ଟଙ୍କା ଉଠାଣ କରିପାରିବେ । ରାତିଦିନ ୨୪ ଘଣ୍ଟା ବ୍ୟାଙ୍କ ସେବା ଉପଲବ୍ଧ ହେବ । ଏହି ଆପ ଦ୍ୱାରା ନିଜ ମୋବାଇଲ ଫୋନ ରିଚାର୍ଜ, ବିଭିନ୍ନ ସରକାରୀ ଦେୟ ପ୍ରଦାନ କରିପାରିବେ । ଟିଟିଲାଗଡ ଷ୍ଟେଟବ୍ୟାଙ୍କ ଶାଖା ମୁଖ୍ୟ ପରିଚାଳକ କରୁଣାକର କୁମୁରା, ହିସାବରକ୍ଷକ ଦୀପକ ମହାପାତ୍ର, ଅର୍ଥ ବିଭାଗ ମୁଖ୍ୟ ଅମରେନ୍ଦ୍ର ସାହୁ, କ୍ଷେତ୍ର ଅଧିକାରୀ ଗଣେଶ ନାୟକ, ଲିପୁନ ବେହେରା, ଶିବଶଙ୍କର ପଟ୍ଟନାୟକ, ବଜାର ଶାଖା ପ୍ରବନ୍ଧକ ଲିଙ୍ଗରାଜ ମହାନନ୍ଦ, ସହାୟିକା ସୋନିଆ କେରକେଟା ପ୍ରମୁଖ ଏଥିରେ ସାମିଲ ହୋଇ ଗ୍ରାହକଙ୍କୁ ସଚେତନ କରିଥିଲେ ।

୮ ଦାଦନ ଶ୍ରମିକ ଉଦ୍ଧାର, ୩ ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ, ୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦାଦନ ଶ୍ରମିକ ଚାଲାଣ ବେଳେ ଚଢ଼ାଉ କରି ସୋମବାର ୮ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ କନ୍ଧେନଝୁଲା ଗାଁ ଛକରେ ଏକ ଗାଡି ଯୋଗେ କେତେକ ମହିଳା ପୁରୁଷ ଯାଉଥିବା ଦେଖି ଗାଡି ଅଟକାଇ ପଚାରଉଚରା କରିଥିଲା। ଗାଡିରୁ ପଡ଼ିଆବାହାଲ ପଞ୍ଚାୟତ ଭରୁଆମୁଣ୍ଡା ଗାଁର ପାଞ୍ଚ ମହିଳା, ତିନି ପୁରୁଷ ସହ ଚାରି ଶିଶୁଙ୍କୁ ପୋଲିସ ଉଦ୍ଧାର କରିଥିଲା। ସେମାନଙ୍କୁ କୁଆଡେ ନିଆଯାଉଛି ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୧୧/୨୧)ରୁଜୁ ସହ ବେଆଇନ ଦାଦନ ଚାଲାଣ ଅଭିଯୋଗରେ କଣ୍ଟାବାଞ୍ଜିର ଦାଦନ ମଧ୍ୟସ୍ଥି ଆମର ବଗ, ବିରଞ୍ଚି ବାଗ ଓ ପୂର୍ଣ୍ଣ ବଗର୍ତ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଏଥିସହ ଦାଦନ ସର୍ଦ୍ଦାର କନ୍ଧେନଝୁଲା ଗାଁର ଗୋପ ରାୟଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉଦ୍ଧାର ଦାଦନ ଶ୍ରମିକମାନଙ୍କୁ ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

ଦିଲୀପଙ୍କ ଘରେ ପହଞ୍ଚିଲା ଡାକ୍ତରୀ ଦଳ

ଦିଲୀପଙ୍କ ନିକଟରେ ପହଞ୍ଚି ଥିବା ଖପ୍ରାଖୋଲ ସିଏଚ୍‌ସିର ମେଡିକାଲ ଟିମ୍।

ଲାଠୋର, ୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସାନ କଲୋନୀ ପଡାର ଦିଲୀପ ହିଆଲଙ୍କ ଘରେ ସୋମବାର ପହଞ୍ଚିଥିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଦଳ । ଡା. ସୂରଜ କୁମାର ଦୀପଙ୍କ ନେତୃତ୍ୱରେ ଯାଇଥିବା ମେଡିକାଲ ଟିମ୍ ଦିଲୀପଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଅଗାମୀ ତିନିରୁ ଚାରିଦିନ ମଧ୍ୟରେ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ମେଡିକାଲ ନିଆଯାଇ ମାଇଲୋ ମାଲେସିଆ ଚିକିତ୍ସା କରାଯିବ ବୋଲି ଡା. ଦୀପ କହିଛନ୍ତି।

ଧରିତ୍ରୀ ପ୍ରଭାବ

୭ ବର୍ଷ ତଳେ ଏକ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ ଦିଲୀପ। ଉପଯୁକ୍ତ ଚିକିତ୍ସା ଅଭାବରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରି ନ ଥିଲେ। ଆର୍ଥିକ ଅବସ୍ଥା ଦୁର୍ବଳ ଥିବାରୁ ଉଚ୍ଚତର ଚିକିତ୍ସା କରି ନ ପାରି ପ୍ରାୟ ୩ବର୍ଷ ହେବ ଶଯ୍ୟାଶାୟୀ ଅବସ୍ଥାରେ ଘରେ ପଡି ରହିଛନ୍ତି। ଏ ନେଇ ଡିସେମ୍ବର ୬ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବରକୁ ନେଇ ସାମାଜିକ କର୍ମୀ ରେମାନନ୍ଦ କୁମ୍ଭାର ସିଏମଓ ଓଡିଶା, ମୋ ସରକାର, ୫ଟି, ବଲାଙ୍ଗୀର ଜିଲାପାଳଙ୍କୁ ଟ୍ୱିଟ ଯୋଗେ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ।

ପ୍ରାକ୍ତନ ଛାତ୍ରଙ୍କ ସହଯୋଗ ଲୋଡ଼ିଲେ କଲେଜ କର୍ତ୍ତୃପକ୍ଷ

ଟିଟିଲାଗଡ଼, ୬।୧୨(ଡି.ଏନ.ଏ.)

୫୩ବର୍ଷରେ ପଦାର୍ପଣ କରିଥିବା ବଲାଙ୍ଗୀର ଜିଲା ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଦେଇ ଗତି କରୁଛି। କଲେଜର ପୁରୁଣା କୋଠା ଭଙ୍ଗା ଦଦରା ଅବସ୍ଥାରେ ରହିଛି। ଏହି କଲେଜ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ମୋ କଲେଜ ଅଭିଯାନରେ ପୁରାତନ ଛାତ୍ରଙ୍କ ସହଯୋଗ ଲୋଡିଛନ୍ତି କଲେଜ କର୍ତ୍ତୃପକ୍ଷ। କଲେଜ ପରିସରରେ ରବିବାର ଅଧକ୍ଷ ମେଜର ଡ. ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ କଲେଜ ଅଭିଯାନ ବୈଠକରେ ସହାୟତା ପ୍ରଦାନ ପାଇଁ ଆହ୍ୱାନ ଦିଆଯାଇଛି।

ମହାବିଦ୍ୟାଳୟ କର୍ତ୍ତୃପକ୍ଷ ୟୁଜିସିଅନୁଦାନ ଖର୍ଚ୍ଚ କରି ପାରୁ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ ଟିଟିଲାଗଡ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ। ୧୦ ବର୍ଷ ମଧ୍ୟରେ ନିର୍ମିତ ନୂତନ ମହାବିଦ୍ୟାଳୟ କୋଠା ଭୁଶୁଡି ପଡିଥିବା, ଛାତରୁ ପଙ୍ଖା ଗଳି ପଡୁଥିବା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ମେଜର ଡ. ମଧୁସୂଦନ ମିଶ୍ର ସ୍ୱୀକାର କରିଥିଲେ। ପୁରୁଣା ହୋଇ ଯାଇଥିବା ଶ୍ରେଣୀ କୋଠରିଗୁଡିକ ଆଉ ମରାମତି ହୋଇ ପାରିବା ସ୍ଥିତିରେ ନ ଥିବାରୁ ପୁରାତନ ଛାତ୍ରମାନେ ସହଯୋଗ କରିବାକୁ ଆଗେଇ ଆସିବାକୁ ଅଧକ୍ଷ ମିଶ୍ର ନିବେଦନ କରିଥିଲେ। ମହାବିଦ୍ୟାଳୟ ଜମି ଜବରଦଖଲ ହୋଇ ଚାଲିଥିବା ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ କହିଥିଲେ। ଏ ନେଇ ସେ ମୋ ସରକାରଙ୍କୁ ପୂର୍ବରୁ ପତ୍ର ଲେଖିଥିବା ବୈଠକରେ କହିଥିଲେ।

ଡିଏଭି ସ୍ୱୟଂ ଶାସିତ କଲେଜ ଭିତ୍ତିଭୂମି ବିକାଶ ପ୍ରସଙ୍ଗ

ମୋ କଲେଜ ଅଭିଯାନ ବୈଠକରେ ଉପସ୍ଥିତ ପ୍ରାକ୍ତନ ଛାତ୍ରମାନେ।

ମିଶ୍ର ସ୍ୱୀକାର କରିଥିଲେ। ପୁରୁଣା ହୋଇ ଯାଇଥିବା ଶ୍ରେଣୀ କୋଠରିଗୁଡିକ ଆଉ ମରାମତି ହୋଇ ପାରିବା ସ୍ଥିତିରେ ନ ଥିବାରୁ ପୁରାତନ ଛାତ୍ରମାନେ ସହଯୋଗ କରିବାକୁ ଆଗେଇ ଆସିବାକୁ ଅଧକ୍ଷ ମିଶ୍ର ନିବେଦନ କରିଥିଲେ। ମହାବିଦ୍ୟାଳୟ ଜମି ଜବରଦଖଲ ହୋଇ ଚାଲିଥିବା ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ କହିଥିଲେ। ଏ ନେଇ ସେ ମୋ ସରକାରଙ୍କୁ ପୂର୍ବରୁ ପତ୍ର ଲେଖିଥିବା ବୈଠକରେ କହିଥିଲେ। ଆଗାମୀ ଦିନରେ ସମସ୍ତ ପୁରାତନ ଛାତ୍ରଙ୍କୁ ମହାବିଦ୍ୟାଳୟ ସହ ପୁଣି ଥରେ ଯୋଡିବା ପାଇଁ ଆଲୁମିନି ଡାଇରେକ୍ଟୋରି ପ୍ରକାଶ କରିବା ପାଇଁ ସେ ମତପ୍ରକାଶ କରିଥିଲେ। ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ସୀତାରାମ ପାଣିଗ୍ରାହୀ, ପ୍ରଫୁଲ୍ଲ ସରାଫ, ପୁରାତନ ଛାତ୍ର ତଲା ସ୍ଥାନୀୟ ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋୟଲ, ସତ୍ୟନାରାୟଣ ଅଗ୍ରୱାଲ, ସୁଧୀର ମିଶ୍ର, ରିଙ୍କୁ ଅଗ୍ରୱାଲ, ସନ୍ତୋଷ ମହାନ୍ତି, ଆନନ୍ଦ ଜୈନ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଉନ୍ନତି ପ୍ରୟାସକୁ ଜୋରଦାର କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା।

ଚାଷୀ ମୁହଁରେ ହସ ଫୁଟାଇଲା କ୍ଷେତ ପୋଖରୀ

ଭବାନୀପାଟଣା, ୬।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଜମୁନାପୁର ଗାଁର ଭିକାରୀ ମହାନନ୍ଦ ନାମକ ଜଣେ ଚାଷୀଙ୍କ ଭାଗ୍ୟ ବଦଳାଇ ଦେଇଛି କ୍ଷେତ ପୋଖରୀ ଯୋଜନା। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲା ଜଳ ବିଭାଜିକା ଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ସହାୟତା ପାଇ ସେ ନିଜ କ୍ଷେତରେ ପୋଖରୀ ଖୋଳାଇଛନ୍ତି। ୭୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପୋଖରି ଏମଜିଏନଆରଇଜିଏସ ଯୋଜନା ମାଧ୍ୟମରେ ଗ୍ରାମ ଲୋକଙ୍କୁ କାମ ମିଳିଛି। ଭିକାରୀ ତାଙ୍କ ସ୍ତ୍ରୀ ଭାନୁମତି ଓ ପରିବାରର ଅନ୍ୟ ସଦସ୍ୟ ଏହି ପୋଖରି

କ୍ଷେତ ଯୋଜନାରେ ସବୁଜ ହୋଇଛି ଚାଷ ଜମି ।

ଦ୍ୱାରା ଜୀବନ ଜୀବିକାର ପାଇ ପାରିଛନ୍ତି। ମରୁଡି ପ୍ରପୀଡିତ ଅଞ୍ଚଳ ଭାବରେ ଯେଉଁ ଗାଁ ଦିନେ ଚର୍ଚ୍ଚାକୁ ଆସୁଥିଲା ଆଜି ସେହି ଗାଁର ଭିକାରୀଙ୍କ ଚାଷ ଜମିରେ ଫଳିଛି ସୁନାର ଫସଲ। ପୋଖରୀ ମାଧ୍ୟମରେ ଧାନ ସମେତ, ମାଛ, କଦଳୀ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ହୋଇ ପାରିଛନ୍ତି ସ୍ୱାବଲମ୍ବୀ । ଭବାନୀପାଟଣା ବ୍ଲକ ଅଞ୍ଚଳରେ ମଧ୍ୟ ଅନେକ କ୍ଷେତ ପୋଖରୀ ଖନନ କରାଯାଇଛି ।

ଜୁଆ ଆଡ୍ଡାରେ ଚଢାଉ, ୩ ଗିରଫ

ଲୋଇସିଂହା, ୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ପଣ୍ଡକିଟାଳ ନିକଟ ଜଡାମୁଣ୍ଡାରେ ଘୁଡୁଘୁଡୁ ପଟି ଖେଳ ଚାଲିଥିବା ବେଳେ ସୋମବାର ପୋଲିସ ଚଢାଉ କରିଥିଲା। ସେଠାରୁ ଘୁଡଘୁଡୁ ପଟି ସାମଗ୍ରୀ, ନଗଦ ଟଙ୍କା, ମୋବାଇଲ, ଗୋଟିଏ କାର, ୪ବାଇକ, ୨ଟି ସାଇକେଲ, ୨ଟି ମୋପେଟ ଜବତ କରାଯାଇଛି। ଜୁଆ ଆଡ୍ଡାରୁ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସରଗାଡ ଗ୍ରାମର ଯଦୁ ପାତ୍ର, ଲୁଚକିବାହାଲର ତ୍ରିନାଥ ସାହୁ ଓ ବରଗଡ ଜିଲା ଗାଇସିଲାଟର ରଘୁ ମହାନନ୍ଦ। ଅପରପକ୍ଷେ ଜୁଆ ଖେଳାଉଥିବା ମୁଖ୍ୟ ଅଭିଯୁକ୍ତ ଝାରମୁଣ୍ଡାର ପୂର୍ବତନ ସରପଞ୍ଚ ମନୋଜ କୁମାର ଅଗ୍ରୱାଲଙ୍କ ସମେତ ବହୁ ଜୁଆଡି ଫେରାର ହୋଇଯାଇଥିବା ପୋଲିସ କହିଛି। ପୋଲିସ ସୂଚନା ମତେ, ମନୋଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଡାମୁଣ୍ଡାଠାରେ ଘୁଡଘୁଡୁ ପଟି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପ

ସଂକ୍ଷେପରେ

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୦ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୬।୧୨(ନି.ପ୍ର.): ସୁବର୍ଣ୍ଣପୁର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ୫୯ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶ, ସର୍ଜେଣ୍ଟ ବିଶ୍ୱନାଥ ଜେନା ଓ ଅଧ୍ୟାପକ ଆଶିଷ ଅଗ୍ରୱାଲା ଯୋଗ ଦେଇଥିଲେ। ଶିବିରରେ କାର୍ଯ୍ୟରତ ଗୃହରକ୍ଷୀ, ଏନସିସି ଛାତ୍ର ଓ ସାମାଜିକକର୍ମୀ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

ନାମଫଳକ ବାଟୋଇଙ୍କୁ କରୁଛି ବିଭ୍ରାନ୍ତ

ଦେଣ୍ଡୁପଦର ବଦଳରେ ଦେଣ୍ଡୁପାଲି

ବିନିକା,୫।୧୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ମୁଖ୍ୟରାସ୍ତା ସଂଲଗ୍ନ ଦେଣ୍ଡୁପଦର ଗ୍ରାମକୁ ଯାଇଥିବା ରାସ୍ତାର ପ୍ରାରମ୍ଭରେ ଏକ ନାମଫଳକ ଆରଡି ବିଭାଗ ପକ୍ଷରୁ ଲଗାଯାଇଛି। ଏହି ଫଳକରେ ଗ୍ରାମର ନାମ ଦେଣ୍ଡୁପଦର ପରିବର୍ତ୍ତେ ଦେଣ୍ଡୁପାଲି ଉଲ୍ଲେଖ ରହିଛି। ଗ୍ରାମର ନାମ ଫଳକରେ ଏପରି ତ୍ରୁଟି ହେବା କାରଣରୁ ବାଟୋଇମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନାମ ଫଳକରେ ଦେଣ୍ଡୁପାଲି ବଦଳରେ ଦେଣ୍ଡୁପଦର ନାଁ ଦର୍ଶାଗଲେ ସାଧାରଣ ବାଟୋଇମାନେ ଉପକୃତ ହୋଇପାରିବେ ।

୬୩ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୬।୧୨: ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ନୂଆଗଡ଼ରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନିଷ୍ଠା ପରିବାର ପକ୍ଷରୁ ଆୟୋଜିତ ଶିବିରରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ସୁମିତ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଷ୍ଠା ପରିବାର ପକ୍ଷରୁ ସ୍ଥାନୀୟ ମେଭିସ୍ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୬।୧୨: ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସରକାର ବହୁବିଧ ଯୋଜନା ହାତକୁ ନେଇଛନ୍ତି । ମାତ୍ର ସେସବୁ କେବଳ ଯୋଜନାରେ ସୀମିତ ରହି ଯାଉଛି। ଏଭଳି ଅଭିଯୋଗ ନେଇ ସୋମବାର ଓଡ଼ିଶା ସ୍ପେଶାଲ ଏଜୁକେଶନ ଫେଡ଼େରେଶନ ଫର୍ ଦିବ୍ୟାଙ୍ଗ (ଓଏସଇଏଫଡି) ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟସ୍ତରରେ ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସକାଶେ ଆରପିଡବ୍ଲ୍ୟୁଡି ଆକ୍ଟ ୨୦୧୬ରେ ଦର୍ଶାଯାଇଛି। ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ବ୍ଲକ ସ୍ତରରେ ସରକାର ୨ଜଣ ଲେଖାଏଁ ବିଆରଟି ନିଯୁକ୍ତ କରିଛନ୍ତି। ମାତ୍ର ଗୋଟିଏ ବ୍ଲକ ପାଇଁ ୨ଜଣ ବିଆରଟି ବ୍ଲକ ସାରା ବୁଲି ପିଲାଙ୍କୁ ଶିକ୍ଷାଦାନ କରିବା ସମ୍ଭବ ନୁହେଁ। ଫଳରେ ପ୍ରତି ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

ଫସଲ ଉଜାଡିଲେ ହାତୀପଲ

ଅମରପାଲି, ୬।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ହାତିଲିମୁଣ୍ଡା ଫରେଷ୍ଟ ବିଟ୍ ଅଞ୍ଚଳରେ କମୁନି ହାତୀ ଉପଦ୍ରବ। ପ୍ରାୟ ୧୭ଟି ହାତୀ ଥିବା ଏକ ହାତୀପଲ ଅଞ୍ଚଳର ବିଭିନ୍ନ ଚାଷ ଜମିରେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ରବିବାର ବିଳମ୍ବିତ ରାତିରେ ଉକ୍ତ ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ଆସି ବହଲପଦର ପଞ୍ଚାୟତ ଅନ୍ତର୍ଗତ ପାତରପାଲି ଗାଁର ଚାଷୀଙ୍କ ଜମିରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି। ରାଜେନ୍ଦ୍ର ସାହୁ, ସଦାନନ୍ଦ ସାହୁ ତାଙ୍କ ଧାନ, ମୁଗ ଓ ହରଡ ଫସଲ ହାତୀ ଉପଦ୍ରବରେ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ହାତିଲିମୁଣ୍ଡା ବନପାଳ ଅଜୟ କୁମାର ବାରା ପ୍ରକାଶ କରିଛନ୍ତି।

ଫସଲବୀମା ଯୋଜନା ବାଟବଣା।

- ଆରମ୍ଭରୁ ବୀମା କମ୍ପାନୀର ଚଞ୍ଚକତା
- କ୍ରପକଟିଂ ସମୟରେ କମ୍ପାନୀର ଆଳ
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ଦାବି ପୂରଣ ନ ହେଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୬।୧୨

ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ବୀମା କମ୍ପାନୀର ଚଞ୍ଚକତା । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କ୍ଷତିଗ୍ରସ୍ତ ଚାଷୀମାନେ ଯେଭଳି ବୀମା କ୍ଷତିପୂରଣ ପାଇ ପାରିବେ ନାହିଁ, କମ୍ପାନୀ ବିଭିନ୍ନ ଆଳ ଦେଖାଇ ସେଭଳି ବ୍ୟବସ୍ଥା ଆପଣେଇଛି । ଏଭଳି ଅଭିଯୋଗ ନେଇ ସୋମବାର ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଗତବର୍ଷଠାରୁ ଭୁଲେଖକୁ କମ୍ପ୍ୟୁଟର ଲିଙ୍କ୍ କରାଯାଇଛି। ଫଳରେ ଗୋଟିଏ ପ୍ଲଟର ଏକାଧିକଥର ଫସଲବୀମା ହେବାର ସମ୍ଭାବନା ନାହିଁ। ଚଳିତ ଖରିଫ ଋତୁର ଫସଲବୀମା ପ୍ରିମିୟମ ଦେୟ ଅବଧି ଗତ ଜୁଲାଇ ୩୧ ଏବଂ ବୀମା ଆବେଦନର ଯାଞ୍ଚ ଅବଧି ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ରହିଥିଲା। ଗତ ଅକ୍ଟୋବର ମାସରୁ କ୍ରପ୍ କଟିଂ ଚାଲିଛି। ତେବେ ସ୍ୱଳ୍প ବୃଷ୍ଟିପାତ ଯୋଗୁ ଜିଲାର ପଦ୍ମପୁର ଉପଖଣ୍ଡ ସମେତ ଅନ୍ୟ ଅଣଜଳସେଚିତ ଅଞ୍ଚଳରେ ମରୁଡ଼ି ସ୍ଥିତି ଉପୁଜି ଥିବାବେଳେ କ୍ରପ୍ କଟିଂ ନେଇ ବୀମା କମ୍ପାନୀ କର୍ମଚାରୀମାନେ ଚଞ୍ଚକତା କରୁଥିବା ଅଭିଯୋଗ ହୋଇଛି । କମ୍ପାନୀକୁ ସୁହାଇବା ଭଳି ପ୍ଲଟ୍ ନ ହେଲେ କମ୍ପାନୀ କର୍ମଚାରୀମାନେ ସମ୍ପୃକ୍ତ କ୍ରପ୍ କଟିଂ ସ୍ଥାନ ଛାଡ଼ି ଚାଲିଯାଉଛନ୍ତି। ପ୍ଲଟ୍ ସ୍ଥିର କରିବାରେ ସେମାନେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଛି। ସେହିପରି କ୍ରପ୍ କଟିଂ ଆରମ୍ଭ ହେବା ପରେ ଚାଷୀଙ୍କୁ କ୍ଲେମ ଅନୁଯାୟୀ ବୀମା କ୍ଷତିପୂରଣ ଦେବାର ଆବଶ୍ୟକତା ପଡୁଥିବା ଜାଣିପାରି ସମ୍ପୃକ୍ତ ଚାଷୀଙ୍କ ବୀମା ଆବେଦନପତ୍ରକୁ ନାନା ଆଳରେ ରଦ୍ଦ କରୁଥିବା ଏବଂ ପ୍ରିମିୟମ ରାଶି ଫେରସ୍ତ ଭଳି ଅଭିଯୋଗ ହୋଇଛି। ଏଭଳି ଭାବେ ଜିଲାର ବହୁସଂଖ୍ୟକ ଯୋଗ୍ୟ ଚାଷୀଙ୍କ ବୀମା ଆବେଦନକୁ ରଦ୍ଦ କରି କମ୍ପାନୀ ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟକୁ ପ୍ରିମିୟମ ରାଶି ଗତ ନଭେମ୍ବର ମାସରୁ ଫେରସ୍ତ କରି ଚାଲିଥିବା ଚାଷୀ ସଙ୍ଗଠନ ଅଭିଯୋଗ କରିଛି। ବୀମା କମ୍ପାନୀର ଏଭଳି ଚଞ୍ଚକତା ଯୋଗୁ ଜିଲାର ଅନେକ ମରୁଡ଼ି କ୍ଷତିଗ୍ରସ୍ତ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇଛି। ଏଭଳି ଅଭିଯୋଗ ଆଣି ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି ୫ଦଫା ଦାବି କରିଛି। ଆସନ୍ତା ୨୨ତାରିଖ ସୁଦ୍ଧା ଉକ୍ତ ଦାବି ସମୂହ ପୂରଣ ନ ହେଲେ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଉତ୍ତେଜନା ରୋକିବାକୁ କଟକଣା।

ବରଗଡ଼ ଅଫିସ୍,୬।୧୨

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଗୌରେନମୁଣ୍ଡାରେ ଉପୁଜିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ପଦ୍ମପୁର ସବଡିଭିଜନାଲ ମାଜିଷ୍ଟ୍ରେଟ୍ ସିଆରପିସି ୧୪୪(୧) ଧାରା ଲାଗୁ କରି ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଗ୍ରାମରେ ନିଜ ଘର ଆଗରେ ୫ରୁ ଅଧିକ ଲୋକ ଏକାଠି ନ ହେବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇ ଦିଆଯାଇଛି। ପ୍ରକାଶଥାଉକି, ଗତ ପ୍ରାୟ ୬ମାସ ହେଲା ଗୌରେନମୁଣ୍ଡା ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଉଭୟ ଗୋଷ୍ଠୀଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି। ତେବେ ଦିନକୁ ଦିନ ଉତ୍ତେଜନା ବଢ଼ିଚାଲିଛି। ଗ୍ରାମର ହରିଜନ ପଡ଼ାବାସୀ ୬ମାସ ହେଲା ବାସନ୍ଦ ଜୀବନଯାପନ କରୁଥିବାବେଳେ ସେମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଥିବା ଅଭିଯୋଗ କରିଛନ୍ତି। ୪ଦିନ ତଳେ ସେମାନଙ୍କ ରାସ୍ତାକୁ ଅପରଗୋଷ୍ଠୀ ଅବରୋଧ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଏହି ବିବାଦର ସମାଧାନ ହୋଇପାରି ନ ଥିବାରୁ ଚାପା ଉତ୍ତେଜନା ଲାଗି ରହିଛି ଏବଂ ଗ୍ରାମରେ ଶାନ୍ତିରକ୍ଷା ପାଇଁ ପ୍ରଶାସନ ଏଭଳି କଟକଣା ଲାଗୁ କରିଛି।

ଚାକିରିରୁ ବହିଷ୍କୃତ ହେଲେ ରାଜସ୍ୱ ନିରୀକ୍ଷକ

ବୌଦ୍ଧ,୬।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ବଘିଆପଡା ସର୍କଲର ତତ୍କାଳୀନ ରାଜସ୍ୱ ନିରୀକ୍ଷକ ଗଜେନ୍ଦ୍ର ଦିଗାଲଙ୍କୁ ରାଜ୍ୟ ସରକାର ଚାକିରିରୁ ବହିଷ୍କୃତ କରିଥିବା ଜଣାପଡିଛି । ଲାଞ୍ଚ ନେଇ ଦୋଷୀ ସାବ୍ୟସ୍ତ ହୋଇଥିଲେ

ଦିଗାଲ ବଘିଆପଡା ରାଜସ୍ୱ ନିରୀକ୍ଷକ ଥିବା ବେଳେ ସୁଦର୍ଶନ ମଲିକ ନାମକ ଜଣେ ବ୍ୟକ୍ତିଙ୍କ ଜମିର ପଟ୍ଟା ପାଇଁ ସୁପାରିଶ କରାଇ ଦେବାକୁ କହି ତାଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ୭ ହଜାର ଟଙ୍କା ଦେବାକୁ କଥା ଛିଡିଥିଲା। ଏନେଇ ସୁଦର୍ଶନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଗତ ୨୯।୧୧।୨୦୧୭ରେ ରାଜସ୍ୱ ନିରୀକ୍ଷକ ଦିଗାଲ ତାଙ୍କ ଠାରୁ ୭ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର ଭିଜିଲାନ୍ସ କେସ ନଂ ୫୪/୧୭ କ୍ରମେ ଏକ ମାମଲା ରୁଜୁ କରାଯାଇଥିଲା। ପରେ ଏହି ମାମଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ କେସ ନଂ ୧୬/୧୭(ଭି) ହୋଇ ବିଚାର ହୋଇଥିଲା। ଗତ ୯।୧୧।୨୦୨୧ରେ ମାମଲାରେ ୯ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶୁଭଦର୍ଶୀ ପଟ୍ଟନାୟକ ରାଜସ୍ୱ ନିରୀକ୍ଷକ ଗଜେନ୍ଦ୍ର ଦିଗାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିଲେ। ଦିଗାଲ ଦୋଷୀ ସାବ୍ୟସ୍ତ ହେବା ପରେ ରାଜ୍ୟ ସରକାର ତାଙ୍କୁ ଚାକରିରୁ ବହିଷ୍କୃତ କରିଥିଲେ। ଏନେଇ ବୌଦ୍ଧ ଜିଲାପାଳଙ୍କ ପତ୍ର ସଂଖ୍ୟା ୯୬୧୨ ତା ୪।୧୨।୨୧ରିଖରେ ଜଣାଇବା ସହ ଏହି ଦିନଠାରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି।

ବୌଦ୍ଧରେ ୫୯ତମ ଗୃହରକ୍ଷୀ ଦିବସ ପାଳିତ

ବୌଦ୍ଧ, ୬।୧୨(ସ୍ୱ.ପ୍ର.)

ବୌଦ୍ଧ ବଲାସିଙ୍ଗାସ୍ଥିତ ରିଜର୍ଭ ପଡିଆଠାରେ ୫୯ତମ ଗୃହରକ୍ଷୀ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରି ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଗୃହରକ୍ଷୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ପରେଡ୍ କମାଣ୍ଡର ବାବୁଲି ହାତୀ ପରେଡ୍ ପରିଚାଳନା କରିଥିବା ବେଳେ ୬୦ ଜଣ ପୋଲିସ ଓ ଗୃହରକ୍ଷୀ ପରେଡ୍‌ରେ ସାମିଲ ହୋଇଥିଲେ। ଶୃଙ୍ଖଳିତ ଭାବରେ ଦାୟିତ୍ୱ ନିର୍ବାହ ପାଇଁ ୯ ଜଣ ଗୃହରକ୍ଷୀଙ୍କୁ ୧ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ, ଡିଏସପି ଧିରେନ୍ଦ୍ର ସ୍ୱାଇଁ, ସାଲେଷ୍ଟିନ ଟିଗା, ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଓ ରିଜର୍ଭ ଇନ୍ସପେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

ଗୃହରକ୍ଷୀ ଦିବସ ପାଳନ ଅବସରରେ ଗୃହରକ୍ଷୀ ବାହିନୀ ।

‘ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ’

ସୋନପୁର,୬।୧୨(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ଲାଇନ ପଡିଆରେ ୫୯ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏସ୍‌ପି ସୀତାରାମ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି ତାଙ୍କ ବକ୍ତବ୍ୟରେ ଗୃହରକ୍ଷୀ ବାହିନୀ ପୋଲିସର ଅଭିନ୍ନ ଅଙ୍ଗ। କୋଭିଡ୍ ମହାମାରୀ ସମୟରେ ଗୃହରକ୍ଷୀମାନେ କୋଭିଡ୍ ଯୋଦ୍ଧା ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରେ ସେବାମୂଳକ କାର୍ଯ୍ୟଠାରୁ ଆରମ୍ଭ କରି, ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଦଙ୍ଗା ରୋକିବାରେ ଗୃହରକ୍ଷୀଙ୍କର କାର୍ଯ୍ୟ ପ୍ରଶଂସନୀୟ। ଚୀନର ଆକ୍ରମଣ ସମୟରେ ପୋଲିସକୁ ସହଯୋଗ କରିବା ପାଇଁ ୧୯୬୨ ମସିହା ଡିସେମ୍ବର ୬ ତାରିଖରେ ଗୃହରକ୍ଷୀ ବାହିନୀ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିକଳ୍ପନା କରାଯାଇଥିଲା ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ରାଜ୍ୟପାଳ ପ୍ରଫେସର ଗଣେଷି ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଗୃହ ସଚିବଙ୍କ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାକୁ ଏସ୍‌ପି ଶତପଥୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ହେମକାନ୍ତ ପାଢୀ, ଜଗଜ୍ଜୀବନ ପଟେଲ, ଡିଏସ୍‌ପି କୁମାରୀ ଦିଶା, ଅନ୍ନପୂର୍ଣ୍ଣା ବେହେରା, ହେମ ସାଗର ନନ୍ଦ, ବିମଳ ବାରିକ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପୁଷ୍ପାଞ୍ଜଳି ନିଙ୍ଗୀ, ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡୋଲାମଣି ଭୋଇ, ରିଜର୍ଭ ଇନିସପେକ୍ଟର ଅମରେନ୍ଦ୍ର ପାଣିଗ୍ରାହୀ, ସର୍ଜେଣ୍ଟ ବିଶ୍ୱନାଥ ଜେନା, ଇନିସପେକ୍ଟର ସତ୍ୟଜିତ୍ ମିଶ୍ର ଓ ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ସେବାମୂଳକ କାର୍ଯ୍ୟ ପାଇଁ ଗୃହରକ୍ଷୀ ମୁକେଶ କୁମାର ପଣ୍ଡା, ବାବୁଲାଲ ତ୍ରିପାଠୀ, ଦାଶରଥି ସିନ୍ଧ୍ରିଆ ଓ ଦିଲ୍ଲିପ ଦେହୁରୀ ଏବଂ ହାବିଲଦାର ମସ୍କରାମ ସାହୁ ଓ ହେମନ୍ତ ସାହୁଙ୍କୁ ଏସ୍‌ପି ଶତପଥୀ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଏସ୍‌ପି ସୀତାରାମ ଶତପଥୀ ଗୃହରକ୍ଷୀ ମୁକେଶ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଗରିବଙ୍କ ଉପରେ ଦାଉ ସାଧୁଛି ପୋଲିସ

ବାଉଁଶୁଣୀ,୬।୧୨(ଡି.ଏନ.ଏ.)

ବୌଦ୍ଧ ଜିଲାର କେତେକ ଜଙ୍ଗଲ ଜମିରେ ଅବାଧରେ ଗଞ୍ଜେଇ ଚାଷ ହେଉଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଖସି ଯାଉଥିବା ବେଳେ ପୋଲିସ ନିରୀହ ଓ ଗରିବ ଲୋକଙ୍କ ଉପରେ ଦାଉ ସାଧୁଥିବା ଅଭିଯୋଗ ହେଉଛି । ନିକଟରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅନ୍ତର୍ଗତ ବିଜାପଦର ଜଙ୍ଗଲର ୧୨୪ ଏକର ଜମିରେ ବେଆଇନ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ ଉପରିସ୍ଥ ଅଧିକାରୀମାନଙ୍କ ସହ ଚଢାଉ କରି ଗଞ୍ଜେଇ ଗଛ ନଷ୍ଟ କରିଥିଲେ । ବେଆଇନ ଗଞ୍ଜେଇ ଚାଷ କରିଥିବା ଅଭିଯୋଗରେ ଜଡାପାଲ ଗ୍ରାମର ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଯାହାକି ଏବେ ଭିନ୍ନ ମୋଡ଼ ନେଇଛି । ଯେ

ସଂକ୍ଷେପରେ

ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳନ

ଭବାନୀପାଟଣା,୬।୧୨(ସ୍ୱ.ପ୍ର): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସୋମବାର ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ପ୍ରଶାସନ ପକ୍ଷରୁ ଡ. ବିଆର ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ,ମୁଖ୍ୟବକ୍ତା ଭାବେ ବିଆର ଆମ୍ବେଡକର ଫାଉଣ୍ଡେଶନ ଟ୍ରଷ୍ଟର ଅଧକ୍ଷ ଡ.ଭବାନୀ ଶଙ୍କର ନିଆଲ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସ, ଡିଆଇପିଆରଓ ମନୋଜ ବେହେରା, ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା, ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ପୌରନିର୍ବାହୀ ଅଧିକାରୀ ବଳୟ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆମ୍ବେଡକରଙ୍କ ଜୀବନ ଶୈଳୀ ଓ ବହୁମୁଖୀ ପ୍ରତିଭା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡିଆଇପିଆରଓ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଧନ୍ୟବାଦ ଦେଇଥିଲେ। ସକାଳେ ରେଲୱେ ଛକ, ନକଟିଗୁଡା ଛକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବେସାହେବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

'ଶାନ୍ତିଶୃଙ୍ଖଳା ରକ୍ଷା, ସେବା ସମର୍ପଣ ହିଁ ଆଦର୍ଶ'

ବଲାଙ୍ଗୀର ଅଫିସ, ୬।୧୨: ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୫୯ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସପି ନୀତୀନ କୁଶଲକର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ବାର୍ତ୍ତା ପଠନ କରିଥିଲେ। ଏସ୍‌ପି କୁଶଲକର ତାଙ୍କ ବକ୍ତବ୍ୟରେ କୋଭିଡ ମହାମାରୀ ସମୟରେ ଗୃହରକ୍ଷୀ ବାହିନୀ ସ୍ୱେଚ୍ଛାସେବୀ କିଭଳି ସେବା ଯୋଗାଇଥିଲେ କହିଥିଲେ। କମାଣ୍ଡର ହେମନ୍ତ କୁମାର ବେହେରା ପାରେଡ ପରିଚାଳନା କରିଥିଲେ। ଏହି ଅବସରରେ ଏସପି କୁଶଲକର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୃହରକ୍ଷୀ ଟିଟିଲାଗଡ ଥାନାର ବିଷ୍ଣୁ ପ୍ରସାଦ ରାୟଗୁରୁ, ଦେଓଗାଁ ଥାନାର ଚକାନୟନ ବଗର୍ତ୍ତୀ, ଖପ୍ରାଖୋଲ ଥାନାର ଲଲାଟେନ୍ଦୁ ବିଶ୍ୱାଳ, ବଲାଙ୍ଗୀର ହେଡକ୍ୱାର୍ଟର୍ସର ସିଦ୍ଧାନ୍ତ ପଧାନ, ସୁଧୀର କୁମାର ଜାଲ, ବେଲପଡା ଥାନାର ସନାତନ ଘିବେଲା ଓ କଣ୍ଟାବାଞ୍ଜି ଥାନାର ଜିତେନ୍ଦ୍ର ଖୁଆସଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠ୍ ପରିଚାଳନା କରିଥିଲେ। ସିଆରପିଏଫ୍ କମାଣ୍ଡାଣ୍ଟ ପଞ୍ଚନ କୁମାର ତିୱାରୀ, ଡା ରଘୁନାଥ ରାମ, ଆଡିସନାଲ ଏସପି ମନୋରଞ୍ଜନ ପ୍ରଧାନ, ଦିଲୀପ ପଟେଲ, ଏସ୍‌ଡିପିଓ ତୋଫାନ୍ ବାଗ, ଡିଏସପି ରବିନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସର ସ୍ୱତନ୍ତ୍ର ଅଭିଯାନ

ବଲାଙ୍ଗୀର ଅଫିସ, ୬।୧୨

ବଲାଙ୍ଗୀର ଏସ୍‌ପି ଅଫିସରୁ ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ପୋଲିସ ଟିମ୍ ବାହାରୁଛନ୍ତି।

- ୯ ଜୋନ୍‌ରେ ବିଭକ୍ତ ହେଲା ସହର
- ୪ ବୋଲେରୋ, ୯ ବାଇକ୍‌ରେ ଚାଲିଛି ପାଟ୍ରୋଲିଂ
- ପୋଲିସ ହାବୁଡରେ ୨୯ ଅଭିଯୁକ୍ତ

ବଲାଙ୍ଗୀର ସହରରେ ଅପରାଧ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏସପି ନୀତୀନ କୁଶଲକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀର ସ୍ୱତନ୍ତ୍ର ସ୍କ୍ୱାଡ ସହରରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡି କରିଛନ୍ତି। ଖୋଦ୍ ଏସପି କୁଶଲକର ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି। ରାତିରେ ସେ ଅନେକ ସ୍ଥାନରେ ପାଟ୍ରୋଲିଂ ବେଳେ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ଏହି ଅଭିଯାନ ଫଳରେ ପୋଲିସ ଇତିମଧ୍ୟରେ ୨୯ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିଛି ମାସ ଭିତରେ ବଲାଙ୍ଗୀର ସହରରେ ଅସାମାଜିକତତ୍ତ୍ୱମାନେ ବେଶ୍ ସକ୍ରିୟ ହୋଇଥିଲେ। ଅନେକ ଅପରାଧ ଘଟାଇ ପୋଲିସ ଓ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ଜଣେ ଯୁବକଙ୍କୁ ହତ୍ୟା କରିବା ଏବଂ ମୃତଦେହକୁ ପେଟ୍ରୋଲ ଢ଼ାଳି ପୋଡିଦେଇଥିଲେ। ଏହି ଘଟଣାର ମୋବାଇଲ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣା ପରେ ବଲାଙ୍ଗୀର ସହରରେ ଭୟ ଓ ଆତଙ୍କର ବାତାବରଣ ଦେଖାଯାଇଥିଲା। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ସହରରେ ବୃଦ୍ଧି ପାଉଥିବା ଆପରାଧିକ ଘଟଣାକୁ ନେଇ ଚିନ୍ତା ପ୍ରକଟ ପାଇଥିଲା। ବିଭିନ୍ନ ପଡାରେ ଚୋରି, ଡକାୟତି, ଲୁଟ୍‌ପାଟ, ମାରପିଟ୍ ଘଟଣା ମଧ୍ୟ ବୃଦ୍ଧି ପାଇଥିଲା। ବିଭିନ୍ନ ମହଲରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଅସାମାଜିକ ତତ୍ତ୍ୱଙ୍କୁ ସାବାଡ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସହରର ବିଭିନ୍ନ ପଡାକୁ ୯ଟି ଜୋନ୍‌ରେ ବିଭକ୍ତ କରାଯାଇ ୪ଟି ବୋଲେରୋ ଏବଂ ୯ଟି ବାଇକ୍ ଯୋଗେ ପାଟ୍ରୋଲିଂ ଆରମ୍ଭ କରାଯାଇଛି। ସଦର ଏସ୍‌ଡିପିଓ ତୋଫାନ୍ ବାଗ, ଜଣେ ଡିଏସ୍‌ପି, ଟାଉନ୍ ଥାନା ଅଧିକାରୀ, ଦୁଇଜଣ ସବ୍‌ଇନ୍ସପେକ୍ଟରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ ସହରର ବିଭିନ୍ନ ପଡା, ମୁଖ୍ୟରାସ୍ତା, ଗଳିରାସ୍ତା, ସହର ଉପାନ୍ତ ଅଞ୍ଚଳ, ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ୍ ରୋଡ, ହସ୍ପିଟାଲ ଏବଂ ବିଭିନ୍ନ ଛକରେ ପଇଁତରା ମାରୁଛନ୍ତି। ଏହି ପାଟ୍ରୋଲିଂ ବେଳେ ଡକାୟତି ଉଦ୍ୟମ କରୁଥିବା, ସନ୍ଦିଗ୍ଧ ବ୍ୟକ୍ତି, ନିଶାଖୋର, କଫ୍ ସିରପ ବ୍ୟବସାୟୀଙ୍କ ମଧ୍ୟରୁ ପୋଲିସ ୨୯ ଜଣଙ୍କୁ ଗିରଫ କରିଛି। ଏହି ପେଟ୍ରୋଲିଂ ପରେ ସହରରେ ଅସାମାଜିକ ତତ୍ତ୍ୱଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି।

୬ ବର୍ଷ ହେଲା ଶଯ୍ୟାଶାୟୀ ମୋହନ

ନୂଆପଡା ଅଫିସ,୬।୧୨

ସହାୟତା ପାଇଁ ସ୍ତ୍ରୀଙ୍କ ଆକୁଳ ନିବେଦନ

ମୋହନ ଲାଲ ସାହୁଙ୍କୁ ସ୍ତ୍ରୀ ଓ ପୁଅ ଧରି ଅନ୍ୟତ୍ର ନେଉଛନ୍ତି।

ଦିନ ଥିଲା କ୍ଷେତରେ ପରିଶ୍ରମ କରି ନିଜ ପରିବାର ଚଳାଉଥିଲେ ମୋହନ। କିନ୍ତୁ ହଠାତ୍ ତାଙ୍କର ଗୋଡ ହାତ ଅକାମି ହୋଇଗଲା। କୌଣସି ଅଜଣା ରୋଗରେ ପୀଡିତ ହୋଇଥିଲେ ହେଁ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ଠିକ୍ ସମୟରେ ହୋଇ ପାରିଲେ ନାହିଁ। ଫଳରେ ୬ ବର୍ଷ ହେଲା ଭାଗ୍ୟକୁ ଆଦରି ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି। ଜୀବନ ସହ ସଂଘର୍ଷ କରୁଥିବା ମୋହନଙ୍କ ଜୀବନ ବଞ୍ଚାଇବା ପାଇଁ ସରକାରୀ ସହାୟତା ଦେବା ପାଇଁ ଆକୁଳ ନିବେଦନ କରିଛନ୍ତି ତାଙ୍କ ସ୍ତ୍ରୀ। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ। ଏହି ଗାଁରେ ରୁହନ୍ତି ମୋହନ ଲାଲ ସାହୁ (୫୫)। ଚାଷ କାମ କରି ନିଜର ଏକମାତ୍ର ପୁଅ ଓ ସ୍ତ୍ରୀଙ୍କୁ ନେଇ ସଂସାର ଚଳାଉ ଥିଲେ। ହେଲେ ଅଜଣା ରୋଗରେ ପୀଡିତ ହେବା ପରେ ଅସ୍ୱାଭାବିକ ଭାବେ ତାଙ୍କ ଶରୀର ଥରିବାକୁ ଲାଗିଥିଲା। କାମ ଧନ୍ଦା କରି ପାରିଲେ ନାହିଁ। ଘରେ ଯାହା କିଛି ସମ୍ବଳ ଥିଲା ଓ ଧାର କରଜ କରି ପରିବାର ଲୋକେ ମୋହନଙ୍କୁ ରାୟପୁର, ଭବାନୀପାଟଣା, ବିଶାଖାପାଟଣା, ବଲାଙ୍ଗୀର ,ପାଇକମାଲ, ବୁର୍ଲା ଡାକ୍ତରଖାନା ନେଇ ଦେଖାଇ ଚିକିତ୍ସା କରାଇ ଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ସ୍ତ୍ରୀ ମାନବାଇ ଓ ପୁଅ ଶିବ କୁମାର ମୂଳ ଲାଗିଲେ ଘରେ ଚୁଲି ଜଳୁଛି। ଏପଟେ ବିଛଣାରେ ପଡି ରହି ଛଟପଟ ହେଉଛନ୍ତି ମୋହନ। ସରକାରୀ ସହାୟତା କହିଲେ ଏହି ପରିବାରକୁ ମିଳୁଛି କେବଳ ଟଙ୍କିଆ ଚାଉଳ। ଏ ସଂକ୍ରାନ୍ତରେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରାଙ୍କୁ ପଚାରିବାରେ ସେହି ଗାଁକୁ ଡାକ୍ତରୀ ଦଳ ପଠାଯିବା ସହିତ ଚିକିତ୍ସା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।

ରନ୍ଧ୍ୟାଲଷ୍କାର ଫୁଟ୍‌ବଲ

ନାଇକେନସିରା ଚାମ୍ପିୟନ

ଦେଓଗାଁ ୬।୧୨(ଡି.ଏନ.ଏ.)

ଚାମ୍ପିୟନ ନାଇକେନସିର ଦଳକୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ଖେଳପଡିଆରେ ସିଲେଟକାନୀ ଫୁଟବଲ ଟିମ ତରଫରୁ ଚାଲିଥିବା ୧୨ତମ ରୟାଲ ଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନାଇକେନସିରା ଓ ସମରା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ସମରା ଦଳ ପକ୍ଷରୁ ସୁଶାନ୍ତ ଭୂଏ ଗୋଲଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧର ଶେଷ ସମୟରେ ନାଇକେନସିରା ଦଳ ପକ୍ଷରୁ ଜିତୁ ଧରୁଆ ଗୋଲ ସ୍କୋର କରି ଖେଳକୁ ବରାବର କରିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ନାଇକେନସିରା ଦଳ ୫–୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଶଶୀ ବେହେରା ଖେଳ ପରିଚାଳନା କରିଥିଲେ। ଲାଇନରେ ରାକେଶ ଗଡତ୍ୟା ଓ ଜିତୁ ବଗର୍ତ୍ତି ସହଯୋଗ କରିଥିଲେ। ଲକ୍ଷ୍ମୀ ପ୍ରସାଦ ମେହେରଙ୍କ ସଭାପତିତ୍ୱ ତଥା ଭଗବାନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁଶୀଳ କୁମାର ଚାନ୍ଦ, ସମ୍ମାନୀତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ଧୂବଲେ ରାଉତ, ଡା. ଶଶୀଭୂଷଣ ସାହୁ, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ସିଲେଟକାନୀ ଫୁଟବଲ ଟିମର ସଦସ୍ୟମାନେ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ଟ୍ରକ୍ ପଛରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ରୂପାରୋଡ/ନର୍ଲା,୬।୧୨ (ଡି.ଏନ.ଏ.) ନର୍ଲା ବ୍ଲକ ବାଲିପଡା ନିକଟରେ ରବିବାର ରାତିରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଓଡି୦୮ ସି୨୨୩୧ ନଂ ବାଇକ୍‌ରେ ଯାଉଥିବା ବେଳେ ଛିଡା ହୋଇଥିବା ଏକ ୨୦ ଚକିଆ ଟ୍ରକ ପଛପଟେ ପିଟି ହୋଇ ଯାଇଥିଲେ। ନର୍ଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

ଭବାନୀପାଟଣା,୬।୧୨(ସ୍ୱ.ପ୍ର.)

ଇନ୍ଦ୍ରାବତୀ ବାମ କେନାଲ

ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର କମ୍ ରହିଥିବାରୁ ରବି(ଡାଲୁଅ) ଧାନ ଚାଷ ପାଇଁ ମଙ୍ଗଳପୁର ହାତୀ ବ୍ୟାରେଜରୁ ୩୨କିମି ଦୂର ଗୁନଗୁନିଆ ଡିଷ୍ଟ୍ରିବୁଟାରୀ ପର୍ଯ୍ୟନ୍ତ କେନାଲ ପାଣି ଛଡାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ତଳ ମୁଣ୍ଡର ଚାଷୀମାନେ ବିରୋଧ କରିଛନ୍ତି। ରବି ଚାଷ ପାଇଁ ଉପରୋକ୍ତ ଡିଷ୍ଟ୍ରିବୁଟାରୀର ତଳ ଭାଗରେ ଥିବା ଜଳତାମୁଣ୍ଡାରୁ –ପୋଢବେଡା ଡିଷ୍ଟ୍ରିବୁଟାରୀ ୪୨ କିମି ପର୍ଯ୍ୟନ୍ତ ଜଳସେଚନ କରିବା ଦାବି ନେଇ ସୋମବାର ଜିଲାର ମୁଖୀଗୁଡାସ୍ଥିତ ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ସ୍ଥାନୀୟ ଚାଷୀ। ଏହାପୂର୍ବରୁ ଚାଷୀମାନେ କଳାହାଣ୍ଡି ଜିଲାପାଳ, ଇନ୍ଦ୍ରାବତୀ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଏକ ଚାଷୀ କମିଟି କରିବାକୁ ପ୍ରଶାସନ ପକ୍ଷରୁ ଧର୍ମଗଡ ଉପଜିଲାପାଳଙ୍କ ଉପସ୍ଥିତିରେ କୁସୁମଖୁଣ୍ଟି ଡିଭିଜନ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ଚାଷୀ କମିଟି ଗଠନ ପରେ ମଧ୍ୟ ପ୍ରଶାସନିକ ଓ ଇନ୍ଦ୍ରାବତୀ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ବାଧ ହୋଇ ଚାଷୀମାନେ ମୁଖୀଗୁଡା ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଞ୍ଚଳର ଚାଷୀ ନେତା ଦେବେନ୍ଦ୍ର ପଟ୍ଟଯୋଷୀଙ୍କ ନେତୃତ୍ୱରେ ଚାଷୀ ଲିଙ୍ଗରାଜ ବେହେରା, ଲବକାନ୍ତ ନାଏକ, ସୁଦର୍ଶନ ବେହେରା, ତପନ ମୁଣ୍ଡ, ପରମେଶ୍ୱର ବାଗ, କୁଶଧର ବେହେରା ପ୍ରମୁଖ ଅନେକ ଚାଷୀ ଘେରାଉରେ ସାମିଲ ଥିଲେ।

ଚାଷୀମାନେ ମୁଖୀଗୁଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

PARADIP PORT TRUST

e-TENDER CALL NOTICE

No. TD/TM/GEN-225(Vol-III)/20/2283 dtd. 02.12.2021

Name of the work **"Allotment of 09 (Nine) nos. of Manual Iron Ore/Iron Ore Pellet Plots".**
License Fees: **Rs. 2,35,85,958/-.**
Wharfage Fees: **Rs. 6,17,041/-.**
Last date and time of Submission of bid: **23.12.2021 up to 15:00 Hrs.**
Date and time of Opening (technical bid): **23.12.2021 up to 16:00 Hrs.**
Refer our website for details **https://eprocure.gov.in/eprocure/app.**

Traffic Manager

PPT/PR/127/21-22 Dated: 6.12.2021

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523
No. B-749

INVITATIONS FOR BIDS (IFB)

File No-B-I-H.E.-41/2021/ 44977 / Bhubaneswar, the 26th Nov. 2021

Invitation for Bids
1st Corrigendum
Tender Reference No. C.E. (B)-22/2021-22

Name of the Work- "Construction of Center of Excellence & Science Laboratories in N.C. College, Jajpur".

The following changes have been made in Bid Identification No. C.E.(B)-22/2021-22

1. Bid documents such as DTCN /BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.06.12.2021 to 17 hours of dt.21.12.2021** instead of **dt.26.11.2021 to dt.13.12.2021** for ONLINE BIDDING respectively.
2. Online bids shall be received till **17.00 hours of dt.21.12.2021** instead of **dt.13.12.2021.**
3. The technical bids will be opened at **11.30 A.M. of dt.22.12.2021** instead of **dt.14.12.2021.**

All other terms and conditions remain unchanged.

Sd./- Chief Engineer (Buildings)
OIPR-34117/11/0081/2122 **Odisha, Bhubaneswar**

ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଇସ୍ତାହାର

ସଂଖ୍ୟା: ୫୦୯୮ ତାରିଖ: ୦୪।୧୨।୨୦୨୧

No. F-238: ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତାଂ୩।୧୦୮।୧୯୯୮ରିଖ ପରିଶିଷ୍ଟ – VI ନିୟମ 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନ ଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର)ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

Sl. No.	Conversion Case No.	Name of the Applicant	Khata No.	Mouza	Revenue Plot No.	House No./ Layout Lot No.	Area (in Ac.)	Location of Housing Project
1	20/2017	ପ୍ରଦୀପ ଚନ୍ଦ୍ର ଦେଓ	109	R.T.U. - 41	290/P, 295/P	C^4 - 19	0.085	ସିଭିଲ

ସଂକ୍ଷେପରେ

ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳନ

ଭବାନୀପାଟଣା,୬।୧୨(ସ୍ୱ.ପ୍ର): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସୋମବାର ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ପ୍ରଶାସନ ପକ୍ଷରୁ ଡ. ବିଆର ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ,ମୁଖ୍ୟବକ୍ତା ଭାବେ ବିଆର ଆମ୍ବେଡକର ଫାଉଣ୍ଡେଶନ ଟ୍ରଷ୍ଟର ଅଧକ୍ଷ ଡ.ଭବାନୀ ଶଙ୍କର ନିଆଲ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସ, ଡିଆଇପିଆରଓ ମନୋଜ ବେହେରା, ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା, ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ପୌରନିର୍ବାହୀ ଅଧିକାରୀ ବଳୟ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆମ୍ବେଡକରଙ୍କ ଜୀବନ ଶୈଳୀ ଓ ବହୁମୁଖୀ ପ୍ରତିଭା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡିଆଇପିଆରଓ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଧନ୍ୟବାଦ ଦେଇଥିଲେ। ସକାଳେ ରେଲୱେ ଛକ, ନକଟିଗୁଡା ଛକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବେସାହେବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

'ଶାନ୍ତିଶୃଙ୍ଖଳା ରକ୍ଷା, ସେବା ସମର୍ପଣ ହିଁ ଆଦର୍ଶ'

ବଲାଙ୍ଗୀର ଅଫିସ, ୬।୧୨: ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୫୯ତମ ଗୃହରକ୍ଷା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସପି ନୀତୀନ କୁଶଲକର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ବାର୍ତ୍ତା ପଠନ କରିଥିଲେ। ଏସ୍ପି କୁଶଲକର ତାଙ୍କ ବକ୍ତବ୍ୟରେ କୋଭିଡ ମହାମାରୀ ସମୟରେ ଗୃହରକ୍ଷୀ ବାହିନୀ ସ୍ୱେଚ୍ଛାସେବୀ କିଭଳି ସେବା ଯୋଗାଇଥିଲେ କହିଥିଲେ। କମାଣ୍ଡର ହେମନ୍ତ କୁମାର ବେହେରା ପାରେଡ ପରିଚାଳନା କରିଥିଲେ। ଏହି ଅବସରରେ ଏସପି କୁଶଲକର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୃହରକ୍ଷୀ ଟିଟିଲାଗଡ ଥାନାର ବିଷ୍ଣୁ ପ୍ରସାଦ ରାୟଗୁରୁ, ଦେଓଗାଁ ଥାନାର ଚକାନୟନ ବଗର୍ତ୍ତୀ, ଖପ୍ରାଖୋଲ ଥାନାର ଲଲାଟେନ୍ଦୁ ବିଶ୍ୱାଳ, ବଲାଙ୍ଗୀର ହେଡକ୍ୱାର୍ଟର୍ସର ସିଦ୍ଧାନ୍ତ ପଧାନ, ସୁଧୀର କୁମାର ଜାଲ, ବେଲପଡା ଥାନାର ସନାତନ ଘିବେଲା ଓ କଣ୍ଟାବାଞ୍ଜି ଥାନାର ଜିତେନ୍ଦ୍ର ଖୁଆସଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠ୍ ପରିଚାଳନା କରିଥିଲେ। ସିଆରପିଏଫ୍ କମାଣ୍ଡାଣ୍ଟ ପଙ୍କଜ କୁମାର ତିୱାରୀ, ଡା ରଘୁନାଥ ରାମ, ଆଡିସନାଲ ଏସପି ମନୋରଞ୍ଜନ ପ୍ରଧାନ, ଦିଲୀପ ପଟେଲ, ଏସ୍ଡିପିଓ ତୋଫାନ୍ ବାଗ, ଡିଏସପି ରବିନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସର ସ୍ୱତନ୍ତ୍ର ଅଭିଯାନ

ବଲାଙ୍ଗୀର ଅଫିସ, ୬।୧୨

ବଲାଙ୍ଗୀର ଏସପି ଅଫିସରୁ ରାତ୍ରିକାଳୀନ ପେଟ୍ରୋଲିଂ ପାଇଁ ପୋଲିସ ଟିମ୍ ବାହାରୁଛନ୍ତି।

- ୯ଟି ଜୋନ୍‌ରେ ବିଭକ୍ତ ହେଲା ସହର
- ୪ ବୋଲେରୋ, ୯ ବାଇକ୍‌ରେ ଚାଲିଛି ପାଟ୍ରୋଲିଂ
- ପୋଲିସ ହାବୁଡରେ ୨୯ ଅଭିଯୁକ୍ତ

ବଲାଙ୍ଗୀର ସହରରେ ଅପରାଧ ନିୟନ୍ତ୍ରଣ ସହ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏସପି ନୀତୀନ କୁଶଲକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀର ସ୍ୱତନ୍ତ୍ର ସ୍କ୍ୱାଡ ସହରରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡି କରିଛନ୍ତି। ଖୋଦ୍ ଏସପି କୁଶଲକର ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି। ରାତିରେ ସେ ଅନେକ ସ୍ଥାନରେ ପାଟ୍ରୋଲିଂ ବେଳେ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ଏହି ଅଭିଯାନ ଫଳରେ ପୋଲିସ ଇତିମଧ୍ୟରେ ୨୯ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିଛି ମାସ ଭିତରେ ବଲାଙ୍ଗୀର ସହରରେ ଅସାମାଜିକତତ୍ତ୍ୱମାନେ ବେଶ୍ ସକ୍ରିୟ ହୋଇଥିଲେ। ଅନେକ ଅପରାଧ ଘଟାଇ ପୋଲିସ ଓ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ଜଣେ ଯୁବକଙ୍କୁ ହତ୍ୟା କରିବା ଏବଂ ମୃତଦେହକୁ ପେଟ୍ରୋଲ ଢ଼ାଳି ପୋଡିଦେଇଥିଲେ। ଏହି ଘଟଣାର ମୋବାଇଲ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣା ପରେ ବଲାଙ୍ଗୀର ସହରରେ ଭୟ ଓ ଆତଙ୍କର ବାତାବରଣ ଦେଖାଯାଇଥିଲା। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ସହରରେ ବୃଦ୍ଧି ପାଉଥିବା ଆପରାଧିକ ଘଟଣାକୁ ନେଇ ଚିନ୍ତା ପ୍ରକଟ ପାଇଥିଲା। ବିଭିନ୍ନ ପଡାରେ ଚୋରି, ଡକାୟତି, ଲୁଟ୍‌ପାଟ, ମାରପିଟ୍ ଘଟଣା ମଧ୍ୟ ବୃଦ୍ଧି ପାଇଥିଲା। ବିଭିନ୍ନ ମହଲରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଅସାମାଜିକ ତତ୍ତ୍ୱଙ୍କୁ ସାବାଡ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସହରର ବିଭିନ୍ନ ପଡାକୁ ୯ଟି ଜୋନ୍‌ରେ ବିଭକ୍ତ କରାଯାଇ ୪ଟି ବୋଲେରୋ ଏବଂ ୯ଟି ବାଇକ୍ ଯୋଗେ ପାଟ୍ରୋଲିଂ ଆରମ୍ଭ କରାଯାଇଛି। ସଦର ଏସ୍ଡିପିଓ ତୋଫାନ୍ ବାଗ, ଜଣେ ଡିଏସ୍ପି, ଟାଉନ୍ ଥାନା ଅଧିକାରୀ, ଦୁଇଜଣ ସବ୍‌ଇନ୍ସପେକ୍ଟରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ ସହରର ବିଭିନ୍ନ ପଡା, ମୁଖ୍ୟରାସ୍ତା, ଗଳିରାସ୍ତା, ସହର ଉପାନ୍ତ ଅଞ୍ଚଳ, ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ୍ ରୋଡ, ହସ୍ପିଟାଲ ଏବଂ ବିଭିନ୍ନ ଛକରେ ପଇଁତରା ମାରୁଛନ୍ତି। ଏହି ପାଟ୍ରୋଲିଂ ବେଳେ ଡକାୟତି ଉଦ୍ୟମ କରୁଥିବା, ସନ୍ଦିଗ୍ଧ ବ୍ୟକ୍ତି, ନିଶାଖୋର, କଫ୍ ସିରପ ବ୍ୟବସାୟୀଙ୍କ ମଧ୍ୟରୁ ପୋଲିସ ୨୯ ଜଣଙ୍କୁ ଗିରଫ କରିଛି। ଏହି ପେଟ୍ରୋଲିଂ ପରେ ସହରରେ ଅସାମାଜିକ ତତ୍ତ୍ୱଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି।

ବିନିକା ମାର୍କେଟ ୟାର୍ଡରେ ଧାନକିଣା ଆରମ୍ଭ

ବିନିକା, ୬।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ମାର୍କେଟ ୟାର୍ଡରେ ସୋମବାର ଖରିଫ ଧାନକିଣା ପାଇଁ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଜିଲାପାଳ ଆବୋଲି ସୁନୀଲ ନରଓ୍ୱେଣେ ସୋମବାର ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ସିଏସଓ ସୁରେଶ ପାଣିଗ୍ରାହୀ, ଏଆରସିଏସ୍ ପାଣୁ ଚରଣ ସାହୁ, ବିନିକା ଯୋଗାଣ ଅଧିକାରୀ, ବିନିକା ପ୍ୟାକ୍ସ ପ୍ରଶାସକ ଅକ୍ଷୟ ମେହେର, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିନିକା ପ୍ୟାକ୍ସ ଏବଂ ଜୟ ମା ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଚାଷୀଙ୍କ ଧାନକିଣା ଯିବ । ସୋମବାର ମଣ୍ଡିକୁ ଆଣିଥିବା ଜଣେ ଚାଷୀଙ୍କ ଧାନ ୨୦ପ୍ରତିଶତରୁ ଊର୍ଦ୍ଧ୍ୱ ଆଦ୍ରତା ଥିବାରୁ କ୍ରୟ କରାଯାଇ ନ ଥିଲା। ତେବେ ପ୍ରଥମ ଦିନ ଜୟ ମା ତୁଳସୀ ମହିଳା ଗୋଷ୍ଠୀ ୪ଜଣ ଚାଷୀଙ୍କ ଧାନ କିଣିଛି।

ଜିଲାପାଳ ବିନିକା ମାର୍କେଟ ୟାର୍ଡରେ ଧାନକ୍ରୟ ପ୍ରକ୍ରିୟାର ଶୁଭାରମ୍ଭ କରୁଛନ୍ତି।

କଳାକାରଙ୍କ ବିକାଶ ପାଇଁ ମିଳିତ ଉଦ୍ୟମ ଲୋଡ଼ା

ବରଗଡ଼ ଅଫିସ୍,୬।୧୨

ବୈଠକରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ବରଗଡ଼ ଲୋକକଳା ଭବନରେ ରବିବାର ସନ୍ଧ୍ୟାରେ ପଶ୍ଚିମାଞ୍ଚଳ କଳାକାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କଳା, କଳାକାରଙ୍କ ବିକାଶ ପାଇଁ ନିଷ୍ଠାପର ଭାବେ ମିଳିତ ଉଦ୍ୟମର ଆବଶ୍ୟକତା ରହିଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ପାଦକ ଡଃ ତୋଳାମଣି ଶତପଥି କଳା, କଳାକାରଙ୍କ ଉନ୍ନତି ପାଇଁ ପଶ୍ଚିମାଞ୍ଚଳ କଳାକାର ମଞ୍ଚ କାମ କରିବ ବୋଲି କହିଥିଲେ। ଉପସଭାପତି ସୁରଥ କୁଅଁର, ମୀନା ମାଖତ୍ୟା, ସହସମ୍ପାଦକ ଏମ୍ଡ଼ି ଲତିବ, କୋଷାଧ୍ୟକ୍ଷ ଗୋପାଳ ମିଶ୍ର ପ୍ରମୁଖ ସାଙ୍ଗଠନିକ ଆଲୋଚନା କରିଥିଲେ। ନିରଞ୍ଜନ ରଥ, ପଞ୍ଚାନନ ମହାପାତ୍ର, ରବି ବେହେରା, ଶ୍ରୀକାନ୍ତ ନାଏକ, ପ୍ରମୋଦ ଦାଶ, ଚକ୍ରଧର ବିଶି, ସଦାନନ୍ଦ ଜାଲ, ଦେବେନ୍ଦ୍ର ମଟାରି, ହେମସାଗର ମହାପାତ୍ର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଦେଇଥିଲେ। ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୌର ଅଫିସ ଅଚଳ କଲେ ସଫେଇ କର୍ମଚାରୀ

ବରଗଡ଼ ଅଫିସ୍,୬।୧୨

ବରଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ୩ମାସ ହେଲା ଦରମା ମିଳିନି। ଏହାର ପ୍ରତିବାଦରେ ସୋମବାର ସେମାନେ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ଅଚଳ କରି ଦେଇଛନ୍ତି। ଦରମା ମିଳୁ ନ ଥିବାରୁ ସଫେଇ କର୍ମଚାରୀମାନେ ନିଜ ପରିବାର ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦରମା ପ୍ରଦାନ ପାଇଁ ଗତ ୧ତାରିଖରୁ ସେମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରି ଆସୁଛନ୍ତି। ମାତ୍ର ଦରମା ବଦଳରେ କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ଏଭଳି ଅଭିଯୋଗ ନେଇ ଶତାଧିକ ସଫେଇ କର୍ମଚାରୀ ପୂର୍ବାହ୍ନ ପ୍ରାୟ ୧୦ଟାରେ ପୌର କାର୍ଯ୍ୟାଳୟରୁ ସମସ୍ତ କର୍ମଚାରୀଙ୍କୁବାହାର କରିଦେଇ ଫାଟକସମ୍ମୁଖରେ ଧାରଣାରେ ବସିଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ସେମାନେ ଧାରଣାରେ ବସିଥିଲେ ସୁଦ୍ଧା କୌଣସିସମାଧାନ ହୋଇପାରିନଥିଲା।

ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ

ବରଗଡ଼ ଅଫିସ୍,୬।୧୨

ଆଲୋଚନାରେ ଯୋଗ ଦେଇଥିବା ଆଲୋଚକବୃନ୍ଦ ।

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ସମ୍ମିଳନୀ କକ୍ଷରେ ସୋମବାର ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଓ ସଂସ୍କୃତ ସୁରକ୍ଷା ମଞ୍ଚର ମିଳିତ ଆନୁକୂଲ୍ୟରେ 'ସଂକଟରେ ସଂସ୍କୃତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମଗାଁ କଲେଜର ସଂସ୍କୃତ ଅଧ୍ୟାପକ ଶ୍ୟାମସୁନ୍ଦର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଂସ୍କୃତ ଓ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡ଼ିତ। ସଂସ୍କୃତ ବଞ୍ଚିଲେ ଭାରତୀୟ ସଂସ୍କୃତି ବଞ୍ଚି ରହିବ ବୋଲି ସାହୁ ଉଲ୍ଲେଖ କରିଥିଲେ। ପଣ୍ଡିତ ମୁରଲୀଧର କରଶର୍ମା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ସଂସ୍କୃତ ହତାଦର ହେବା ସହିତ ସଙ୍କଟରେ ରହିଥିବା କହିଥିଲେ। ସରକାରୀସ୍ତରରେ ଏହାର ପୃଷ୍ଠପୋଷକତା, ଏଥିପ୍ରତି ଆନ୍ତରିକତାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ସଂସ୍କୃତ ସୁରକ୍ଷା ମଞ୍ଚର ଉପଦେଷ୍ଟା ପଣ୍ଡିତ ହରିଶଙ୍କର ବେହେରା ସଂସ୍କୃତ ଭାଷାର ସୁରକ୍ଷା ପାଇଁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଥିବାବେଳେ ସଂସ୍କୃତ ଭାଷା ପ୍ରତି ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଲୋଡ଼ା ବୋଲି କହିଥିଲେ। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଆଲୋଚନାଚକ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଜିଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ଅଗସ୍ତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଲୋଚନାଚକ୍ରରେ ମତ

PARADIP PORT TRUST

e-TENDER CALL NOTICE

No. TD/TM/GEN-225(Vol-III)/20/2283 dtd. 02.12.2021

Name of the work "**Allotment of 09 (Nine) nos. of Manual Iron Ore/Iron Ore Pellet Plots**".
License Fees: **Rs. 2,35,85,958/-.**
Wharfage Fees: **Rs. 6,17,041/-.**
Last date and time of Submission of bid: **23.12.2021 up to 15:00 Hrs.**
Date and time of Opening (technical bid): **23.12.2021 up to 16:00 Hrs.**
Refer our website for details
https://eprocure.gov.in/eprocure/app.

Traffic Manager

PPT/PR/127/21-22 **Dated: 6.12.2021**

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523
No. B-749

INVITATIONS FOR BIDS (IFB)

File No-B-I-H.E.-41/2021/ 44977 / Bhubaneswar, the 26th Nov. 2021

Invitation for Bids

1st Corrigendum

Tender Reference No. C.E. (B)-22/2021-22

Name of the Work- "Construction of Center of Excellence & Science Laboratories in N.C. College, Jajpur".

The following changes have been made in Bid Identification No. C.E.(B)-22/2021-22

1. Bid documents such as DTCN /BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.06.12.2021 to 17 hours of dt.21.12.2021** instead of **dt.26.11.2021 to dt.13.12.2021** for ONLINE BIDDING respectively.
2. Online bids shall be received till **17.00 hours of dt.21.12.2021** instead of **dt.13.12.2021.**
3. The technical bids will be opened at **11.30 A.M. of dt.22.12.2021** instead of **dt.14.12.2021.**

All other terms and conditions remain unchanged.

Sd./- Chief Engineer (Buildings)
OIPR-34117/11/0081/2122 **Odisha, Bhubaneswar**

ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଇସ୍ତାହାର

ସଂଖ୍ୟା: ୫୦୯୮ ତାରିଖ: ୦୪।୧୨।୨୦୨୧

No. F-238: ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧।୦୮।୧୯୯୮ରିଖ ପରିଶିଷ୍ଟ – VI ନିୟମ 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନ ଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର)ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

Sl. No.	Conversion Case No.	Name of the Applicant	Khata No.	Mouza	Revenue Plot No.	House No./ Layout Lot No.	Area (in Ac.)	Location of Housing Project
1	20/2017	ପ୍ରଦୀପ ଚନ୍ଦ୍ର ଦେଓ	109	R.T.U. - 41	290/P, 295/P	C^4 - 19	0.085	ସିଭିଲ୍ ଟାଉନ୍‌ସିପ୍
2	08/2018	ସୁନିତା ଦେବୀ ଅଗ୍ରୱାଲ	111	R.T.U. - 42	151/738	L - 8	0.110	ସିଭିଲ୍ ଟାଉନ୍‌ସିପ୍
3	37/2018	ପ୍ରଦୀପ କୁମାର ଗୋଏଲ୍	48/ 544	R.T.U. - 42	150/492	R - 10	0.086	ସିଭିଲ୍ ଟାଉନ୍‌ସିପ୍
4	14/2021	ସୁରେନ୍ଦ୍ର ପ୍ରସାଦ ବେହେରା	111	R.T.U. - 42	151/427/P	X - 2	0.172	ସିଭିଲ୍ ଟାଉନ୍‌ସିପ୍
5	86/2021	କାହ୍ନୁ ଚରଣ ଦ୍ୱିବେଦୀ	109	R.T.U. - 41	316/P	E4 - 30	0.040	ସିଭିଲ୍ ଟାଉନ୍‌ସିପ୍
6	91/2021	ଶ୍ରୀମତୀ ପଦ୍ମିନୀ ପଣ୍ଡା	109	R.T.U. - 41	265/P, 264/P, 263/P	P^3 - 13	0.055	ସିଭିଲ୍ ଟାଉନ୍‌ସିପ୍
7	46/2021	ଅକ୍ଷୟ କୁମାର ପ୍ରଧାନ	109	R.T.U. - 41	253/P	J^4 - 1	0.055	ସିଭିଲ୍ ଟାଉନ୍‌ସିପ୍
8	23/2013	ଜୟ ପ୍ରକାଶ ଅଗ୍ରୱାଲ	111	R.T.U. - 42	36/P, 37/P	Q^4 - 11	0.041	ସିଭିଲ୍ ଟାଉନ୍‌ସିପ୍
9	93/2021	ପୂର୍ଣ୍ଣ ନନ୍ଦ ସାହୁ	109	R.T.U. - 41	324/P	G^4 - 3	0.040	ସିଭିଲ୍ ଟାଉନ୍‌ସିପ୍
10	12/2021	କମଲ ପ୍ରୀତ୍ କୌର୍	1/1, 3/1, 10	R.T.U. - 42		T - 4	0.086	ସିଭିଲ୍ ଟାଉନ୍‌ସିପ୍

OIPR-24217/11/0006/2122 ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା।

OFFICE OF THE SUPERINTENDING ENGINEER
RWSS DIVISION, RAIRANGPUR

INVITATION FOR BIDS

E-mail-eerwss_rai@nic.in, eerwss.rai@gmail.com

e-PROCUREMENT NOTICE

IDENTIFICATION No. 31 RWSS/RRPUR- 2021-2022 / Dated 05.12.2021

No. O-1225:- The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - a) Execution of clubbed up PWS schemes to different villages of Karanjia & Thakurmunda Block under RWS&S Division Rairangpur in the District of Mayurbhanj.
2. No. of Packages : -